


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

• ବର୍ଷ–୩୩ • ସଂଖ୍ୟା–୪୧ • ୧୨ ମାର୍ଚ୍ଚ ୨୦୨୬ ଗୁରୁବାର • ଭୁବନେଶ୍ୱର • Vol -33 • Issue-41 • 12th March 2026, Thursday • Bhubaneswar

RNI Regd.No. : 52640/94 Postal Regd.No. : BN-60/25-27

## ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଖର୍ଚ୍ଚ ଦାବି ବିଧାନସଭାରେ ପାରିତ

# ୧୮,୯୫୭.୧୫ କୋଟି ଟଙ୍କାର ବ୍ୟୟ ବରାଦ

ଭୁବନେଶ୍ୱର,୧୧।୩

ନ୍ୟୁଜ୍‌ବ୍ୟୁରୋ



ବୁଧବାର ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପାଇଁ ମୋଟ ୧୮,୯୫୭.୧୫ କୋଟି ଟଙ୍କାର ବଜେଟ୍ ପାରିତ ହୋଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ଆଗତ ଏହି ବଜେଟ୍ ମୁଖ୍ୟତଃ ମହିଳା ସଶକ୍ତିକରଣ, ଶିଶୁ କଲ୍ୟାଣ, ପୁଷ୍ଟି ଏବଂ ଜୀବିକା ବିକାଶ ଉପରେ କେନ୍ଦ୍ରିତ।

ମହିଳା ଓ ଶିଶୁ ବିକାଶ ବିଭାଗ ପାଇଁ ଚଳିତ ବର୍ଷ ଏହି ବ୍ୟୟବରାଦକୁ ବୃଦ୍ଧି କରାଯାଇ ୧୬,୧୫୨.୯୨ କୋଟି ଟଙ୍କାର ବଜେଟ୍ ବ୍ୟୟବରାଦ କରାଯାଇଛି। ଏଥିମଧ୍ୟରୁ ଯୋଜନା ଖର୍ଚ୍ଚ ପାଇଁ ୧୬,୧୨୨.୯୩ କୋଟି ଏବଂ ପ୍ରଶାସନିକ ଖର୍ଚ୍ଚ ପାଇଁ ୨୯.୯୯ କୋଟି ଟଙ୍କା ରଖାଯାଇଛି।

ବିଧାନସଭାରେ ମହିଳା ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗ ଖର୍ଚ୍ଚ ଦାବି ଗୃହୀତ ହେବା ପରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ବିଧାନସଭା ସ୍ଥିତ ତାଙ୍କ ପ୍ରକୋଷ୍ଠରେ ଗଣମାଧ୍ୟମକୁ ବିଭାଗୀୟ ବଜେଟ୍ ବାବଦରେ ବିସ୍ତୃତ ସୂଚନା ଦେଇଛନ୍ତି।

ସେ କହିଛନ୍ତି ନୂତନ ଭାବେ କାର୍ଯ୍ୟକାରୀ ହେବାକୁ ଥିବା ପ୍ରମୁଖ ଯୋଜନା ଗୁଡ଼ିକ ହେଲା, ସମୃଦ୍ଧ ଅଙ୍ଗନବାଡ଼ି ଯୋଜନା। ଯାହାକି ରାଜ୍ୟର ନିଜସ୍ୱ ପାଣ୍ଠିରେ ନୂତନ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ସହ କେତେକ ସ୍ଥାନରେ 'କ୍ରେଚ୍' (ଶିଶୁ ଯତ୍ନ କେନ୍ଦ୍ର) ର ସୁବିଧା ରହିବ। ଏଥିପାଇଁ ୬୩୪.୫୨ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ସମନ୍ୱିତ ବାତ୍ସଲ୍ୟ ସଦନ ଯୋଜାନାରେ ଶିଶୁ ସୁରକ୍ଷାକୁ ସୁଦୃଢ କରିବା ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୨୩ଟି ସମନ୍ୱିତ ବାତ୍ସଲ୍ୟ ସଦନ ପ୍ରତିଷ୍ଠା କରାଯିବ, ଯେଉଁଠାରେ ଶିଶୁ ଗୃହ, ଶିଶୁ କଲ୍ୟାଣ କମିଟି ଓ କିଶୋର ନ୍ୟାୟ ବୋର୍ଡ ଏକାଠି କାର୍ଯ୍ୟ କରିବେ। ଏଥିପାଇଁ ୬୨.୨୮ କୋଟି ଟଙ୍କାର ପ୍ରସ୍ତାବ ରହିଛି । କଳିକା ଯୋଜନାରେ ଓଡ଼ିଶା ରାଜ୍ୟ କ୍ରେଚ୍ ପଲିସି-୨୦୨୫ - ଛଅ ମାସରୁ ଛଅ ବର୍ଷ ବୟସର ଶିଶୁମାନଙ୍କ ଯତ୍ନ ଓ କାର୍ଯ୍ୟରତ ମାଆମାନଙ୍କୁ ସୁରକ୍ଷିତ ଡେ-କେୟାର ସୁବିଧା ଯୋଗାଇବା ଏହାର ଲକ୍ଷ୍ୟ। ସୁଭଦ୍ରା ଶକ୍ତି ସମ୍ବାଦ ଓ ୱେଲନେସ୍ କେନ୍ଦ୍ର ଯୋଜନାରେ ସୁଭଦ୍ରା ହିତାଧିକାରୀଙ୍କ ପାଇଁ ଏକ ଆଲୋଚନା ମଞ୍ଚ 'ସୁଭଦ୍ରା ଶକ୍ତି ସମ୍ବାଦ' ଏବଂ ମହିଳାଙ୍କ ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ 'ସୁଭଦ୍ରା ୱେଲନେସ୍ କେନ୍ଦ୍ର' ସ୍ଥାପନ କରାଯିବ । ସେହିପରି ଶିଶୁ ଖାଦ୍ୟ କେନ୍ଦ୍ର ଯୋଜନାରେ ସାର୍ବଜନୀନ ସ୍ଥାନଗୁଡ଼ିକରେ ମାଆମାନଙ୍କ ପାଇଁ ଶିଶୁ ସ୍ତନ୍ୟପାନ କେନ୍ଦ୍ରମାନ ସ୍ଥାପନ କରାଯିବ। ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନାରେ ଆର୍ଥିକ ଦୁର୍ବଳ ଶ୍ରେଣୀର କନ୍ୟା ସନ୍ତାନଙ୍କ ପାଇଁ ଏହି ଯୋଜନା ଅଧୀନରେ ୨୦,୦୦୦ ଟଙ୍କା (ଭିନ୍ନକ୍ଷମଙ୍କ ପାଇଁ ଅତିରିକ୍ତ ୩,୦୦୦)ର ସଞ୍ଚୟ କରାଯିବ ଏବଂ ସ୍ନାତକ ପରେ ସୁଧ ସହ ୧,୦୦,୦୦୧ ଟଙ୍କା ପ୍ରଦାନ କରାଯିବ।

ଏହା ବ୍ୟତୀତ ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନାରେ ପ୍ରାୟ ୧୪.୭୬ ଲକ୍ଷ ଶିଶୁଙ୍କ ପୋଷାକ, ଜୋତା ଓ ସ୍ୱେଟର ବାବଦକୁ ଆର୍ଥିକ ସହାୟତା ବୃଦ୍ଧି କରାଯାଇଛି। ଏଥିପାଇଁ ୧୧୦.୫୭ କୋଟି ଟଙ୍କାର ବରାଦ ହୋଇଛି । ସୁଭଦ୍ରା ଯୋଜନାରେ ୨୦୨୬-୨୭ ବର୍ଷରେ ପ୍ରାୟ ୧ କୋଟିରୁ (ପୃଷ୍ଠା ୭ରେ)

# ଯୁଦ୍ଧକୁ ନେଇ ମୋଦୀ ଦେଲେ ବଡ଼ ବୟାନ

ନୂଆଦିଲ୍ଲୀ, ୧୧।୩



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେରଳରୁ ନିଜ ଭାଷଣରେ ଯୁଦ୍ଧକୁ ନେଇ ବଡ଼ ବୟାନ ଦେଇଛନ୍ତି। ଯୁଦ୍ଧ ବିଷୟରେ କହିବା ସହ କଂଗ୍ରେସକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ ଯେତେବେଳେ ସମଗ୍ର ବିଶ୍ୱ ଏବଂ ଭାରତ ସରକାର ଉପସାଗରୀୟ ଦେଶ ଗୁଡ଼ିକରେ ଫସି ରହିଥିବା ଭାରତୀୟଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଦିନରାତି କାମ କରୁଛନ୍ତି, କଂଗ୍ରେସ ଦଳ "ରାଜନୀତି" ଏବଂ "ରିଲ" ତିଆରି କରିବାରେ ବ୍ୟସ୍ତ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ବିରୋଧୀ ଦଳ ଏହି ସଙ୍କଟର ଫାଇଦା ଉଠାଇବା ପାଇଁ ଜାଣିଶୁଣି ଉତ୍ତେଜନାମୂଳକ ବୟାନ ଦେଉଛନ୍ତି। ସେ କହିଛନ୍ତି ଯେ କଂଗ୍ରେସ ଦଳ ଏକ ବିଶ୍ୱ ସଙ୍କଟ ମଧ୍ୟରେ ରାଜନୀତି କରୁଛି।

ମୋଦି କହିଛନ୍ତି, "ମୁଁ ଖୁସି ଯେ ଉପସାଗରୀୟ ଦେଶରେ ଥିବା ଆମର ସମସ୍ତ ବନ୍ଧୁ ଦେଶର ସରକାର ଆମର ନାଗରିକଙ୍କ ଯତ୍ନ ନେଉଛନ୍ତି। ସେହି ଦେଶଗୁଡ଼ିକରେ ଆମର ମିଶନ ଏବଂ ଦୂତାବାସ ସେମାନଙ୍କୁ ୨୪ ଘଣ୍ଟିଆ ସହାୟତା ଯୋଗାଇ ଦେଉଛନ୍ତି। କିନ୍ତୁ ଏହା ଏକ ବଡ଼ ଦୁର୍ଭାଗ୍ୟ ଯେ କଂଗ୍ରେସ ଦଳ ଏତେ ବଡ଼ ବିଶ୍ୱ ସଙ୍କଟ ମଧ୍ୟରେ ରାଜନୀତି କରୁଛି। ପରିସ୍ଥିତିକୁ ଆହୁରି ଖରାପ କରିବା ପାଇଁ କଂଗ୍ରେସ ଦଳ ଜାଣିଶୁଣି ଉତ୍ତେଜନାମୂଳକ ଏବଂ ଦାୟିତ୍ୱହୀନ ବୟାନ ଦେଉଛି। ଯାହା ଦ୍ୱାରା ଆମର ଲୋକମାନେ ଏହି ସଙ୍କଟରେ ଫସି ରହିପାରିବେ ଏବଂ ତା'ପରେ ସେମାନେ ମୋଦୀଙ୍କୁ ସମାଲୋଚନା କରି ରିଲ ତିଆରି କରିବାକୁ ଏକ ଅଭିଯାନ ଆରମ୍ଭ କରିପାରିବେ।" "ଉପସାଗର ଏବଂ ପଶ୍ଚିମ ଏସିଆରେ କ'ଣ ଘଟୁଛି ତାହା ବିଷୟରେ ଆପଣମାନେ ସମସ୍ତେ ଚିନ୍ତିତ ହେବା ସ୍ୱାଭାବିକ। ମନେରଖନ୍ତୁ, ଆଜି ବିଜେପି-ଏନଡିଏ ସରକାର କ୍ଷମତାରେ ଅଛି। ଯେତେବେଳେ ଆମର କୌଣସି ନାଗରିକ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି, ଆମେ ସେମାନଙ୍କର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆମର ସମସ୍ତ ପ୍ରୟାସ କରିଛୁ। ଇରାକରୁ ନର୍ସମାନଙ୍କୁ ଉଦ୍ଧାର କରିବା ହେଉ କିମ୍ବା ୟେମେନରେ ଆତଙ୍କବାଦୀଙ୍କ କବଳରୁ ଫାଦର ଟମଙ୍କୁ ଉଦ୍ଧାର କରିବା ହେଉ, ଭାରତ କେବେବି ତାର ନାଗରିକଙ୍କୁ କଷ୍ଟକର ସମୟରେ ପରିତ୍ୟାଗ କରେ ନାହିଁ। ଆଜି ମଧ୍ୟ, ଆମର ପ୍ରୟାସ ହେଉଛି ଯୁଦ୍ଧଗ୍ରସ୍ତ ଦେଶ ଗୁଡ଼ିକରେ ଫସି ରହିଥିବା ଭାରତୀୟଙ୍କ ସୁରକ୍ଷା ସୁନିଶ୍ଚିତ କରିବା" ବୋଲି ମୋଦି କହିଛନ୍ତି।

ଅନ୍ୟପକ୍ଷରେ ବୈଦେଶିକ ମନ୍ତ୍ରୀ ଏସ ଜୟ ଶଙ୍କର ଇରାନର ବୈଦେଶିକ ମନ୍ତ୍ରୀଙ୍କ ସହ ଫୋନରେ ବାର୍ତ୍ତାଳାପ କରିଛନ୍ତି। ଜୟଶଙ୍କର ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଆଲୋଚନାର ବିବରଣୀ ସେୟାର କରିଛନ୍ତି।

## ପାତ୍ରପୁର ତହସିଲର ୩ ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା

ଭୁବନେଶ୍ୱର,୧୧।୩

ନ୍ୟୁଜ୍‌ବ୍ୟୁରୋ

ଗଞ୍ଜାମ ଜିଲ୍ଲା ପାତ୍ରପୁର ତହସିଲର କାକ ରଣା (ପିତା-ଗଣପତି ରଣା), ସୁନୀଲ ନାଏକ (ପିତା-ନାଥ ନାଏକ), ଦଳି ବିଶ୍ୱନାଥ (ପିତା-ଡି. ଲକ୍ଷ୍ମୀ ନାରାୟଣ) (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଇରାନ ସହ ଯୁଦ୍ଧରେ ୧୦ଦିନରେ ଆମେରିକାର ୧୪୦ ସୈନିକ ଆହତ- ପେଣ୍ଟାଗନ।
- ହର୍ମୁଜରେ ଗୁଜରାଟ ଆସୁଥିବା ଜାହାଜ ଉପରେ ଭୟଙ୍କର ହମଲା।
- ନଦିଆରେ ସୀମା ପାର ହେଉଥିବା ସମୟରେ ଆଫଗାନ ନାଗରିକ ଗିରଫ।
- ମଣିପୁରରେ ୩୫ ଏକର ଅଫିମ ଚାଷ ନଷ୍ଟ, ୧୬ କିଲୋଗ୍ରାମ ଗଞ୍ଜେଇ ସହିତ ତିନି ଗିରଫ।
- ମଣିପୁରରେ ପୃଥକ ପୃଥକ ଅପରେସନରେ ଆଠ ଆତଙ୍କବାଦୀ ଗିରଫ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୬,୩୩୧ (+୯୩)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୯୭୦ (+୮୫)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୨୪୮ (+୬୯)

## ରୁପା ଦର

ରୂପା – ପ୍ରତି ଗ୍ରାମ୍ ୩୦୦ (+୦)

# ଯେ କୌଣସି ସମୟରେ ଯୁଦ୍ଧ ଶେଷ ହୋଇପାରେ

ୱାଶିଂଟନ, ୧୧।୩



ଇରାନ ସହ ଯୁଦ୍ଧକୁ ନେଇ ବଡ଼ ବୟାନ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ସେ କହିଛନ୍ତି ଇରାନ ସହ ଯୁଦ୍ଧ ଯେ କୌଣସି ସମୟରେ ଶେଷ ହୋଇପାରେ। ଡୋନାଲ୍ଡ ଟ୍ରମ୍ପ ଦାବି କରିଛନ୍ତି, ଯେବେ ଚାହିଁବି ଏହି ଇରାନ ସହ ଯୁଦ୍ଧ ବନ୍ଦ କରିପାରିବି। ବୁଧବାର ଏକ ଆମେରିକୀୟ ମିଡ଼ିଆ ସାକ୍ଷାତ୍‌କାରରେ ସେ କହିଛନ୍ତି, ଇରାନରେ ସାମରିକ ସ୍ଥଳୀ ଓ ଲକ୍ଷ୍ୟ ସ୍ଥଳ ଉପରେ ବଡ଼ ସ୍ତରରେ ଆକ୍ରମଣ ହୋଇ ସାରିଛି। ଆଉ କିଛି ବାକି ଇରାନ ଟାର୍ଗେଟ୍ କରିବା ପାଇଁ ପାଖାପାଖି କିଛି ବି ଆଉ ରକ୍ଷା ପାଇ ନାହିଁ। ବାସ୍ ଆଉ ଅଳ୍ପ କିଛି ବାକି ଅଛି। ଯେବେ ବି ମୁଁ ଚାହିଁବି, ଏହି ଯୁଦ୍ଧ ବନ୍ଦ ହୋଇଯିବ। ହେଲେ ଟ୍ରମ୍ପ ଏହା ସ୍ପଷ୍ଟ କରିନାହାନ୍ତି ଯେ, ଯୁଦ୍ଧ ସମାପ୍ତ କରିବା ପାଇଁ ଆମେରିକା କେଉଁ ପ୍ରକାରର ରଣନୀତି ଆପଣାଇବ। ହେଲେ ଟ୍ରମ୍ପଙ୍କ ଏହି ବିବୃତ୍ତି ପୂର୍ବରୁ ଆମେରିକା ଓ ଇସ୍ରାଏଲର ଅଧିକାରୀମାନେ କହିଥିଲେ ଯେ, ଏବେ ଯୁଦ୍ଧ ଶେଷ କରିବାର କୌଣସି (ପୃଷ୍ଠା ୭ରେ)

# ପାଖେଉଛି ରାଜ୍ୟସଭା ନିର୍ବାଚନ ବଢୁଛି କ୍ରସ ଭୋଟିଂ ସମ୍ଭାବନା

ଭୁବନେଶ୍ୱର,୧୧।୩

ନ୍ୟୁଜ୍‌ବ୍ୟୁରୋ

ଆଉ ଚାରିଦିନ ପରେ ହେବ ରାଜ୍ୟସଭା ନିର୍ବାଚନ। ହେଲେ ଏବେଠାରୁ ଏହି ନିର୍ବାଚନ ପାଇଁ ପ୍ରମୁଖ ରାଜନୈତିକ ଦଳରେ ଛକାପଞ୍ଝା ଆରମ୍ଭ ହୋଇଯାଇଛି। ପ୍ରମୁଖ ବିରୋଧୀ ଦଳ ବିଜେଡି ପକ୍ଷରୁ ସନ୍ତୃପ୍ତ ମିଶ୍ରଙ୍କୁ ରାଜ୍ୟସଭା ପ୍ରାର୍ଥୀ କରାଯାଇଥିବା ବେଳେ କଂଗ୍ରେସ ସହ ମିଶି କମନ କ୍ୟାଣ୍ଡେଟ୍ ଭାବେ ଦତ୍ତେଶ୍ୱର ହୋତାଙ୍କୁ ପ୍ରାର୍ଥୀ କରାଯାଇଛି। ଅନ୍ୟପକ୍ଷରେ ବିଜେପି ପକ୍ଷରୁ ମନମୋହନ ସାମଲ ଓ ସୁଜିତ କୁମାରଙ୍କୁ ପ୍ରାର୍ଥୀ କରାଯାଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଭାବେ ଦିଲ୍ଲୀପ ରାୟଙ୍କୁ ଦଳ ସମର୍ଥନ ଦେଉଛି। ଏପରି ଅବସ୍ଥାରେ ଚତୁର୍ଥ ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା ସ୍ପଷ୍ଟ ହୋଇଥିବା ବେଳେ ଏହାକୁ ନେଇ କ୍ରସ୍ ଭୋଟିଂ ସମ୍ଭାବନା ବଢ଼ିଛି। ତେବେ ଏହି ପ୍ରସଙ୍ଗରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ରାଜ୍ୟସଭା ନିର୍ବାଚନକୁ ପ୍ରଭାବିତ କରିବା ପାଇଁ ବିଜେପି ପକ୍ଷରୁ ଉଦ୍ୟମ କରାଯାଉଛି। କିନ୍ତୁ ଆମ ଦଳ ଏକାଠି ଅଛି। କ୍ରସ ଭୋଟିଂ ଜମା ହେବନାହିଁ। ରାଜ୍ୟସଭା ଭୋଟ ପୂର୍ବଦିନ ସବୁ ବିଧାୟକ ଏକାଠି ରହିବା ପାଇଁ ବିଜେଡି ବିଧାୟକ ପ୍ରଦୀପ ସାହୁ ସଭାପତିଙ୍କୁ ପ୍ରସ୍ତାବ ଦେଇଛନ୍ତି।

## ଶେରଗଡ଼ ବ୍ଲକ ଅଧକ୍ଷଙ୍କୁ ଆକ୍ରମଣ ଘଟଣାରେ ବାଚସ୍ପତିଙ୍କ ରୁଲିଂ ଦାବି

ଭୁବନେଶ୍ୱର,୧୧।୩

ନ୍ୟୁଜ୍‌ବ୍ୟୁରୋ

ବୁଧବାର ବିଧାନସଭାର ଶୂନ୍ୟ କାଳରେ ଶେରଗଡ଼ ବ୍ଲକ ଅଧକ୍ଷଙ୍କୁ ଆକ୍ରମଣ ଘଟଣା ନେଇ ଗୃହରେ ବିରୋଧୀ ଦଳ ବିଧାୟକ ମାନେ ପ୍ରତିବାଦ ଜଣାଇବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ବାଚସ୍ପତିଙ୍କ ରୁଲିଂ ଦାବି କରିଥିଲେ। ଏହି ଦାବିକୁ କଂଗ୍ରେସ ବିଧାୟକମାନେ ମଧ୍ୟ ସମର୍ଥନ ଜଣାଇଥିଲେ। ଶୂନ୍ୟକାଳରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲିକ ଏହି ପ୍ରସଙ୍ଗ ଉଠାଇ ରାଜ୍ୟର ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବା ନେଇ ଉଦବେଗ ପ୍ରକାଶ କରିବା ସହ ବାଚସ୍ପତି ଏହା ଉପରେ ରୁଲିଂ ଦିଅନ୍ତୁ ବୋଲି ଦାବି କରିଥିଲେ। ତେବେ (ପୃଷ୍ଠା ୭ରେ)

# ବିଜେପିରେ ମିଶିଲେ ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା

ଭୁବନେଶ୍ୱର,୧୧।୩

ନ୍ୟୁଜ୍‌ବ୍ୟୁରୋ

ବାଲେଶ୍ୱରର ପୂର୍ବତନ ବିଜେଡି ସାଂସଦ ରବୀନ୍ଦ୍ର ଜେନା ବୁଧବାର ତାଙ୍କର ଶତାଧିକ ସମର୍ଥକଙ୍କ ସହ ବିଜେପିରେ ଯୋଗଦେଇଛନ୍ତି। ରାଜ୍ୟସଭା ନିର୍ବାଚନ ପୂର୍ବରୁ ଶ୍ରୀ ଜେନା ବିଜେପିରେ ଯୋଗଦେବା ଫଳରେ ରାଜ୍ୟ ରାଜନୀତି ସରଗରମ ହୋଇଛି। ବିଜେପି ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଶ୍ରୀ ଜେନାଙ୍କୁ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସମେତ ଦଳୀୟ କର୍ମକର୍ତ୍ତା ଓ ନେତାମାନେ ସ୍ୱାଗତ ଜଣାଇଥିଲେ। ସେଠାରେ ଦଳୀୟ ନେତାମାନେ ତାଙ୍କୁ ବିଜେପି ଟୋପି ପିନ୍ଧାଇଥିଲେ। ଏହାପରେ ଶ୍ରୀ ଜେନା ବିଜେଡିକୁ ସମାଲୋଚନା କରିଥିଲେ।




ଶ୍ରୀ ଜେନା ବିଜେପିରେ ଯୋଗ ଦେବା ପରେ ଏବେ ବିଜେଡିର ବିଧାୟିକା ଥିବା ତାଙ୍କ ପତ୍ନୀ ସୁବାସିନୀ ଜେନାଙ୍କ ଗତି ଓ ଆଭିମୁଖ୍ୟ କ'ଣ ରହିବ ସେନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

## ୪ ଜିଲ୍ଲାରେ ଖୋଲିବ ଚାଉଳ ଏଟିଏମ୍

ଭୁବନେଶ୍ୱର,୧୧।୩

ନ୍ୟୁଜ୍‌ବ୍ୟୁରୋ

ରାଜ୍ୟର ୪ ଜିଲ୍ଲା ଯଥା ଝାରସୁଗୁଡା, ନବରଙ୍ଗପୁର, କେନ୍ଦୁଝର ଏବଂ ଢେଙ୍କାନାଳରେ ଗୋଟିଏ ଲେଖାଏଁ ଚାଉଳ ଏଟିଏମ୍ ଖୋଲିବାର ବ୍ୟବସ୍ଥା କରାଯାଉଛି ।

ବିଜେଡି ବିଧାୟକ ଗୌତମବୁଦ୍ଧ ଦାସଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଖାଦ୍ୟ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବୁଧବାର ବିଧାନସଭାରେ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ରାଜ୍ୟର ପ୍ରଥମ ଚାଉଳ ଏଟିଏମ୍ ଭୁବେନେଶ୍ୱର ସ୍ଥିତ ମଞ୍ଚେଶ୍ୱର ଠାରେ ଖୋଲିଥିବା ବେଳେ ଗତ ଜୁଲାଇ ୨୦୨୪ ଠାରୁ ଏପର୍ଯ୍ୟନ୍ତ ୨୦ ହଜାର ୨୧୭ ଜଣ ରାସନକାର୍ଡଧାରୀ ସମୁଦାୟ ୩ହଜାର ୮ସହ ୫ କୁଇଣ୍ଟାଲ କିଲୋଗ୍ରାମ ଚାଉଳ ଉଠାଣ କରିଛନ୍ତି।

# ମଧ୍ୟପ୍ରାଚ୍ୟ ଯୁଦ୍ଧରେ ୨ ଭାରତୀୟ ମୃତ : ବୈଦେଶିକ ମନ୍ତ୍ରଣାଳୟ

ନୂଆଦିଲ୍ଲୀ, ୧୧।୩



ବିବାଦୀୟ କ୍ଷେତ୍ର ମଧ୍ୟପ୍ରାଚ୍ୟର ଗୋଟିଏ ବାଣିଜ୍ୟ ଜାହାଜ ଉପରେ ହୋଇଥିବା ଆକ୍ରମଣରେ ଏପରି ଘଟଣାରେ ୨ ଜଣ ଭାରତୀୟ ମୃତ୍ୟୁ ବରଣ କରିଥିବା ବେଳେ ଅନ୍ୟ ଜଣେ ନିଖୋଜ ଅଛନ୍ତି ଏବଂ ଅନେକ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜଶ୍ୱାଲ ଏହି ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ ଆକ୍ରମଣରେ ବ୍ୟବସାୟିକ ଜାହାଜଟି କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏହା ମଧ୍ୟରେ ଥିବା ୨ ଭାରତୀୟଙ୍କ ମୃତ୍ୟୁ ଘଟିଛି ଏବଂ ଜଣେ ନିଖୋଜ ଅଛନ୍ତି।

ବୁଧବାର ମଧ୍ୟପ୍ରାଚ୍ୟ ସଂଘର୍ଷ ମଧ୍ୟରେ ପୁଣି ଦୁବାଇ ବିମାନବନ୍ଦର ଉପରେ ଡ୍ରୋନ୍ ଆକ୍ରମଣ କରିଛି ଇରାନ। ଦୁଇଟି ଡ୍ରୋନ୍ ବିମାନବନ୍ଦର ନିକଟରେ ଖସିପଡ଼ିଛି। ଯେଉଁଥିରେ ଚାରି ଜଣ ଆହତ ହୋଇଥିବା ସୂଚନା ମିଳିଛି। ଇରାନ ସଙ୍କଟର ଦ୍ୱାଦଶ ଦିନରେ ମଧ୍ୟ ଉପସାଗରରେ ଭିତ୍ତିଭୂମି ଉପରେ ଆକ୍ରମଣ ଜାରି ରହିଛି, ଯାହା ବିଶ୍ୱ ବିମାନ ଚଳାଚଳରେ ବ୍ୟାପକ ବାଧା ସୃଷ୍ଟି କରିଛି। ଆକ୍ରମଣରେ ଦୁଇ ଘାନାର ନାଗରିକ, ଜଣେ ବାଂଲାଦେଶୀ ଏବଂ ଜଣେ ଭାରତୀୟ ନାଗରିକ ଆହତ ହୋଇଛନ୍ତି।

ଇରାନ ବିରୁଦ୍ଧରେ ଆମେରିକା-ଇସ୍ରାଏଲ ଯୁଦ୍ଧ ଆରମ୍ଭ ହେବା ପରେ ଦୁବାଇର ଏମିରେଟ୍ସ ଏବଂ ଆବୁଧାବିର ଏତିହାଦ ପରି ୟୁଏଇ ବିମାନ କମ୍ପାନୀଗୁଡ଼ିକ ପୁନଃ ଉଡ଼ାଣ ଆରମ୍ଭ କରିଛନ୍ତି। କିନ୍ତୁ ଆକ୍ରମଣ ପରେ ଦୁବାଇ ଅନ୍ତର୍ଜାତୀୟ ବିମାନବନ୍ଦର ଉପରେ ଏକ ନୂତନ ପ୍ରଭାବ ପଡ଼ିଛି।

## ଏକାଳ ପଖାଳ



ରାଜ୍ୟ ରାଜନୀତି ବଢ଼ିଆ ଚାଲିଛି
ତାମସା ଚାଲିଛି ଭଲ
ଘୋଡ଼ା ବେପାରଠୁ ଗଧ ବେପାର
ସବୁଆଡ଼େ ହଲଚଲ
କେଜାଣି କେଉଁଠି ଥିଲ
ଲୋକସେବା ଭୁଲି ଜନଜୀବନରେ
ହେଉଅଛି ଭଲ ଗେଲ!!

# ଇଚ୍ଛା ମୃତ୍ୟୁକୁ ଅନୁମତି ଦେଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୧।୩

ପ୍ରଥମ ଥର ପାଇଁ ଇଚ୍ଛାମୃତ୍ୟୁ ଅନୁମତି ଦେଲେ ସୁପ୍ରିମକୋର୍ଟ। ୧୩ ବର୍ଷ ଧରି କୋମାରେ ଥିବା ୩୨ ବର୍ଷୀୟ ଯୁବକ ହରିଶ ରାଣାଙ୍କୁ ଇଚ୍ଛାମୃତ୍ୟୁ ପାଇଁ କୋର୍ଟ ବୁଧବାର ଅନୁମତି ଦେଇଛନ୍ତି। ଜଷ୍ଟିସ ଜେବି ପର୍ଦ୍ଦିୱାଲା ଏବଂ କେ.ଭି. ବିଶ୍ୱନାଥନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ୨୦୧୮ର କମନ କଜ ରାୟ ଅନୁସାରେ ସମ୍ମାନର ସହ ମୃତ୍ୟୁବରଣ କରିବାର ଅଧିକାରକୁ ମାନ୍ୟତା ଦିଆଯାଇଥିଲା ଯାହାର ପ୍ରଥମ ନ୍ୟାୟିକ କାର୍ଯ୍ୟକାରିତା ଏବେ କରାଯାଇଛି।

ଜାନୁଆରୀ ୧୫ ତାରିଖରେ ଆପେକ୍ସ କୋର୍ଟ ହରିଶ ରାଣାଙ୍କ ପରିବାର ପକ୍ଷରୁ ଆଗତ ଆବେଦନର ବିଚାର କରି ରାୟ ସଂରକ୍ଷିତ ରଖିଥିଲେ। ୧୩ ବର୍ଷ ଧରି କୋମାରେ ରହିଥିବା ହରିଶଙ୍କ ଲାଇଫ ସପୋର୍ଟ ସିଷ୍ଟମ କାଢିନେବା ପାଇଁ ପରିବାର ଲୋକେ ଆବେଦନ କରିଥିଲେ। ଖଣ୍ଡପୀଠ କେନ୍ଦ୍ର ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭାଟି ଏବଂ ହରିଶ ରାଣାଙ୍କ ପରିବାରର ଓକିଲ ରଶ୍ମୀ ନନ୍ଦନ କୁମାରଙ୍କ ଦ୍ୱାରା ଆଗତ ଉପସ୍ଥାପନାକୁ ଶୁଣିଥିଲେ। ହରିଶ ଅସ୍ତ୍ରୋପଚାର ଦ୍ୱାରା ଲଗାଯାଇଥିବା ପିଇଜି ଟ୍ୟୁବ ମାଧ୍ୟମରେ ଦିଆଯାଇ (ପୃଷ୍ଠା ୭ରେ)

## ଭୁଶୁଡୁଛି ମାଓଗଡ଼ : ବସ୍ତରରେ ୧୦୮ ନକ୍ସଲଙ୍କ ଆତ୍ମସମର୍ପଣ

ରାୟପୁର,୧୧।୩

ପୁରୁଛି କଣ୍ଟ, ଲାଲଗଡ଼ ଛାଡ଼ି ଆତ୍ମସମର୍ପଣ କରୁଛନ୍ତି ନକ୍ସଲ। ବୁଧବାର ଛତିଶଗଡ଼ ବସ୍ତରରେ ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରିଛନ୍ତି ୧୦୮ ନକ୍ସଲ। ଏନେଇ ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ ତଥା ଗୃହମନ୍ତ୍ରୀ ବିଜୟ ଶର୍ମା ସୂଚନା ଦେଇଛନ୍ତି। ଆତ୍ମସମର୍ପଣ କରିଥିବା ନକ୍ସଲଙ୍କ ଉପରେ ୩ କୋଟି ୯୫ ଲକ୍ଷର ପୁରସ୍କାର ଘୋଷଣା କରିଥିଲେ ଛତିଶଗଡ଼ ସରକାର।

ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା କହିଛନ୍ତି, '୧୦୮ ନକ୍ସଲ ୧୦୧ ହତିଆର ସହ ଆତ୍ମସମର୍ପଣ କରିଛନ୍ତି। ଯେଉଁଥିରେ ୬ଟି ଏକେ-୪୭, ଗୋଟିଏ ଏକେ-୪୭ ପିଏଆରଜି, ୧୧ଟି ଇନସାସ୍ ରାଇଫଲ, ୧ କାର୍ବାଇନ, ୫ଟି ଏସଏଲଆର ରାଇଫଲ, ବିଜିଏଲ ରହିଛି। ୧୦୮ ଆତ୍ମସମର୍ପଣ କରିଥିବା ନକ୍ସଲଙ୍କ ମଧ୍ୟରେ କମ୍ପାନୀ ପ୍ଲାଟୁନ, ପିପିସିଏମ, ଏରିଆ କମିଟି ମେମ୍ବର, ପାର୍ଟି ମେମ୍ବର ନକ୍ସଲ ରହିଛନ୍ତି।

ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା ଆହୁରି କହିଛନ୍ତି ନକ୍ସଲଙ୍କ ଡ୍ରମ୍ ମିଳିଛି। ସେଥିରୁ ୩ କୋଟି ୬୦ ଲକ୍ଷ ଟଙ୍କା ଓ ଏକ କେଜି ସୁନା ଜବତ ହୋଇଛି। ନକ୍ସଲମାନେ ବିଜାପୁର ଇନ୍ଦ୍ରାବତୀ ନଦୀ ନିକଟରେ ମାଟି ତଳେ ପୋତି ରଖିଥିଲେ ଏହି ଡ୍ରମ୍।

ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା ଆହୁରି କହିଛନ୍ତି, ବସ୍ତର ଅଞ୍ଚଳରେ ୩୦ଟି ଏରିଆ କମିଟି ରହିଛି। ଯେଉଁଥିରୁ ୨୬ଟି ଏରିଆ କମିଟି ନକ୍ସଲ ମୁକ୍ତ ହେଲାଣି। ଆଉ ୪ଟି କମିଟି ଉପରେ କାର୍ଯ୍ୟ ଜାରି ରହିଛି। ଆସନ୍ତା ୩୧ ମାର୍ଚ୍ଚ ସୁଦ୍ଧା ନକ୍ସଲ ମୁକ୍ତ (ପୃଷ୍ଠା ୭ରେ)





# ନିମ୍ନମାନର ଔଷଧ ବିକ୍ରି : ଦୋକାନୀ ମାଲେମାଲ

**ବଲାଙ୍ଗିର, ନ୍ୟୁଜ ବ୍ୟୁରୋ**

ବଲାଙ୍ଗୀରର କିଛି ଦୋକାନରେ ନିମ୍ନମାନର ଏବଂ କ୍ଷଣସ୍ଥାୟୀ ଔଷଧ ମହଜୁଦ ଅଛି। ନକଲି ଔଷଧ ଦୁର୍ନୀତି ଯାହା ଓଡ଼ିଶାକୁ ଦୋହଲାଇ ଦେଇଛି, ସରକାରୀ ଉଦାସୀନତା ଯୋଗୁଁ ରାଜ୍ୟରେ ନିମ୍ନମାନର ଏବଂ ନକଲି ଔଷଧର ବଜାର ବୃଦ୍ଧି ପାଇବାରେ ଲାଗିଛି। ପଶ୍ଚିମ ଓଡ଼ିଶାର ବଲାଙ୍ଗୀରର କଣ୍ଟାବାଞ୍ଜି ଅଞ୍ଚଳରେ ଜୁଲାଇ ୨୦୦୭ରେ ଏକ ଔଷଧ ରାକେଟର ପର୍ଦ୍ଦାଫାଶ ହୋଇଥିଲା, କିନ୍ତୁ ସନ୍ଦେହ କରାଯାଉଛି ଯେ ଏକ ପ୍ରମୁଖ ନକଲି ଔଷଧ ମାଫିଆ ବଲାଙ୍ଗୀରରେ କାର୍ଯ୍ୟ ଜାରି ରଖିଛନ୍ତି। ଏକ ସରକାରୀ ବିଭାଗର ରିପୋର୍ଟରେ କୁହାଯାଇଛି, 'ଏକ ଗୁପ୍ତ ତଦନ୍ତ ସମୟରେ, ଏହା ଜଣାପଡିଥିଲା ଯେ ନକଲି ଔଷଧ ହୋଲସେଲରଙ୍କ ମାଧ୍ୟମରେ କାରବାର କରାଯାଏ,' ଯାହା ବିତରକଙ୍କ ଭୂମିକାକୁ ସୂଚିତ କରେ। ବଜାରରେ ଉପଲବ୍ଧ କିଛି ଔଷଧକୁ ନିମ୍ନମାନର କିମ୍ବା ନକଲି ଘୋଷଣା କରିବାକୁ ପଡିଲା, ଏବଂ ଏଥିରେ କୁହାଯାଇଥିଲା ଯେ ବେଆଇନ କାରବାର ରୋକିବା ପାଇଁ ସମସ୍ତ ପଦକ୍ଷେପ ନିଆଯାଇଛି। ତଥାପି, ଯୁକ୍ତି ହେଉଛି ଯେ ସମସ୍ତ ୩୦ ଜିଲ୍ଲା ପାଇଁ ନିରୀକ୍ଷକଙ୍କ ଅଭାବ ଥିବାରୁ ବିଭାଗ ଅଧିକ କିଛି କରିପାରିଲା ନାହିଁ। ଜୁଲାଇ ୨୦୦୭ରେ କଣ୍ଟାବାଞ୍ଜି ମାମଲା ପରେ ସରକାରଙ୍କ ପଦକ୍ଷେପ ମଧ୍ୟରୁ ଗୋଟିଏ ଥିଲା ଡ୍ରଗ୍ସ ଇନ୍ସପେକ୍ଟର ପଦବୀ ସଂଖ୍ୟା ୪୦କୁ ବୃଦ୍ଧି କରିବା। ତଥାପି, ସମ୍ପୂର୍ଣ୍ଣ ନିଯୁକ୍ତି ଏପର୍ଯ୍ୟନ୍ତ ସମାପ୍ତ ହୋଇନାହିଁ। ଜୁଲାଇ ୨୦୦୭ ରୁ ମାର୍ଚ୍ଚ ୨୦୦୮ ମଧ୍ୟରେ ଆଠ ମାସରେ ବିଭାଗ ୧,୬୭୭ ଚଢାଉ କରିଥିଲା ଏବଂ ୪,୩୫୦ ନମୁନା ସଂଗ୍ରହ କରିଥିଲା, କିନ୍ତୁ ପରବର୍ତ୍ତୀ ସମୟରେ ଏହି ବିପଦକୁ ରୋକିବାରେ ବିଫଳ ହୋଇଥିଲା। ସେମାନେ ନକଲି ସାମଗ୍ରୀ କାରବାର କରନ୍ତି। 'ଏପ୍ରିଲ ଏବଂ ଡିସେମ୍ବର ୨୦୦୮ ମଧ୍ୟରେ ଚଢଉ ସଂଖ୍ୟାରେ ତୀବ୍ର ହ୍ରାସ ସ୍ପଷ୍ଟ ଭାବରେ ଜିଲା କାର୍ଯ୍ୟାନୁଷ୍ଠାନକୁ ସୂଚିତ କରେ। ଏହି ଆଠ ମାସ ମଧ୍ୟରେ, କେବଳ ୧୧୦ ଚଢାଉ କରାଯାଇଥିଲା ଏବଂ ୨୫୩ ନମୁନା ନିଆଯାଇଥିଲା,' ନକଲି ଏବଂ ଭେଜାଲ ଔଷଧର ବିପଦ ଉପରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ପ୍ରତିନିଧିତ୍ୱ କରୁଥିବା ଓକିଲ କହିଛନ୍ତି। 'ପରବର୍ତ୍ତୀ କୌଣସି ଚଢଉ କିମ୍ବା ନମୁନା ନିଆଯାଇନାହିଁ,' ସେ କହିଛନ୍ତି। ଜାନୁଆରୀ ୧୫ ତାରିଖରେ, ହାଇକୋର୍ଟ ରାଜ୍ୟ ସରକାରଙ୍କୁ ସତର୍କତା ବିଭାଗର ରିପୋର୍ଟ ଉପରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ କହିଥିଲେ। ବିଭାଗ ଏହାର ତଦନ୍ତ ରିପୋର୍ଟରେ କହିଛି: 'କୋଟି କୋଟି ଟଙ୍କାର ଔଷଧ କ୍ରୟ ଏବଂ ସଂରକ୍ଷଣ ପାଇଁ ଦାୟୀ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର କିଛି ଦୁର୍ନୀତିଗ୍ରସ୍ତ ଅଧିକାରୀ ନିର୍ମାତା ଏବଂ ବିତରକଙ୍କ ସହ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ଅଧିକାଂଶ କ୍ଷେତ୍ରରେ, ନକଲି ଔଷଧର ପ୍ରସାରଣ ବିଭାଗୀୟ ଅଧିକାରୀ ଏବଂ ସ୍ଥାନୀୟ ଅଧିକାରୀଙ୍କ ଜ୍ଞାନ ଏବଂ ମିତ୍ରତାରେ ସହଜ ହୋଇଥାଏ, ଯେଉଁମାନେ ଅସାଧୁ ଡିଲର ମାନଙ୍କ ଦ୍ୱାରା ଉପକୃତ ହୁଅନ୍ତି। ରିପୋର୍ଟରେ ସାରା ରାଜ୍ୟରେ ବଜାରରେ ବହୁ ପରିମାଣର ନକଲି ଔଷଧର ପ୍ରସାରଣକୁ ନିଶ୍ଚିତ କରାଯାଇଛି, ଯାହା ଦେଶରେ ନକଲି ଔଷଧର ବୃଦ୍ଧିକୁ ଉଲ୍ଲେଖ କରିଛି।

# ଜିଲ୍ଲାପାଳଙ୍କ ବ୍ରଜରାଜନଗର ଗସ୍ତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

**ଝାରସୁଗୁଡା, ନ୍ୟୁଜ ବ୍ୟୁରୋ**

ସହରର ସର୍ବାଙ୍ଗୀନ ବିକାଶ ଓ ସୌନ୍ଦର୍ଯ୍ୟକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ ଲକ୍ଷ୍ୟରେ ଆଜି ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ବ୍ରଜରାଜନଗର ଗସ୍ତ କରିଛନ୍ତି। ଏହି ଗସ୍ତ ସମୟରେ ଜିଲ୍ଲାପାଳ ବିଭିନ୍ନ ପ୍ରସ୍ତାବିତ ଓ ନିର୍ମାଣଧୀନ ଉନ୍ନୟନମୂଳକ କାର୍ଯ୍ୟର କ୍ଷେତ୍ର ପରିଦର୍ଶନ କରିବା ସହ ଏହାର ସମୀକ୍ଷା କରିଛନ୍ତି। ବିଶେଷ କରି କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଇଣ୍ଡୋର ଷ୍ଟାଡିୟମ୍ ଏବଂ ସାଂସ୍କୃତିକ ବିକାଶ ପାଇଁ ନିର୍ମାଣଧୀନ ଡ୍ରାମା ପେଣ୍ଡାଲର କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଗୋଲ ଛକ ପଡିଆର ଉନ୍ନତିକରଣ ଓ ସ୍ଥାନୀୟ ମାର୍କେଟ କମ୍ପ୍ଲେକ୍ସର ନିର୍ମାଣ ସମ୍ପର୍କରେ ସଂପୃକ୍ତ ବିଭାଗ ସହ ଆଲୋଚନା କରିଛନ୍ତି। ସହରର ପରିବେଶ ଓ ପର୍ଯ୍ୟଟନର ବିକାଶ ପାଇଁ ଇବ୍ ନଦୀ କୂଳରେ ଥିବା ପିକନିକ୍ ସ୍ପଟ୍ର ପୁନରୁଦ୍ଧାର ଏବଂ ନଦୀ ତଟର ସୌନ୍ଦର୍ଯ୍ୟକରଣ ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ଏଥିସହ ଇକୋ ପାର୍କ ଏବଂ ସ୍ଥାନୀୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏକ ଆଧୁନିକ ଶ୍ମଶାନ ନିର୍ମାଣ ପାଇଁ ମଧ୍ୟ ଯୋଜନା ପ୍ରସ୍ତୁତ କରାଯାଇଛି। ସାମାଜିକ ସୁରକ୍ଷା କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ ସ୍ୱରୂପ, ଗୋଟିଏ ଅତ୍ୟାଧୁନିକ ବୃଦ୍ଧାଶ୍ରମ ପ୍ରତିଷ୍ଠା କରିବା ପାଇଁ ଜିଲ୍ଲାପାଳ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସହରର ଗମନାଗମନ ଓ ସ୍ୱଚ୍ଛତା ବ୍ୟବସ୍ଥାକୁ ଅଧିକ ଶୃଙ୍ଖଳିତ କରିବା ପାଇଁ ଜିଲ୍ଲାପାଳ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି।

# ବ୍ରାଉନ ସୁଗାର ଜବତ ମାମଲା : ୬ ଗିରଫ

**ପୁରୀ, ନ୍ୟୁଜ ବ୍ୟୁରୋ**

ପୁରୀ ଜିଲ୍ଲାରେ ଧଳା ଜହର ବିରୋଧୀ ଅଭିଯାନକୁ ଆହୁରି ସୁଦୃଢ କରାଯାଉଛି । ପୁରୀ ପୋଲିସ ପକ୍ଷରୁ ନିୟମିତ ଭାବରେ ଚଢଉ ଓ ତଦନ୍ତ କାର୍ଯ୍ୟକ୍ରମ ଚାଲୁ ରହିଛି। ଫେବୃଆରୀ ମାସ ୨୦୨୬ ମଧ୍ୟରେ ପୁରୀ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ଚାଲିଥିବା ବିଶେଷ ଅଭିଯାନ ସମୟରେ ବ୍ରାଉନ୍ ସୁଗାର ବ୍ୟବସାୟ ସହିତ ସମ୍ପୃକ୍ତ କିଛି ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ମୋଟ ୩୪.୧୬ ଗ୍ରାମ ବ୍ରାଉନ୍ ସୁଗାର ଜବତ କରାଯାଇଛି। ପ୍ରଥମ ଘଟଣାରେ ଟାଉନ୍ ଥାନା ମାମଲା ନମ୍ବର ୧୨୧, ତାରିଖ ୨୧.୦୨.୨୦୨୬, ଧାରା ୨୧ (ବି) ଏନ ଡି ପି ଏସ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା। ଟାଉନ୍ ଥାନା ପୋଲିସ ନିର୍ଦ୍ଦିଷ୍ଟ ସୂଚନା ପାଇ ଚଢ଼ାଉ କରିବା ସମୟରେ ଜଣେ ଅଭିଯୁକ୍ତଙ୍କୁ ଧରିଥିଲେ । ତାଙ୍କ ନିକଟରୁ ୧୦.୯୦ ଗ୍ରାମ ବ୍ରାଉନ୍ ସୁଗାର ଜବତ କରାଯାଇଥିଲା। ପରେ ଅଭିଯୁକ୍ତଙ୍କୁ ଆଇନତଃ ଭାବରେ ଗିରଫ କରାଯାଇ ଅଦାଲତକୁ ପ୍ରେରଣ କରାଯାଇଥିଲା । ଦ୍ୱିତୀୟ ଘଟଣାରେ କୁମ୍ଭାରପଡା ଥାନା ମାମଲା ନମ୍ବର ୭୧, ତାରିଖ ୦୭.୦୨.୨୦୨୬, ଧାରା ୨୧ (ବି). ଏନ ଡି ପି ଏସ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା। କୁମ୍ଭାରପଡା ଥାନା ପୋଲିସ ଚଢ଼ାଉ କରି ୧୩.୫୮ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ସମସ୍ତ ଅଭିଯୁକ୍ତଙ୍କୁ ଆଇନ ଅନୁଯାୟୀ ଗିରଫ କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ତୃତୀୟ ଘଟଣାରେ ସିବିଚ୍ ଥାନା ମାମଲା ନମ୍ବର ୬୯, ତାରିଖ ୨୭.୦୨.୨୦୨୬, ଧାରା ୨୧ (ବି) / ୨୯ ଏନ ଡି ପି ଏସ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା। ସିବିଚ୍ ଥାନା ପୋଲିସ ତଦନ୍ତ ସମୟରେ ୯.୬୮ ଗ୍ରାମ ବ୍ରାଉନ୍ ସୁଗାର ଜବତ କରିବା ସହ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ପରେ ସେମାନଙ୍କୁ ଅଦାଲତକୁ ପ୍ରେରଣ କରାଯାଇଛି। ଏହି ତିନୋଟି ଘଟଣାରେ ମୋଟ ୩ଟି ମାମଲା ରୁଜୁ କରାଯାଇଥିବା ବେଳେ ମୋଟ ୩୪.୧୬ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି ଏବଂ ମୋଟ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ପୁରୀ ପୋଲିସ ଜିଲ୍ଲାରେ ମାଦକଦ୍ରବ୍ୟ ବ୍ୟବସାୟକୁ ନିର୍ମୂଳ କରିବା ପାଇଁ କଠୋର ଭାବରେ ଅଭିଯାନ ଜାରି ରଖିଛି। ଏପରି ଅବୈଧ କାରବାରରେ ଜଡିତ ବ୍ୟକ୍ତିମାନଙ୍କ ବିରୋଧରେ ଆଗାମୀ ଦିନରେ ମଧ୍ୟ କଠୋର ଆଇନଗତ କାର୍ଯ୍ୟବାହୀ ହେବ। ସାଧାରଣ ଲୋକଙ୍କୁ ଅନୁରୋଧ କରାଯାଉଛି ଯେ, ଯଦି କୌଣସି ମାଦକଦ୍ରବ୍ୟ ସମ୍ବନ୍ଧୀୟ ଅବୈଧ କାରବାର ବା ସନ୍ଦେହଜନକ କାର୍ଯ୍ୟକଳାପ ବିଷୟରେ ସୂଚନା ମିଳେ, ତେବେ ୧୧୨ରେ ପୁରୀ ପୋଲିସକୁ ଜଣାଇ ସହଯୋଗ କରନ୍ତୁ। ଆପଣଙ୍କ ସୂଚନା ଗୋପନୀୟ ରଖାଯିବ।

# ବରିଷ୍ଠ ନାଗରିକ ସଂଘର ବନ୍ଧୁ ମିଳନ



**ଚୌଦ୍ୱାର, ନ୍ୟୁଜ ବ୍ୟୁରୋ**

ଚୌଦ୍ୱାର ପୌରପାଳିକା ୧୭ ନମ୍ବର ୱାର୍ଡ଼ ଅଧିନ ନୂଆସାହିସ୍ଥିତ ବରିଷ୍ଠ ନାଗରିକ ସଂଘର ବଂଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ସଂଘ ସଭାପତି ଆଦିକନ୍ଦ ବିହାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଘର ସଦସ୍ୟ ମାନେ ଯୋଗଦେଇ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିବା ସହିତ ପରିଣତ ବୟସର ଅନୁଭୂତି ଓ ସମସ୍ୟା ଉପରେ ମତାମତ ରଖିଥିଲେ । ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ ଏଥିରେ ଅତିଥି ଭାବେ ଯୋଗଦେଇ ବରିଷ୍ଠ ମାନଙ୍କ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବାପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ହୋଲି ମେଲଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ସୁରେନ୍ଦ୍ର ବାରିକ, ପ୍ରଭାକର ନାୟକ, ଜଗତ କୁମାର ପରିଜା,ବିବେକାନନ୍ଦ ଛୋଟରାୟ, ଶିବ ପ୍ରସାଦ ପତି,ରଘୁନାଥ ସ୍ୱାଇଁ,ଏନ୍.ସି. ପଡ଼ିହାରି, ରାଜେନ୍ଦ୍ର କର,ଅଶୋକ ନାୟକ,ପ୍ରଫୁଲ୍ଲ ସାହୁ,ବୈକୁଣ୍ଠ ବିହାରୀ ତାରେଣିଆ, ନିକୁଞ୍ଜ ବିହାରୀ ପଣ୍ଡା,ଦୁଃଶାସନ ମୃଦୁଲି, ହୃଦାନନ୍ଦ ସେଠୀ ପ୍ରମୁଖ ବରିଷ୍ଠ ନାଗରିକ ଏଥିରେ ଯୋଗଦେଇ ଥିଲେ ।

# 'ଡ୍ରଙ୍କ ଆଣ୍ଡ ଡ୍ରାଇଭିଂ' ପାଇଁ ୧୫୩ ଚାଳକଙ୍କ ବିରୋଧରେ ମାମଲା ରୁଜୁ

**ପୁରୀ, ନ୍ୟୁଜ ବ୍ୟୁରୋ**

ପୁରୀ ଜିଲ୍ଲାରେ ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ସହିତ ମଦ୍ୟପାନ କରି ଯାନ ଚାଳନାବେଳେ ଡ୍ରଙ୍କ ଆଣ୍ଡ ଡ୍ରାଇଭ ଉପରେ ନିୟନ୍ତ୍ରଣ ଆଣିବା ପାଇଁ ପୁରୀ ପୋଲିସ ଫେବୃଆରୀ ମାସ ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଶେଷ ଅଭିଯାନ ଚାଲାଇଥିଲେ। ଏହି ଅଭିଯାନ ସମୟରେ ପୁରୀ ପୋଲିସର ବିଭିନ୍ନ ଥାନା ଅଞ୍ଚଳରେ ଗାଡି ଯାଞ୍ଚ କଡ଼ାକଡ଼ି ଭାବେ କରାଯାଇଥିଲା। ଏହି ବିଶେଷ ଅଭିଯାନ ଅଧୀନରେ ମଦ୍ୟପାନ କରି ଗାଡି ଚାଳନା କରୁଥିବା ଚାଳକମାନଙ୍କ ବିରୋଧରେ ଆଇନନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପୁରୀ ଜିଲ୍ଲାର ଚାରିଟି ସବ୍ଡିଭିଜନ ଅଞ୍ଚଳରେ ଏହି ଅଭିଯାନ ଚାଲିଥିବାବେଳେ ମୋଟ ୧୫୩ଟି ମଦ୍ୟପାନ କରି ଯାନ ଚାଳନା ମାମଲା ଚିହ୍ନଟ କରାଯାଇଥିଲା। ସବ୍ଡିଭିଜନ ଅନୁସାରେ ସିଟି ସବ୍ଡିଭିଜନରେ ୮୬ଟି ମାମଲା, ସଦର ସବ୍ଡିଭିଜନ ୩୪ଟି ମାମଲା, ନିମାପଡା ସବ୍ଡିଭିଜନ ୧୯ଟି ମାମଲା, ପିପିଲି ସବ୍ଡିଭିଜନ ୧୪ଟି ମାମଲା ଏହିପରି ମୋଟ ୧୫୩ଟି ଯାନ ଚାଳକଙ୍କ ବିରୋଧରେ ଆଇନ ଅନୁସାରେ ମାମଲା ରୁଜୁ କରାଯାଇଛି। ପୁରୀ ପୋଲିସ ପକ୍ଷରୁ ସମସ୍ତ ଯାନ ଚାଳକଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ସଡ଼କ ସୁରକ୍ଷା ନିୟମକୁ ସମ୍ମାନ କରିବେ ଏବଂ କେବେ ମଧ୍ୟ ମଦ୍ୟପାନ କରି ଯାନ ଚାଳନା କରିବେ ନାହିଁ। ମଦ୍ୟପାନ କରି ଯାନ ଚାଳନା କରିବା ଫଳରେ ଗୁରୁତର ସଡ଼କ ଦୁର୍ଘଟଣା ଘଟିପାରେ, ଯାହା ନିଜ ଓ ଅନ୍ୟମାନଙ୍କ ଜୀବନକୁ ବିପଦରେ ପକାଇଥାଏ। ଏହିପରି ଅବହେଳା ଦୁର୍ଘଟଣାର ପ୍ରମୁଖ କାରଣ ହୋଇଥାଏ। ପୁରୀ ପୋଲିସ ଆଗାମୀ ଦିନରେ ମଧ୍ୟ ଏହିପରି ଅଭିଯାନକୁ ଆହୁରି ଜୋରଦାର ଭାବରେ ଜାରି ରହିବ ଏବଂ ମଦ୍ୟପାନ କରି ଯାନ ଚାଳନା କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ । ସମସ୍ତ ସାଧାରଣ ଲୋକଙ୍କୁ ମଧ୍ୟ ଏହି ବିଷୟରେ ସଚେତନ ହେବା ସହ ଆଇନ ମାନି ଯାନ ଚାଳନା କରିବାକୁ ପୁରୀ ପୋଲିସ ଅନୁରୋଧ କରୁଛି। ଯଦି କୌଣସି ସନ୍ଦେହଜନକ କାର୍ଯ୍ୟକଳାପ, ଅସୁବିଧା ବା ଆପତ୍କାଳୀନ ପରିସ୍ଥିତି ବିଷୟରେ ସୂଚନା ଥାଏ, ତେବେ ତତ୍କ୍ଷଣାତ ୧୧୨ କୁ ସୂଚନା ଦେବାକୁ ପୁରୀ ପୋଲିସ ସାଧାରଣ ଲୋକଙ୍କୁ ଅନୁରୋଧ କରୁଛି। ପୁରୀ ପୋଲିସ ସବୁବେଳେ ଜନସାଧାରଣଙ୍କ ସୁରକ୍ଷା, ଶାନ୍ତି ଓ ଆଇନ ଶୃଙ୍ଖଳା ରକ୍ଷା ପାଇଁ ପ୍ରତିବଦ୍ଧ ଅଛି। ସଡ଼କ ସୁରକ୍ଷା ପାଇଁ ପୋଲିସ ସହ ସାଧାରଣ ଲୋକଙ୍କ ସହଯୋଗ ଅତ୍ୟନ୍ତ ଆବଶ୍ୟକ। ସମସ୍ତଙ୍କ ସହଯୋଗ ରହିଲେ ସଡ଼କ ଦୁର୍ଘଟଣା କମାଇବା ସହିତ ସୁରକ୍ଷିତ ସମାଜ ଗଠନ ସମ୍ଭବ ହେବ।

# ପରକ୍ରିୟା ପ୍ରୀତି ପାଇଁ ଯୁବକଙ୍କୁ ନିର୍ମମ ହତ୍ୟା

**ଗଞ୍ଜାମ, ନ୍ୟୁଜ ବ୍ୟୁରୋ**

ପରକ୍ରିୟା ପ୍ରୀତିପାଇଁ ଭଂଜନଗର ଜେଏମ୍ ସି କୋର୍ଟ ସମ୍ମୁଖରେ ଆଜି ମଧ୍ୟାହ୍ନରେ ଅଶୋକ ସ୍ୱାଇଁ ନାମକ ଜଣେ ଯୁବକଙ୍କୁ ଅନ୍ୟ ଜଣେ ଯୁବକ ଦିଲ୍ଲୀପ ଜେନା ଗୋଡାଇ ଗୋଡାଇ ଟାଂଗିଆରେ ହାଣି ହତ୍ୟା କରିଛି। ସ୍ଥାନୀୟ ଲୋକେ ଗୁରୁତର ଆହତ ଅଶୋକ ସ୍ୱାଇଁଙ୍କୁ ଭଂଜନଗର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ସେଠାରେ ଅଶୋକଙ୍କୁ ମୃତ ଘୋଷଣା କରିଛନ୍ତି । ହତ୍ୟାକାରୀ ଦିଲ୍ଲୀପ ଭଂଜନଗର ଥାନାରେ ଆତ୍ମ ସମର୍ପଣ କରିସାରିଛି ।

# କେମ ଓ ସିମ୍ଫୋନୀ ପକ୍ଷରୁ ସାହିତ୍ୟ ଫଗୁଣ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**



ମାଧପୁର ସ୍ଥିତ ଅମର ଉଦ୍ୟାନ ପରିସରରେ ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ସଂଗଠନ କେମ୍ ଓ ସିମ୍ଫୋନି ପକ୍ଷରୁ ପବିତ୍ର ହୋଲି ଅବସରରେ ସାହିତ୍ୟ ଫଗୁଣ ପାଳିତ ହୋଇଯାଇଛି। ଉଭୟ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା କବି ଡ଼ ବିରଜା ରାଉତରାୟ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସତିର୍ଥର ସଭାପତି କବି ମନ୍ମଥ ନାଥ ବରାଳ, ସମ୍ମାନୀତ ଅତିଥି ଭାବେ ଆୟବ। ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ର ଅଧ୍ୟକ୍ଷ ତଥା ସିମ୍ଫୋନି ର ସଂପାଦକ ଡ଼ ବିନାୟକ ପ୍ରଧାନ, ବିଶିଷ୍ଟ ଗବେଷକ ନିରଞ୍ଜନ ମେକାପ ଯୋଗ ଦେଇ ଆମ ପରମ୍ପରା, ଐତିହ୍ୟ,ପର୍ବ ପର୍ବାଣୀର ମହତ୍ତ୍ୱ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥଲେ। ରଙ୍ଗାରଙ୍ଗ ହୋଲି ଆମ ଜୀବନକୁ ରଙ୍ଗାୟିତ କରିବା ସହ ଏହା ଭାଇଚାରା ସୃଷ୍ଟି କରିଥାଏ ବୋଲି ମତ ରଖିଥିଲେ। ଦୋଳ ବିଭାନ, ରାଧା କୃଷ୍ଣ ଙ୍କର ମେଲଣ ସଭିଙ୍କ ମନରେ ଭର ପୂର ଆନନ୍ଦ ଦେଇଥାଏ। ଏହା ସାହିତ୍ୟ ରେ ଫଗୁଣ ଆଣିଥାଏ। ସିମ୍ଫୋନି ର ସଂଯୋଜକ ସ୍ୱପ୍ନାଂଶୁ କୁମାର ଦାସ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ୟକ୍ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁକବିଉପସ୍ଥିତ ଥିବାବେଳଶେଷରେ କବି ସ୍ୱପ୍ନାଂଶୁ କୁମାର ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଚାନ୍ଦବାଲିରେ ଘନ କୁହୁଡ଼ି, ରାଜ୍ୟର ତିନି ସ୍ଥାନରେ ମଧ୍ୟମ ଧରଣର କୁହୁଡ଼ି ଦୃଶ୍ୟମାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗୁରୁବାର ସକାଳେ ରାଜ୍ୟର ଗୋଟିଏ ସ୍ଥାନରେ ଘନ କୁହୁଡ଼ି ଏବଂ ତିନୋଟି ସ୍ଥାନରେ ମଧ୍ୟମ ଧରଣର କୁହୁଡ଼ି ଦେଖିବାକୁ ମିଳିଛି । ଆଜି ସକାଳେ ଚାନ୍ଦବାଲିରେ ଘନ କୁହୁଡ଼ି ଦେଖିବାକୁ ମିଳିଛି । ଯାହାର ଦୃଶ୍ୟମାନ ଦୂରତା ୫୦ ମିଟରରୁ ୨୦୦ ମିଟର ମଧ୍ୟରେ ରହିଛି । ସେହିପରି ଭୁବନେଶ୍ୱର, ଢେଙ୍କାନାଳ ଏବଂ ପାରାଦୀପରେ ମଧ୍ୟମ ଧରଣର କୁହୁଡ଼ି ଦେଖିବାକୁ ମିଳିଛି । ଯାହାର ଦୃଶ୍ୟମାନ ଦୂରତା ୨୦୦ ମିଟରରୁ ୫୦୦ ମିଟର ମଧ୍ୟରେ ରହିଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

# ୩୫ ପେଟି ଦେଶୀ ମଦ, କାର ଜବତ : ଚାଳକ ଫେରାର

**ଧର୍ମଶାଳା, ନ୍ୟୁଜ ବ୍ୟୁରୋ**

ହୋଲିର ପୂର୍ବତନ ବିଳମ୍ବିତ ରାତିରେ ଯାଜପୁର ଜିଲା ବ୍ରହ୍ମବରଦା ପୁଲିସକୁ ସଫଳତା । ପୁଲିସ ଚଢଉ ଭୟରେ ମଦ ସହ ଗାଡି ଛାଡି ଚାଲିଗଲା ଚାଳକ । ୩୫ ପେଟି ଦେଶୀ ମଦ ଜବତ ହୋଇଥିବା ବେଳେ କାର ଚାଟକ ଫେରାର ହୋଇଯାଇଥିବା ଜଣାପଡିଛି । ଏହି ଘଟଣାରେ ପୁଲିସ କେସ୍ ନଂ ୪୦।୨୬ରେ ମାମଲା ରଜୁ କରି ତଦନ୍ତ ଜାରି ରଖିଥିବା ବେଳେ ତୁରନ୍ତ ଗାର ଚାଳକକୁ ଗିରଫ କରାଯିବ ବୋଲି ପୁଲିସ କହିଛି । ମିଳିଥିବା ସୂଚନା ମୁତାବକ, ହୋଲିକୁ ଦୃଷ୍ଟିରେ ରଖି କିଛି ଅସମାଜିକ ବିଭିନ୍ନ ସରକାରୀ ସ୍ୱୀକୃତି ପ୍ରାପ୍ତ ମଦ ଦୋକାନରୁ ରାତି ଅଧିଆ ମଦ ଆଣି ଘର ମହଜୁଦ ରଖି ଚଢା ଦରରେ ଗ୍ରାହକକୁ ବିକ୍ରୀ କରିବା ଲକ୍ଷ୍ୟ ରଖିଥିଲେ । ତେବେ ମଙ୍ଗଳବାର ବିଳମ୍ବିତ ରାତିରେ ବ୍ରହ୍ମବରଦା ଥାନା ଅଧିକାରିଣୀ କୌଣସି ମତେ ଖବର ପାଇ ତାରିଣୀଛକ ନିକଟରେ ଯିବା ସମୟରେ ଦେଶୀ କାଉଁଟରରୁ ଏକ ନାଲି ରଙ୍ଗର ମାରୁତି ଅଲଟୋ କାର ନମ୍ବର ଅଟକାଇବାକୁ ଚେଷ୍ଟା କରିଥିଲେ । କାର ଚାଳକ ଦୃତ ଗତିରେ କାରକୁ ନେଇ ଛେନାଖିଆ ପାଟଣା ଅଞ୍ଚଳ ଦେଇ ଯିବାକୁ ଚେଷ୍ଟା କରିଥିଲେ । କାର ଉକ୍ତ ରାସ୍ତାରେ ଯାଇ ନ ପାରିବାରୁ ଚାଳକ କାରକୁ ଛାଡି ଫେରାର ହୋଇଯାଇଥିଲା । ପୁଲିସ କାରଟିକୁ ଥାନାକୁ ଆଣିଥିଲା। କାର ଭିତରେ ୩୫ ପେଟି ଦେଶୀ ଆସ୍କା ଫର୍ଟି ମଦ ଥିବା ଜଣାପଡିଥିଲା। ପାଖାପାଖି ୧୭୯ ଲିଟର ଦେଶୀ ମଦ ସହ କାର ଜବତ କରାଯାଇଛି । ତୁରନ୍ତ କାର ଚାଳକଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରିଣୀ ଜୟନ୍ତୀ ମଲ୍ଲିକ ସୂଚନା ଦେଇଛନ୍ତି ।

# ତିର୍ତ୍ତୋଲ ଝଙ୍କଡ଼ ସାହିତ୍ୟ ସଂସଦର ବରିଷ୍ଠ ସଭ୍ୟ ଆଶିଷ ପରିଜା ସମ୍ବର୍ଦ୍ଧିତ

**ତିର୍ତ୍ତୋଲ ନ୍ୟୁଜ ବ୍ୟୁରୋ**



ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତେନ୍ତୁଳିପଦା ପଞ୍ଚାୟତ ତଥା ତିର୍ତ୍ତୋଲ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଝଙ୍କଡ଼ ସାହିତ୍ୟ ସଂସଦର ବରିଷ୍ଠ ସଭ୍ୟ ଆଶିଷ ପରିଜାଙ୍କୁ ବାଲିଘାଇ ଠାରେ ଏକ ବନ୍ଧୁମିଳନ ଅବସରରେ ସମ୍ବର୍ଦ୍ଧିତ କରାଯାଇଛି । ପୁରୀ – କୋଣାର୍କ ବେଳାଭୂମି ମାର୍ଗ ନିକଟରେ ବିରାଜିତ ବାଲିଘାଇଠାରେ ମା ନାରାୟଣୀଙ୍କ ପୀଠରେ ପୁରୀ ପୋଲିସ ହାଇସ୍କୁଲର ୧୯୮୯ ମସିହା ପୁରାତନ ଛାତ୍ରଛାତ୍ରୀ ମାନଙ୍କ ବନ୍ଧୁମିଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀ ପରିଜାଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୁରୀ ଗବେଷଣା ବିଭାଗର ନିର୍ଦ୍ଦେକ ଡକ୍ଟର ନିରଞ୍ଜନ କର, ପୂର୍ବତନ ଶିକ୍ଷକ ପ୍ରସନ୍ନ କୁମାର ନନ୍ଦ, କେଶବ ଚନ୍ଦ୍ର ନାୟକ, ରଞ୍ଜନ କୁମାର ଷଡଙ୍ଗୀ, ଶିକ୍ଷୟିତ୍ରୀ ରାଜଶ୍ରୀ ରଥ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ସର୍ବପୁରାତନ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧନ ଦେବାସହିତ ଉତ୍ସାହ କରିଥିଲେ । ସାରଳା ସାହିତ୍ୟ ସଂସଦର ଆଜୀବନ ସମ୍ପାଦକ ଭାବେ ଆଶିଷ କୁମାର ପରିଜାଙ୍କ ନେତୃତ୍ୱଧୀନରେ ପ୍ରଥମେ ଗୁରୁବନ୍ଦନା, ଗୁରୁପୂଜନ ଅନୁଷ୍ଠିତ କରାଯାଇ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସମ୍ମାନ ପ୍ରଦର୍ଶନ ପୂର୍ବକ ତୈଳଚିତ୍ର, ଉପଢୌକନ ଓ ପୁଷ୍ପ ଗୁଚ୍ଛ ଦିଆଯାଇ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବହୁ ପୁରାତନ ଛାତ୍ର ଛାତ୍ରୀମାନେ ଉତ୍ସହର ସହିତ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# କିସ୍ ମୟୂରଭଞ୍ଜରେ ବାହା ପରବ ପାଳିତ



**ବାରିପଦା, ନ୍ୟୁଜ ବ୍ୟୁରୋ**

ମୟୂରଭଞ୍ଜର ଅନ୍ୟତମ ପ୍ରମୁଖ ଶିକ୍ଷାନୁଷ୍ଠାନ କିସ୍ ଆବାସିକ ବିଦ୍ୟାଳୟ ଠାରେ ଧୁମ୍ ଧାମରେ ସାନ୍ତାଳୀ ସମ୍ପ୍ରଦାୟର ବିଶିଷ୍ଟ ପର୍ବ 'ବାହା ବଙ୍ଗା' ପାଳିତ ହୋଇଯାଇଛି । ପାରମ୍ପରିକ ପୂଜାର୍ଚ୍ଚନା ପରେ ଛାତ୍ରୀମାନେ ଆଦିବାସୀ ନୃତ୍ୟରେ ନିଜକୁ ସାମିଲ କରିଥିଲେ। ଆଦିବାସୀ ମାନଙ୍କ ସଂସ୍କୃତି ଓ ପରମ୍ପରାର ସୁରକ୍ଷା ତଥା ପ୍ରଚାର ପ୍ରସାର ପାଇଁ ପ୍ରତିଷ୍ଠାତା ଡ଼ଃ ଅଚ୍ୟୁତ ସାମନ୍ତ ସର୍ବଦା ବିଶେଷ ଧ୍ୟାନଦେଇଥାନ୍ତି ବୋଲି ପ୍ରଧାନ ଶିକ୍ଷକ ଗଣେଶ ମିଶ୍ର ସୂଚନା ଦେଇଛନ୍ତି । ଆଦିବାସୀ ଛାତ୍ରୀ ମାନଙ୍କୁ ତାଙ୍କର ସଂସ୍କୃତି ଓ ପରମ୍ପରା ସମ୍ବନ୍ଧରେ ଅବଗତ କରାଇବା ଆମର କର୍ତ୍ତବ୍ୟ ବୋଲି ଉପସ୍ଥିତ ଅତିଥିମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମ ଆୟୋଜନ କରିବାରେ ବିଦ୍ୟାଳୟ ଉନ୍ନୟନ ଅଧିକାରୀ ସ୍ମୃତି ରଞ୍ଜନ ରାୟ, କ୍ରୀଡା ଶିକ୍ଷକ ବିଷ୍ଣୁପ୍ରିୟା ନାୟକ, ଶିକ୍ଷକ ଚକ୍ରଧର ମହାନ୍ତ, ସୁନାରାମ ହେମ୍ବ୍ରମ, ଜୟନ୍ତୀ ଧାଉଁରିଆ, ମାଳତୀ ମୁର୍ମୁ, ଚମ୍ପାମଣୀ ସୋରେନ, ରୋଜାଲିନ ମହାନ୍ତି, ସସ୍ମିତା ସ୍ୱାଇଁ, ବିକାଶ ମହାନ୍ତ, ଶ୍ୟାମାପଦ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ ।

# ଶ୍ରୀ ଜଗନ୍ନାଥ ମନ୍ଦିରରୁ ରୂପା, ଅଳଙ୍କାର ସହ ବହୁ ସାମଗ୍ରୀ ଲୁଟ୍

**ବଲାଙ୍ଗୀର, ନ୍ୟୁଜ ବ୍ୟୁରୋ**

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଗର୍ଜନ ଗ୍ରାମରେ ଥିବା ଜଗନ୍ନାଥ ମନ୍ଦିରରୁ ରୂପା ଅଳଙ୍କାର ସହ ଅନ୍ୟାନ୍ୟ ପୂଜା ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ମନ୍ଦିରରେ ଚୋରି ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଆସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ ପ୍ରତିଦିନ ଭଳି ସକାଳେ ପୂଜା ପାଇଁ ମନ୍ଦିର ଦ୍ୱାର ଖୋଲାଯାଇଥିବାବେଳେ ରୂପା ଅଳଙ୍କାର ଓ କିଛି ମୂଲ୍ୟବାନ ପୂଜା ସାମଗ୍ରୀ ନଥିବା ଦେଖାଯାଇଥିଲା। ଏନେଇ ତୁରନ୍ତ ଗ୍ରାମବାସୀମାନେ ଏକତ୍ରିତ ହୋଇ ବଲାଙ୍ଗୀର ସଦର ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ସଦର ଥାନା ପୋଲିସ ପକ୍ଷରୁ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ମନ୍ଦିରରୁ ଚୋରି କରିଥିବା ବ୍ୟକ୍ତିମାନଙ୍କୁ ଶୀଘ୍ର ଗିରଫ କରିବାକୁ ଗର୍ଜନ ଗ୍ରାମବାସୀମାନେ ଦାବି କରିଛନ୍ତି।

# ନ୍ୟାୟ ସଂହିତା ପ୍ରଦର୍ଶନୀରେ ଓଡ଼ିଶା ପୋଲିସର ଐତିହାସିକ କପୋତ ସେବା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱରସ୍ଥିତ ୟୁନିଟ୍–୩, ଇଡକୋ ପ୍ରଦର୍ଶନୀ ପଡିଆରେ ଆୟୋଜିତ 'ନ୍ୟାୟ ସଂହିତା ପ୍ରଦର୍ଶନୀ'ରେ ସୋମବାର ବିଶ୍ୱର ଏକମାତ୍ର କାର୍ଯ୍ୟକ୍ଷମ ଓଡ଼ିଶା ପୋଲିସ କପୋତ ସେବାର ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ଭୁବନେଶ୍ୱରରୁ କଟକ ଅଭିମୁଖେ ଦୁଇଟି ଦଳରେ ୧୮ଟି ବେଲଜିୟମ ହୋମର ପାରାଙ୍କୁ ପଠାଯାଇଛି। ଏହି ପାରାମାନେ ନିଜ ଗୋଡ଼ରେ ବନ୍ଧାଯାଇଥିବା ଛୋଟ କ୍ୟାପସୁଲ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ନେଇ ଆକାଶ ମାର୍ଗରେ ଗତି କରି ପୁରାତନ 'ପିଜନ ପୋଷ୍ଟ'ର ସ୍ମୃତି ଚାରଣ କରିଛନ୍ତି।

ଏହି ବେଲଜିୟମ ହୋମର ପାରାମାନଙ୍କର ଶାରୀରିକ ଗଠନ ସ୍ୱତନ୍ତ୍ର। ସେମାନଙ୍କ ଥଂଟରେ ଥିବା ଏକ ପ୍ରାକୃତିକ ଲୌହ ସଂରଚନା ଥାଏ। ଯାହା ପୃଥିବୀର ଚୁମ୍ବକୀୟ କ୍ଷେତ୍ରକୁ ଚିହ୍ନଟ କରିବାରେ ସାହାଯ୍ୟ କରିଥାଏ ଏବଂ ପ୍ରାକୃତିକ ଦିଗବାରେଣୀ ଯନ୍ତ୍ର ଭଳି କାମ କରେ। ଏହିଭଳି ସ୍ୱତନ୍ତ୍ର ଶାରୀରିକ ଗଠନ କାରଣରୁ ପାରାମାନେ ମାଇଲ ମାଇଲ ଦୂରରୁ ମଧ୍ୟ ସେମାନଙ୍କ ଲକ୍ଷ୍ୟସ୍ଥଳ ସଠିକ ଭାବେ ଖୋଜି ପାଇଥାନ୍ତି।

ଓଡ଼ିଶା ପୋଲିସ ଏହି ପରମ୍ପରାକୁ ୧୯୪୬ ମସିହାରେ ଆରମ୍ଭ କରାଯାଇଥିଲା । ଆମେରିକୀୟ ସେନାଙ୍କ ଠାରୁ ୨୦୦ଟି ପାରା ଗ୍ରହଣ କରି ଆରମ୍ଭ କରିଥିଲେ। ପ୍ରଥମେ କୋରାପୁଟ ଜିଲ୍ଲାର ପାର୍ବତ୍ୟାଂଚଳରେ ପରୀକ୍ଷାମୂଳକ ଭାବେ ଏହି ଯୋଗାଯୋଗ ଆରମ୍ଭ ହୋଇଥିଲା, ଯାହା ପରବର୍ତ୍ତୀ ସମୟରେ ୭୦୦ରୁ ଅଧିକ ପାରାଙ୍କୁ ନେଇ ଏକ ବଡ଼ ନେଟୱାର୍କରେ ପରିଣତ ହୋଇଥିଲା। ୧୯୮୨ର ବାଙ୍କୀ ବନ୍ୟା ଏବଂ ୧୯୯୯ର ମହାବାତ୍ୟା ସମୟରେ ଯେତେବେଳେ ଆଧୁନିକ ରେଡିଓ ଓ ଟେଲିଫୋନ୍ ସେବା ବିଚ୍ଛିନ୍ନ ହୋଇଯାଇଥିଲା, ସେତେବେଳେ ଏହି 'ପାରା ଡାକ' ହିଁ ବାହ୍ୟ ଜଗତ ସହ ଯୋଗାଯୋଗର ଏକମାତ୍ର ମାଧ୍ୟମ ସାଜିଥିଲା। ପ୍ରଦର୍ଶନୀରୁ ଜଣାଯାଇଛି ଯେ, ୧୯୪୮ ମସିହା ଏପ୍ରିଲରେ ପଣ୍ଡିତ ଜବାହରଲାଲ ନେହେରୁ ସମ୍ବଲପୁରରୁ କଟକକୁ ଏକ ଚିଠି ପଠାଇଥିଲେ। ନେହେରୁଙ୍କ କାର୍ କଟକ ପହଂଚିବାକୁ ୭ ଘଂଟା ଲାଗିଥିବା ବେଳେ ଏହି ଡେଣାଧାରୀ ଦୂତ ମାତ୍ର ୫ ଘଂଟାରେ ବାର୍ତ୍ତା ପହଞ୍ଚାଇ ଦେଇଥିଲେ। ଏହି ପାରାମାନେ ଘଂଟାପ୍ରତି ପ୍ରାୟ ୫୫ କିଲୋମିଟର ବେଗରେ ଉଡ଼ିପାରନ୍ତି। ଆଜିର ଇ-ମେଲ୍ ଯୁଗରେ ମଧ୍ୟ ଓଡ଼ିଶା ସରକାର ଏହି ୭୦ ବର୍ଷର ପରମ୍ପରାକୁ ଏକ ମଧୁର ପୁରାତନ ସ୍ମୃତି ଭାବେ ବଂଚାଇ ରଖିଛନ୍ତି। ବର୍ତ୍ତମାନ କଟକ ଏବଂ ଅନୁଗୁଳ ପୋଲିସ ପ୍ରଶିକ୍ଷଣ କେନ୍ଦ୍ରରେ ଏହି ପାରାମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଉଛି। ଷ୍ଟାଟିକ (ଏକମୁଖୀ), ବୁମେରାଙ୍ଗ (ଦୁଇମୁଖୀ) ଏବଂ ମୋବାଇଲ୍ ସେବା ଭଳି ତିନୋଟି ଶ୍ରେଣୀରେ ଏହି ସେବା କାର୍ଯ୍ୟ କରୁଛି। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସାହସିକତା ପାଇଁ ପଦକ ପାଇଥିବା ୩୨ଟି ପାରା ଏବଂ ଓଡ଼ିଶାର ବିପତି ସମୟରେ ସହାୟକ ହୋଇଥିବା ହଜାର ହଜାର ପାରାଙ୍କ ପ୍ରତି ଏହା ଓଡ଼ିଶା ପୋଲିସ ତରଫରୁ ଏକ ଶ୍ରଦ୍ଧାଞ୍ଜଳି।

# ଓଡ଼ିଶାରେ ଔପଚାରିକ ନିଯୁକ୍ତିରେ ମହିଳାଙ୍କ ଅଂଶ ଗ୍ରହଣ ଉପରେ ଗୁରୁତ୍ୱାରୋପ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଏବଂ ନୂଆଦିଲ୍ଲୀର ଉଦୟୀତି ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରରେ ଅବସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରରେ "ଓଡ଼ିଶାରେ ଔପଚାରିକ ନିଯୁକ୍ତିରେ ମହିଳାଙ୍କ ଅଂଶ ଗ୍ରହଣ ସୁଯୋଗ" ଶୀର୍ଷକ ଏକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୀତି ନିର୍ମାତା, ଶିଳ୍ପ ନେତା, ପ୍ରଶିକ୍ଷଣ ପ୍ରତିଷ୍ଠାନ ଏବଂ ବିଶେଷଜ୍ଞମାନେ ଯୋଗଦେଇ ନିୟମିତ ଏବଂ ଦ୍ରୁତ ବୃଦ୍ଧି ପାଉଥିବା କ୍ଷେତ୍ରରେ ମହିଳାଙ୍କ ଉପସ୍ଥିତି ବଢ଼ାଇବା ପାଇଁ ରଣନୀତି ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ଉଦଘାଟନ କରି ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ, ଓଡ଼ିଶାର ମହିଳା ଶ୍ରମିକ ବଳ ଅଂଶଗ୍ରହଣ ହାର ୪୮.୭ ପ୍ରତିଶତ ରହିଛି, ଯାହା କି ରାଷ୍ଟ୍ରୀୟ ହାର ୪୦.୩ ପ୍ରତିଶତ ଠାରୁ ଅଧିକ। ସେହିପରି ରାଷ୍ଟ୍ରୀୟ ହାର ୧୫ ପ୍ରତିଶତ ତୁଳନାରେ, ଓଡ଼ିଶାର ୧୭ପ୍ରତିଶତ ମହିଳା ଶିଳ୍ପ ଶ୍ରମିକ ଭାବରେ କାର୍ଯ୍ୟ କରୁଛନ୍ତି। ମନ୍ତ୍ରୀ କହିଥିଲେ ଯେ, ଯଦିଓ ଏହି ପରିସଂଖ୍ୟାନ ଅଗ୍ରଗତିକୁ ସୂଚାଉଛି, କେବଳ ଅଧିକ ଅଂଶଗ୍ରହଣ ହିଁ ଉତ୍ତମ ସୁଯୋଗ କିମ୍ବା ଔପଚାରିକ ନିଯୁକ୍ତି ପାଇବାକୁ ଦର୍ଶାଏ ନାହିଁ। ସେ ଏହା ଉପରେ ଗୁରୁତ୍ୱ ଦେଇ କହିଥିଲେ ଯେ, 'ସୁସଂଗଠିତ, ଉଚ୍ଚ ଅଭିବୃଦ୍ଧି ସମ୍ପନ୍ନ ଏବଂ ଅଧିକ ଦରମା ମିଳୁଥିବା କ୍ଷେତ୍ରଗୁଡ଼ିକରେ ପ୍ରବେଶ କରିବା ପାଇଁ ଅନେକ ମହିଳା ଏବେ ମଧ୍ୟ ଅନେକ ପ୍ରତିବନ୍ଧକର ସମ୍ମୁଖୀନ ହେଉଛନ୍ତି। ଗ୍ରାମ ହେଉ କି ସହର, ପ୍ରତ୍ୟେକ ମହିଳାଙ୍କ ଆଶା ଓ ଆକାଂକ୍ଷାକୁ ସଫଳ କରିବା ପାଇଁ ଏକ ସହାୟକ ଇକୋସିଷ୍ଟମ ଗଠନ କରିବାକୁ ଓଡ଼ିଶା ସରକାର ପ୍ରତିବଦ୍ଧ।' ଏହି ପରାମର୍ଶ କର୍ମଶାଳା ମହିଳାମାନଙ୍କ କର୍ମବଳ ଅଂଶଗ୍ରହଣ ବୃଦ୍ଧି କରିବା ଏବଂ ସେମାନଙ୍କର ଆର୍ଥିକ ସଶକ୍ତିକରଣକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ସରକାରଙ୍କ ବ୍ୟାପକ ଆଭିମୁଖ୍ୟ ସହିତ ସମାନତା ରକ୍ଷା କରୁଛି। ଏହି ଅଧିବେଶନର ମୁଖ୍ୟ ଲକ୍ଷ୍ୟ ଥିଲା ବିଭିନ୍ନ ଅଂଶୀଦାର, ବିଶେଷ କରି ଶିଳ୍ପ ସହଭାଗୀମାନଙ୍କୁ ଏଥିରେ ସାମିଲ କରିବା, ଯାହାଦ୍ୱାରା ଔପଚାରିକ କର୍ମକ୍ଷେତ୍ରରେ ମହିଳାମାନଙ୍କ ପ୍ରତିନିଧିତ୍ୱକୁ ମଜବୁତ କରିବା ପାଇଁ ସେମାନଙ୍କର ଆବଶ୍ୟକତା ଏବଂ ଆହ୍ୱାନ ଗୁଡ଼ିକୁ ବୁଝିହେବ। ସମାବେଶକୁ ସମ୍ବୋଧନ କରି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଶ୍ରୀ ଭୂପେନ୍ଦ୍ର ସିଂହ ପୁନିଆ କହିଥିଲେ ଯେ, ସୁଦକ୍ଷା ଭଳି ସରକାରୀ କାର୍ଯ୍ୟକ୍ରମ ଅଧିକରୁ ଅଧିକ ଝିଅମାନଙ୍କ ପାଇଁ ମାନୁଫାକ୍ଚରିଂ ଏବଂ ନୂତନ ଜ୍ଞାନକୌଶଳ କ୍ଷେତ୍ରରେ ଦକ୍ଷତା ହାସଲ କରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରୁଛି। ଦକ୍ଷତା ବିକାଶ ଏବଂ ସଶକ୍ତିକରଣର ଏହି ଯାତ୍ରାରେ ଝିଅମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବା ପାଇଁ ସରକାର ପ୍ରତିବଦ୍ଧ।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱ ଦକ୍ଷତା କେନ୍ଦ୍ରର ସି.ଇ.ଓ ଶ୍ରୀ ରଶ୍ମି ରଞ୍ଜନ ମହାପାତ୍ର, ବିଶ୍ୱ ଦକ୍ଷତା କେନ୍ଦ୍ରର ସି.ଓ.ଓ, ଶ୍ରୀ ପିନାକୀ ପଟ୍ଟନାୟକ ଏବଂ ଉଦୟୀତି ଫାଉଣ୍ଡେସନର କାର୍ଯ୍ୟକ୍ରମ ମୁଖ୍ୟ ଶ୍ରୀମତୀ ନିତୁ ସିଂହଙ୍କ ସହ ପ୍ରତିଷ୍ଠିତ ଶିଳ୍ପସଂସ୍ଥାର ବରିଷ୍ଠ ଅଧିକାରୀ, ମହିଳା ଏବଂ ଛାତ୍ରଛାତ୍ରୀ ଯୋଗଦେଇଥିଲେ ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଦେଶବ୍ୟାପୀ ଲାଗୁ ହେଲା ଏସମା

ମଧ୍ୟପ୍ରାଚ୍ୟରେ ଉତ୍ତେଜନା ପ୍ରଭାବ ସାରା ବିଶ୍ୱରେ ପଡ଼ିଛି । ଭାରତରେ LPG ସିଲିଣ୍ଡର ସଙ୍କଟର ରିପୋର୍ଟ ଆସୁଛି । ଏହାରି ଭିତରେ କେନ୍ଦ୍ର ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ଦେଶବ୍ୟାପୀ ESMA ବା ଅତ୍ୟାବଶ୍ୟକ ସେବା ରକ୍ଷଣାବେକ୍ଷଣ ଆଇନ ଲାଗୁ କରାଯାଇଛି । ଘରୋଇ ରନ୍ଧନ ଗ୍ୟାସ (LPG)ର ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରିବା ପାଇଁ, ସରକାର ଅତ୍ୟାବଶ୍ୟକୀୟ ସାମଗ୍ରୀ (ESMA) ଆଇନ ଲାଗୁ କରିଛନ୍ତି । ଏହା ରିଫାଇନାରୀ ଏବଂ ପେଟ୍ରୋକେମିକାଲ୍ ୟୁନିଟଗୁଡ଼ିକୁ LPG ଉତ୍ପାଦନକୁ ସର୍ବାଧିକ କରିବା ଏବଂ ପ୍ରମୁଖ ହାଇଡ୍ରୋକାର୍ବନ ଉତ୍ସଗୁଡ଼ିକୁ ଏଲପିଜି ପୁଲକୁ ପଠାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହା ଲାଗୁ ହେବା ଦ୍ୱାରା ସେକ୍ଟରକୁ ଫୁଏଲ ସପ୍ଲାଏକୁ ପ୍ରାଥମିକତା ଦିଆଯିବ । ଇରାନ-ଇସ୍ରାଏଲ ଏବଂ ଆମେରିକା ବିବାଦ ମଧ୍ୟରେ ଘରୋଇ ଗ୍ୟାସ ଯୋଗାଣ ଯେପରି ବାଧାପ୍ରାପ୍ତ ନ ହୁଏ ତାହା ସୁନିଶ୍ଚିତ କରିବା ପାଇଁ ସରକାର କାର୍ଯ୍ୟ କରୁଛନ୍ତି । ଏହି ପଦକ୍ଷେପ ଅଧୀନରେ, ସରକାର ପ୍ରାଥମିକତା କ୍ଷେତ୍ରଗୁଡ଼ିକ ଉପରେ ଆଧାର କରି ପ୍ରାକୃତିକ ଗ୍ୟାସ ଯୋଗାଣ ଆବଣ୍ଟନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ଦ୍ୱାରା ଘରୋଇ ଏବଂ ଅତ୍ୟାବଶ୍ୟକ କ୍ଷେତ୍ରଗୁଡ଼ିକୁ ପର୍ଯ୍ୟାପ୍ତ ଯୋଗାଣ ସୁନିଶ୍ଚିତ ହୋଇପାରିବ ଏବଂ ସଙ୍କଟରେ ପ୍ରଭାବ ହ୍ରାସ କରାଯାଇ ପାରିବ । କେନ୍ଦ୍ର ସରକାର ପ୍ରାକୃତିକ ଗ୍ୟାସ (ଯୋଗାଣ ନିୟନ୍ତ୍ରଣ) ଅର୍ଡର, ୨୦୨୬ ଜାରି କରିଛନ୍ତି, ଯାହାର ଲକ୍ଷ୍ୟ ଘରୋଇ ପ୍ରାକୃତିକ ଗ୍ୟାସ ଯୋଗାଣ ସୁନିଶ୍ଚିତ କରିବା ଏବଂ ପ୍ରାଥମିକତା କ୍ଷେତ୍ରଗୁଡ଼ିକୁ ପର୍ଯ୍ୟାପ୍ତ ବଣ୍ଟନ ବଜାୟ ରଖିବା । ଏହି ଆଦେଶ ସରକାରୀ ଗେଜେଟରେ ପ୍ରକାଶନ ତାରିଖରୁ କାର୍ଯ୍ୟକାରୀ ହେବ । ଏସମା ଅର୍ଥାତ୍ ଅତ୍ୟାବଶ୍ୟକ ସେବା ରକ୍ଷଣାବେକ୍ଷଣ ଆଇନ ହେଉଛି ଭାରତ ସଂସଦ ଦ୍ୱାରା ୧୯୬୮ ମସିହାରେ ପ୍ରଣୀତ ଏକ ଆଇନ । ଏହାର ଉଦ୍ଦେଶ୍ୟ ହେଉଛି ଏଭଳି ଅତ୍ୟାବଶ୍ୟକ ସେବାର ଯୋଗାଣ ସୁନିଶ୍ଚିତ କରିବା, ଯେଉଁଥିରେ ବାଧା ଉପୁଜିବା ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରିପାରେ । ଏହି ଆଇନ ମାଧ୍ୟମରେ, ସରକାର ନିଶ୍ଚିତ କରନ୍ତି ଯେ ଅତ୍ୟାବଶ୍ୟକ ସେବାଗୁଡ଼ିକ କୌଣସି ବାଧା ବିନା ଜାରି ରହିବ । ଏହି ଆଇନ ଅନୁଯାୟୀ, କିଛି ଅତ୍ୟାବଶ୍ୟକ ସେବାରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ଧର୍ମଘଟ କିମ୍ବା କାମ କରିବାକୁ ମନା କରିବାର ଅନୁମତି ନାହିଁ । ଅର୍ଥାତ, ଯଦି ଏହି ସେବା ସହିତ ଜଡ଼ିତ କର୍ମଚାରୀମାନେ ଧର୍ମଘଟ କରନ୍ତି କିମ୍ବା କାମ ବନ୍ଦ କରନ୍ତି, ତେବେ ସରକାର ESMA ଲାଗୁ କରିପାରିବେ ଏବଂ ସେମାନଙ୍କୁ କାମକୁ ଫେରିବାକୁ ନିର୍ଦ୍ଦେଶ ଦେଇପାରିବେ । ଏହା ବ୍ୟତୀତ, କର୍ମଚାରୀମାନେ ବନ୍ଦ କିମ୍ବା କର୍ଫ୍ୟୁ ଦର୍ଶାଇ କାମକୁ ଆସିବାକୁ ମନା କରିପାରିବେ ନାହିଁ । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜନସାଧାରଣଙ୍କ ସ୍ୱାସ୍ଥ୍ୟ, ପରିବହନ ଏବଂ ବିଦ୍ୟୁତ ପରି ଜରୁରୀ ସେବାରେ ଆନ୍ଦୋଳନକୁ ରୋକିବା । ଏହାକୁ ସର୍ବାଧିକ ୬ ମାସ ଲାଗୁ କରାଯାଇପାରେ । ଏହି ଶ୍ରେଣୀରେ ଆସୁଥିବା ସେବା ହେଉଛି ସାର୍ବଜନୀନ ସୁରକ୍ଷା, ପରିମଳ, ଜଳ ଯୋଗାଣ, ଡାକ୍ତରଖାନା କିମ୍ବା ଜାତୀୟ ପ୍ରତିରକ୍ଷା ସମ୍ବନ୍ଧୀୟ ସେବା ଅତ୍ୟନ୍ତ ଜରୁରୀ । ପେଟ୍ରୋଲିୟମ୍, କୋଇଲା, ବିଦ୍ୟୁତ୍, ଇସ୍ପାତ କିମ୍ବା ସାର ଉତ୍ପାଦନ, ବଣ୍ଟନ କିମ୍ବା ଯୋଗାଣରେ ଜଡ଼ିତ ଯେକୌଣସି ପ୍ରତିଷ୍ଠାନ ମଧ୍ୟ ଅତ୍ୟାବଶ୍ୟକ ସେବା ବର୍ଗରେ ଅନ୍ତର୍ଭୁକ୍ତ । ଏହା ସହିତ, ଯେକୌଣସି ବ୍ୟାଙ୍କିଙ୍ଗ ସମ୍ବନ୍ଧୀୟ ସେବା ESMA ପରିସରଭୁକ୍ତ ହୋଇପାରେ ।

# ଶିକ୍ଷାନୁଷ୍ଠାନରେ ନୈତିକ ସଂସ୍କାର ପାଇଁ ଉଦ୍ୟମ ହେଉ



ମନୋରଞ୍ଜନ ମହାନ୍ତି
ଇଂରାଜୀ ପ୍ରାଧ୍ୟାପକ
(ଅବସରପ୍ରାପ୍ତ)
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

ଦିନ ଥିଲା, ଗୁରୁକୁଳାଶ୍ରମରେ ପତ୍ରକୁଡ଼ିଆରେ ରହି ଛାତ୍ରମାନେ ଶିକ୍ଷା ପାଉଥିଲେ । ଧୀରେ ଧୀରେ ବିଦ୍ୟାଳୟ ଗୁଡ଼ିକର କଳେବର ବଦଳିଲା - ମାଟିକାନ୍ଥ ନଡ଼ାଛପର ଘର, ପଥରକାନ୍ଥ, ଟାଇଲ୍, ଟିଣଛପର ଘର । ଏକଦା ମାଟି ଚଟାଣରେ ବା ସିମେଣ୍ଟ ଚଟାଣରେ ବସି ଛାତ୍ରମାନେ ପାଠ ପଢୁଥିଲେ । କ୍ରମେ କ୍ରମେ ବିଦ୍ୟାଳୟଗୁଡ଼ିକରେ ଗ୍ରାନାଇଟ୍, ମାର୍ବଲ୍, ଟାଇଲ୍‌ବିଛା ଚଟାଣ, ଇଟା ପଥରରେ କାନ୍ଥ, କଂକ୍ରିଟ୍ ଛାତ, ଦୁଇ/ତିନି/ଚାରିତାଲା କୋଠା ମଜବୁତ୍ ବେଞ୍ଚ, ଡେସ୍କ, ଚୌକି, ଟେବୁଲ୍ । ପାଚେରି, ଫାଟକ, ବଗିଚା, ପ୍ରାଶାସନିକ ଭବନ, କ୍ୟାଣ୍ଟିନ୍, ଲାଇବ୍ରେରୀ, ଛାତ୍ରନିବାସ, ଛାତ୍ରୀନିବାସ, ଅଡିଟୋରିୟମ୍, କମ୍ପ୍ୟୁଟର୍ ରୁମ୍, ସ୍ମାର୍ଟ୍‌କ୍ଲାସ୍‌ରୁମ୍, ଖେଳପଡ଼ିଆ, ଶୌଚାଳୟ, ଲାବୋରେଟୋରୀ ସବୁଠି ଖୁବ୍ ଆଧୁନିକ ସାଜସଜ୍ଜାର ସ୍ପର୍ଶ ।

ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ତଦନୁରୂପ ସଜ୍ଜୀକରଣ । ବାତାନୁକୂଳ କୋଠରିରେ ବସିବସି ସଂପୃକ୍ତ ବ୍ୟକ୍ତିବିଶେଷଙ୍କ ଚେହେରା, ଚାହାଣି, ଚଳଣିରେ ଗୋଟେ ଚମକପ୍ରଦ ଚଟୁଳତା ଭରିଗଲା କି ସତରେ । ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ କୋଠାବାଡ଼ିର ଏ ଯେଉଁ ନବକଳେବର ହେଲା ସେଥିରେ ମୁଖ୍ୟ ଭୂମିକାରେ ରହିଲେ କିଛି ପ୍ରଭାବଶାଳୀ ଲୋକ । ସେମାନେ ଅର୍ଥନୀତି ନିର୍ଣ୍ଣୟ କଲେ, ଶିକ୍ଷାନୁଷ୍ଠାନଟାକୁ ନାନା ରଙ୍ଗରେ ରଙ୍ଗେଇ ଗୋଟେ ମନୋରଂଜକ ପାର୍କ୍‌ରେ ପରିଣତ କରିଦେଲେ, ସ୍କୁଲ୍ କଲେଜ ୟୁନିଭର୍ସିଟି ସବୁକୁ କ୍ରିକେଟ୍ ଫିଲ୍ଡ ଭାବି ନିର୍ଭୟରେ ବୋଲିଂ ବ୍ୟାଟିଂ କଲେ, ଆଉକିଛି ଲୋକ ନିର୍ବିଘ୍ନରେ ସେମାନଙ୍କୁ ପ୍ରୋତ୍ସାହିତ କଲେ ଓ ସେପରି କରିବାକୁ ପୂର୍ବ ଜନ୍ମର ସୁକୃତ ବିଚାର କଲେ ।

ଯେଉଁ ଋତୁରେ ଛାତ୍ରମାନେ ପାଠ ପଢ଼ି ପରୀକ୍ଷା ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେବାର କଥା, ସେ ଋତୁରେ ସାଂସ୍କୃତିକ କାର୍ଯ୍ୟକ୍ରମ ନାଁରେ ମନୋମୁଗ୍ଧକର ମଞ୍ଚ ତିଆରି ହେଲା, ଗୀତବାଦ୍ୟର ବ୍ୟୟବହୁଳ ଆୟୋଜନ ହେଲା, ବହୁଦିନର ଅବଦମିତ ପ୍ରବୃତ୍ତିଗୁଡ଼ାକର ପୂର୍ଣ୍ଣ ପ୍ରକଟନ ହେଲା ଯେତେବେଳେ ଛାତ୍ର ସେମାନଙ୍କ ଶିକ୍ଷାଦାତାଙ୍କ ସହିତ ମିଶି ମଞ୍ଚରେ ମନଭରି ନାଚିଲେ, ଅନ୍ତରଙ୍ଗ ନାଚର ଫଳସ୍ୱରୂପ ସମସ୍ତେ ଗଳଦ୍‌ଘର୍ମ ହେଲେ । ମାଙ୍କଡ଼ମାନେ ଉତ୍ତେଜିତ ହୋଇ ଗଛର ଏ ଡାଳରୁ ସେ ଡାଳକୁ ଡେଇଁଲାବେଳେ ଶିଶୁମାନେ ଆମୋଦିତ ହେଲା ଭଳି, କିଛି ଲୋକ ଛାତ୍ର-ଶିକ୍ଷକଙ୍କ ନାଚ ଦେଖି ଆମୋଦିତ ହେଲେ ସତ, ଅଥଚ ଆଉକିଛି ଲୋକ ପରସ୍ପରକୁ ପଚାରିଲେ, ଏ ସଂସ୍କୃତିଛଡ଼ା ନାଚଗୁଡ଼ା ଶିକ୍ଷାନୁଷ୍ଠାନର ଟ୍ରୁ (ପ୍ରକୃତ) ପ୍ରହସନ ନୁହେଁ ତ ? ସତ କହିବାକୁ ଗଲେ, ଦୀର୍ଘ ସମୟ ନାଚୁଥିବା ବରିଷ୍ଠ କନିଷ୍ଠମାନଙ୍କ ଦେହଗୁଡ଼ା ହଟ୍ ହେଲା ସିନା, ସବୁଦିନ ପାଇଁ ଶିକ୍ଷାନୁଷ୍ଠାନର ଚରିତ୍ର-ପଞ୍ଜିକାରେ ନାଚଟା ଗୋଟେ ବ୍ଲାକ୍ ସ୍ପଟ୍ ହୋଇ ରହିଗଲା । କିଛି ପ୍ରଭାବଶାଳୀ ଲୋକ ମିଳିମିଶି ମନ୍ତ୍ରଣା କଲେ, କହିଲେ, 'ଶିକ୍ଷାୟତନରେ ଛାତ୍ରସଂସଦ ଗଢ଼ା ନହେଉ, ପିଲାମାନେ ପାଠ ପଢ଼ନ୍ତୁ', କିନ୍ତୁ ଯାହା ଦେଖାଯାଉଛି ମାସମାସ ପାଠପଢ଼ା ବନ୍ଦ, ସଂପୃକ୍ତ ସମସ୍ତେ ନିଃସଙ୍କୋଚରେ ନାଚୁଛନ୍ତି, ଗହନ ପ୍ରୀତିର ଗୀତ ଗାଉଛନ୍ତି, ନାଚଗୀତ ତାତିରେ ଧୂଳି ଉଡୁଛି, ଧୂଆଁ ଉଠୁଛି, ଅନୁଷ୍ଠାନ ଅଣନିଃଶ୍ୱାସୀ ହେଉଛି । ସାଧାରଣ ଲୋକ ଦେଖୁଛନ୍ତି କିଛି ପ୍ରଭାବଶାଳୀ ଲୋକଙ୍କ ଅନେକ ଚାଲ୍ ।

କିଛି ପ୍ରଭୁ, ବଡ଼ପଣ୍ଡାଙ୍କ ମୁଣ୍ଡକୁ ଆଉ ଗୋଟେ କଥା ଲହଡ଼ି ଭଳି ମାଡ଼ିଆସିଲା । ପୁରାଣ ବର୍ଣ୍ଣିତ ଦେବଦେବୀ, ଭାଷା, ସାହିତ୍ୟର ଟେକ ରଖିବା ପାଇଁ ସେମାନେ ନୂଆ ଭେକ ଧରି ଘରୁ ବାହାରି ଆସିଲେ ଓ ନିର୍ଦ୍ଦେଶ ଦେଲେ ଶିକ୍ଷାନୁଷ୍ଠାନରେ ଅତିଥିମାନଙ୍କୁ ଡାକି ପୁରାଣର ଦେବଦେବୀଙ୍କ କଥା, ପ୍ରାଦେଶିକ ଭାଷା ସାହିତ୍ୟ ଐତିହ୍ୟ ସଂସ୍କୃତି କଥା ଆଲୋଚନା କର । ଅତିଥିମାନଙ୍କ ଯିବା ଆସିବା ଖାଇବା ଖର୍ଚ୍ଚ ବହନ କର । ସେମାନଙ୍କୁ ବକ୍ତବ୍ୟ ବାବଦରେ ପାରିଶ୍ରମିକ ଦିଅ । ପିଲାମାନେ ଆଲୋଚନା ଶୁଣନ୍ତୁ । ପିଲାଙ୍କ ପାଇଁ ବକ୍ତୃତା, କବିତା, ପ୍ରବନ୍ଧ, କାହାଣୀ, ନୃତ୍ୟ, ଗୀତ ପ୍ରତିଯୋଗିତା ଆୟୋଜନ କର, ସେମାନଙ୍କୁ ସାର୍ଟିଫିକେଟ୍ ଦିଅ ଇତ୍ୟାଦି ଇତ୍ୟାଦି ।" ପ୍ରଭୁମାନଙ୍କ ମୌଖିକ ଅମୃତ ଆଦେଶ, ବଡ଼ପଣ୍ଡାମାନଙ୍କ ଲିଖିତ ଅଲଂଘ୍ୟ ନିର୍ଦ୍ଦେଶ ପାଇ ଶିକ୍ଷାନୁଷ୍ଠାନର ପଦାଧିକାରୀମାନେ, ଯେଉଁମାନେ ଆଜ୍ଞାବହ, ଏକାନ୍ତ ଅନୁଗତ, ବିନୀତ, ବିଶ୍ୱସ୍ତ ପ୍ରାଣୀ ଭାବରେ ପରିଗଣିତ, ସେମାନେ ଅତିଥି, ବକ୍ତା ଯୋଗାଡ଼ କଲେ, ଆଲୋଚନା-ସଭାର ଆୟୋଜନ କଲେ । ଅମନୋଯୋଗୀ, ଅସ୍ଥିରଚିତ୍ତ ଶିକ୍ଷକ, ଶିକ୍ଷାକର୍ମୀ, ଶିକ୍ଷାର୍ଥୀମାନଙ୍କ ମେଳରେ ଅସଜଡ଼ା ମାଇକ୍ରୋଫୋନ୍‌ରେ କିଏ କ'ଣ କହିଲା, କିଏ କ'ଣ ଶୁଣିଲା, ବୁଝିଲା, କିଏ କେତେ ଲାଭ ପାଇଲା, କାହାର କେତେ କ୍ଷତି ହେଲା ତା'ର ଆଦି ଅନ୍ତ ଜଣାପଡ଼ିଲା ନାହିଁ । କେହି କେହି ଚ୍‌ସର୍, ସେକ୍ସପିୟର୍, ମିଲ୍‌ଟନ୍, ୱାର୍ଡ୍‌ସ୍‌ୱାର୍ଥ୍ ଶବ୍ଦଗୁଡ଼ିକୁ ଶତକଡ଼ା ଶହେ ଠିକ୍ ଉଚ୍ଚାରଣ କଲାବେଳେ ଆଦିକବି ସାରଳା, କବି ସମ୍ରାଟ ଉପେନ୍ଦ୍ର, ବିଦଗ୍‌ଧ କବି ଅଭିମନ୍ୟୁ, କାନ୍ତକବି ଲକ୍ଷ୍ମୀକାନ୍ତ ଶବ୍ଦଗୁଡ଼ିକୁ ସମ୍ପୂର୍ଣ୍ଣ ଭୁଲ୍ ଉଚ୍ଚାରଣ କରି ସଭାସ୍ଥଳରେ ବିଶ୍ୱର ସର୍ବବୃହତ୍ ବିସ୍ମୟ ସର୍ଜନା କଲେ, ଯେଉଁ ସଭାରେ ଥିଲେ ସେହି ଭାଷାରେ ଖୁବ୍ ଓଜନ୍‌ଦାର୍ ପୁରସ୍କାରପ୍ରାପ୍ତ ସମ୍ବର୍ଦ୍ଧିତ ମାନ୍ୟଶ୍ରେଷ୍ଠ ସାହିତ୍ୟରଥୀ ମହାରଥୀମାନେ, ସମସ୍ତେ ନିରବରେ ବସି ଶୁଣୁଥିଲେ ଭୁଲ୍ ଉଚ୍ଚାରଣଗୁଡ଼ିକୁ, କେହି ପ୍ରତିବାଦ କରୁନଥିଲେ କାଳେ ଭବିଷ୍ୟତରେ ଆଉ କୌଣସି ପୁରସ୍କାରରୁ ବଞ୍ଚିତ ହୋଇଯିବେ କି ବୋଲି ଭାବି, ଯାହା ଥିଲା ଗୋଟେ ଜାତି ଆଉ ତା'ର ଭାଷା ସାହିତ୍ୟ ପାଇଁ ଘୋର ଅମର୍ଯ୍ୟାଦାଜନକ । କେଉଁଠି କେଉଁଠି ଭିନ୍ନଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରମାନଙ୍କୁ ଯେଉଁ ସାର୍ଟିଫିକେଟ୍ ଦିଆଗଲା, ତା' ପଛପଟରେ ଛପାଯାଇଥିଲା ଗୋଟେ ଗୋଟେ ପ୍ରଭାବଶାଳୀ ଲୋକଙ୍କ ମନପସନ୍ଦ ପ୍ରିୟ ଦଳର ଚିହ୍ନ । ନଈ, ନାଳ, ପୋଖରୀରେ ବନିଶୀ କଣ୍ଟାରେ ମାଛ ଧରୁଥିବା ଲୋକ ଜିଅଳ ପକାଇ ବାଳିଆ ମାଡ଼ିବସିଲା ଭଳି କିଛି ଲୋକ ଛାତ୍ରମାନଙ୍କ ହାତରେ ଖଣ୍ଡେ ଖଣ୍ଡେ ସାର୍ଟିଫିକେଟ୍ ଧରାଇ ଦେଇ ସେମାନଙ୍କ ମନପସନ୍ଦ ଦଳ ପାଇଁ ସମର୍ଥନ ଯୋଗାଡ଼ କରୁଛନ୍ତି କି, ସତକୁ ସତ ଏହିଭଳି ହିଁ ମନେହେଲା ।

କିଛି ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷା ଅବ୍ୟବସ୍ଥିତା ମଧ୍ୟାହ୍ନଭୋଜନ, ଶିକ୍ଷାଦାନ, ଶିକ୍ଷାନୁଷ୍ଠାନ ପରିଚାଳନା, ଉଚ୍ଚ କର୍ତ୍ତୃପକ୍ଷଙ୍କ ପରିଦର୍ଶନ, ଶିକ୍ଷକ ଶିକ୍ଷାକର୍ମୀ ନିଯୁକ୍ତି ଓ ବଦଳି, ଛାତ୍ରାଭିଭାବକଙ୍କ ମାର୍ଗଦର୍ଶନ, କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ପରୀକ୍ଷା ପରିଚାଳନା, ଅଧ୍ୟୟନ ଓ ଗବେଷଣା, ଟିପଚିହ୍ନ ଜରିଆରେ ଷ୍ଟାଫ୍‌ଙ୍କ ଉପସ୍ଥିତି, ବିଦ୍ୟାର୍ଥୀଙ୍କ ବିଦ୍ୟାକୁ ଅର୍ଥକରୀ କରିବାର ଯୋଜନା ଅର୍ଥାତ୍ ଚାକିରି ପାଇଁ କ୍ୟାମ୍ପସ୍‌ରେ ସିଲେକ୍‌ସନ୍ ପ୍ରକ୍ରିୟା, ସେମିନାର୍ ସିମ୍ପୋସିୟମ୍ ଆୟୋଜନ, ଅନୁଷ୍ଠାନର ଇନ୍‌ଫ୍ରାଷ୍ଟ୍ରକ୍‌ଚର୍ ଡେଭେଲପ୍‌ମେଣ୍ଟ୍ ପାଇଁ ମଂଜୁରୀ ଅର୍ଥର ବିନିଯୋଗ, ନେତୃତ୍ୱ ସୃଷ୍ଟି ପାଇଁ ଛାତ୍ର ସଂସଦ ଗଠନ, ଛାତ୍ରୀମାନଙ୍କ ଆତ୍ମରକ୍ଷା କୌଶଳ ଶିକ୍ଷା, ର୍ୟାଗିଂ ଓ ଯୌନ ନିର୍ଯାତନା ନିରାକରଣ ଇତ୍ୟାଦି ସମସ୍ତ କ୍ଷେତ୍ରରେ ଅବହେଳା, ଅନିୟମିତତା, ଅବାଞ୍ଛିତ ବାହ୍ୟଚାପ, ଅର୍ଥ ତୋଷାରପାତ ଇତ୍ୟାଦି ।

ସାଧାରଣ ଲୋକଙ୍କ ପାଇଁ ହାସ୍ୟୋଦ୍ଦୀପକ ହୋଇପାରେ, କିନ୍ତୁ ଶିକ୍ଷାଜଗତ ପାଇଁ ଲଜ୍ଜାଦାୟକ ଗୋଟେ କଥା - ବାୟୋମେଟ୍ରିକ୍ ସିଷ୍ଟମ୍‌ରେ ପୂର୍ବାହ୍ଣରେ ଅଙ୍ଗୁଳି ଛାପ ଦେଲାପରେ କିଛି ଉଚ୍ଚଶିକ୍ଷିତ ଶିକ୍ଷକ ଶିକ୍ଷାୟତନରୁ କେଉଁଆଡ଼େ ଉଭାନ୍ ହୋଇଯାଉଛନ୍ତି, ପୁଣି ନିର୍ଦ୍ଦିଷ୍ଟ ସମୟ ପରେ ଅପରାହ୍ଣରେ ଶିକ୍ଷାୟତନକୁ ଫେରିଆସୁଛନ୍ତି ପୁନର୍ବାର ଅଙ୍ଗୁଳି ଛାପ ଦେବାକୁ - ଏ ଦୃଶ୍ୟ ଦେଖିଲେ ପିଲାଦିନର କଥା ମନେପଡୁଛି, ସ୍କୁଲ୍‌କୁ ଭ୍ୟାକ୍‌ସିନ୍ ବା ଟୀକା ଦବା ଲୋକ ଆସିଲେ କିଛି ପିଲା ଡରି କେଉଁଆଡ଼େ ପଳାନ୍ତି, ଟୀକାଦିଆ ଗଲା ପରେ ସ୍କୁଲ୍‌କୁ ଫେରିଆସନ୍ତି - ଠିକ୍ ସେମିତି କିଛି ଶିକ୍ଷକ ଶିକ୍ଷାଦାନକୁ ଡରି କେଉଁଆଡ଼କୁ ପଳାଉଛନ୍ତି, ଶିକ୍ଷାଦାନ ସମୟ ଅତିକ୍ରାନ୍ତ ହେଲେ ଶିକ୍ଷାୟତନକୁ ଫେରିଆସୁଛନ୍ତି କି ! କେତେକ ଶିକ୍ଷାୟତନର କର୍ତ୍ତୃପକ୍ଷ କେବଳ କ୍ଷମତା, ଅର୍ଥ ଲୋଭରେ ଗଦିପକା ଚୌକିରେ ବସିଛନ୍ତି ସିନା, ଚାକିରିରୁ ଅବସର ନେବାଯାଏ ସତକୁ ସତ ଗୋଟେ ଗୋଟେ ସଖୀ କଣ୍ଢେଇ ହୋଇ ରହିଛନ୍ତି ।

ସାମ୍ପ୍ରତିକ ସମୟର ଆବଶ୍ୟକତାକୁ ଆଖି ଆଗରେ ରଖି ଶିକ୍ଷାୟତନରେ ଦୁଇ/ତିନି/ଚାରିତାଲା କୋଠା ତିଆରି ହେଉ । ଗ୍ରାନାଇଟ୍, ମାର୍ବଲ୍, ଟାଇଲ୍ ବିଛା ହେଉ । ପାଚେରି, ଫାଟକ, ବଗିଚା, ଖେଳପଡ଼ିଆ, ଶୌଚାଳୟ, ଲାଇବ୍ରେରୀ, ଲାବୋରେଟୋରୀ, ଅଡ଼ିଟୋରିୟମ୍, କମ୍ପ୍ୟୁଟର୍ ରୁମ୍, ସ୍ମାର୍ଟ୍ କ୍ଲାସ୍‌ରୁମ୍, ଛାତ୍ରନିବାସ, ଛାତ୍ରୀନିବାସ, କ୍ୟାଣ୍ଟିନ୍, ପ୍ରାଶାସନିକ ଭବନ ସବୁଠି ଆଧୁନିକ ସାଜସଜ୍ଜାର ସ୍ପର୍ଶ ରହୁ । ଏସବୁ ଅତ୍ୟନ୍ତ ସ୍ୱାଗତଯୋଗ୍ୟ କିନ୍ତୁ ସେଥିସହିତ ଛାତ୍ର ଓ ଶିକ୍ଷକମାନେ ଉନ୍ନତ ଜ୍ଞାନ ଓ ଉତ୍ତମ ଚରିତ୍ର ଅର୍ଜନ ନିମିତ୍ତ ଆୟାସ ଜାରୀ ରଖନ୍ତୁ । ସମାଜର ବିଭିନ୍ନ ସୋପାନରେ ଥିବା ପ୍ରଭାବଶାଳୀ ଲୋକମାନେ, ବୁଦ୍ଧିଜୀବୀ, ସଚେତନ ଛାତ୍ରାଭିଭାବକମାନେ ଶିକ୍ଷାୟତନ, ଶିକ୍ଷା, ଶିକ୍ଷକ, ଶିକ୍ଷାର୍ଥୀଙ୍କ ଉପରେ ନୈତିକ ପ୍ରଭାବ ବିସ୍ତାର କରନ୍ତୁ । ଶିକ୍ଷାୟତନରେ ସମୟ, ସମ୍ପତ୍ତି ଓ ମାନବ ସମ୍ବଳ ଶକ୍ତିର ସଦ୍‌ବିନିଯୋଗ ହେଉ । ଏକ ଶୈକ୍ଷିକ ବାତାବରଣ ପାଇଁ ଶାନ୍ତ, ଶୃଙ୍ଖଳିତ, ସଂସ୍କୃତିସମ୍ପନ୍ନ ପରିସରଟିଏ ଆବଶ୍ୟକ, ଏକଥା ସଂପୃକ୍ତ ସମସ୍ତେ ସ୍ମରଣ ରଖନ୍ତୁ ।

# ସ୍ୱତନ୍ତ୍ର ଅଦାଲତଙ୍କ ସନ୍ଦେଶ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଦିଲ୍ଲୀର ବହୁ ଚର୍ଚ୍ଚିତ ମଦ ଦୁର୍ନୀତି ମାମଲାରେ ସ୍ୱତନ୍ତ୍ର ଅଦାଲତ ଆମ ଆଦମୀ ପାର୍ଟି (ଏଏପି)ର ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜିରୱାଲା, ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ମନୀଷ ସିଶୋଦିଆଙ୍କ ସମେତ ସମସ୍ତ ୨୩ଜଣ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିବା ଘଟଣା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ମର୍ଯ୍ୟଦାକୁ କେବଳ କ୍ଷୁର୍ଣ୍ଣ କରିନାହିଁ, ବିରୋଧି ଦଳର ନେତାମାନଙ୍କୁ କେନ୍ଦ୍ରୀୟ ସଂସ୍ଥା ଟାର୍ଗେଟ କରୁଥିବା ଅଭିଯୋଗକୁ ଆହୁରି ଶକ୍ତିଶାଳୀ କରିଛି ବୋଲି ନିସନ୍ଦେହରେ କୁହାଯାଇପାରିବ । କେବଳ ଏତିକି ନୁହେଁ, ସ୍ୱତନ୍ତ୍ର ଅଦାଲତ ବିଚାରପତି ରାୟ ଏବଂ ଟିପ୍ପଣୀ ସିବିଆଇ ଏବଂ କେନ୍ଦ୍ର ସରକାରଙ୍କ ପାଇଁ ଏକ ଶିକ୍ଷା ସଦୃଶ ହୋଇଛି । ସେହିପରି ରାଜନୈତିକ ବିରୋଧିମାନଙ୍କ ବିରୁଦ୍ଧରେ ସରକାର ଯେତେବେଳେ କେନ୍ଦ୍ରୀୟ ଏଜେନ୍ସିଗୁଡିକ ଆୟୁଦ୍ଧ ଭାବେ ବ୍ୟବହାର କରନ୍ତି, ସେତେବେଳେ ଆଇନର ଉଚିତ ପ୍ରକ୍ରିୟାକୁ ଅନୁସରଣ କରିବାର ଆବଶ୍ୟକତାକୁ ମଧ୍ୟ ସ୍ମରଣ କରାଇ ଦେଇଛି । କହିବା ବାହୁଲ୍ୟ ଯେ, ୨୦୨୨ ଅଗଷ୍ଟ ମାସରେ ତତ୍‌କାଳୀନ ଦିଲ୍ଲୀ ସରକାର ମଦ ନୀତିକୁ ରଦ୍ଦ କରିବା ପରେ ସିବିଆଇ ଏତଲା ଦାୟର କରିଥିଲା । ଦିଲ୍ଲୀ ମଦ ନୀତିରେ କେତେକ ବେପାରୀଙ୍କୁ ଅନୁଚିତ ଅନୁଗ୍ରହ ପ୍ରଦର୍ଶନ କରାଯାଇଥିବା ଅଭିଯୋଗ କେଜିରୱାଲା ସରକାରଙ୍କ ବିରୁଦ୍ଧରେ ଦୁର୍ନୀତିର କଳାବାଦଲ ଛାୟା ହୋଇଯାଇଥିଲା । କହିବା ଯଥାର୍ଥ ହେବ ଯେ, ବିଶିଷ୍ଟ ଗାନ୍ଧୀବାଦୀ ନେତା ଆନ୍ନା ହଜାରେଙ୍କ ଦୁର୍ନୀତି ବିରୋଧି ଆନ୍ଦୋଳନରୁ ଜନ୍ମ ନେଇଥିବା ଏଏପି ପାଇଁ ଏଭଳି ଅଭିଯୋଗ ଅତ୍ୟନ୍ତ ଚିନ୍ତାଜନକ ଥିଲା । ତେବେ ଅଭିଯୋଗକୁ ସରକାର ଅସ୍ୱୀକାର କରିବା ସହ ମଦ ନୀତିକୁ ତତକ୍ଷଣାତ୍ ରଦ୍ଦ କରିଦେଇଥିଲେ । ଏହା ସତ୍ତ୍ୱେ ଦିଲ୍ଲୀ ମୁଖ୍ୟ ସଚିବଙ୍କ ରିପୋର୍ଟ ଆଧାରରେ ଉପ-ରାଜ୍ୟପାଳ ସିବିଆଇ ତଦନ୍ତ ପାଇଁ ସୁପାରିଶ କରିଥିଲେ । ସିବିଆଇ ମାମଲା ରୁଜୁ କରି ପ୍ରଥମେ ଉପମୁଖ୍ୟମନ୍ତ୍ରୀଙ୍କୁ ଗିରଫ କରିଥିଲା, ଜେଦି ୫୧୦ ଦିନ ଜେଲରେ ରହିଥିଲେ । ସେହିପରି ମୁଖ୍ୟମନ୍ତ୍ରୀ କେଜିରୱାଲାଙ୍କୁ ସିବିଆଇ ଗିରଫ କରିବା ପରେ ସେ ୧୭୭ଦିନ ଜେଲରେ ରହିଥିଲେ । ଏହି ଦୁଇଜଣ ନୁହଁନ୍ତି, ଜଣକ ପରେ ଜଣେ ଆଉ ୨୧ଜଣ ଗିରଫ ହୋଇ ଜେଲରେ ରହିଛନ୍ତି । ୨୦୨୫ ଦିଲ୍ଲୀ ବିଧାନସଭା ନିର୍ବାଚନରେ ମଦ ଦୁର୍ନୀତି ମୁଖ୍ୟ ପ୍ରସଙ୍ଗ ହୋଇଥିବାବେଳେ ଏଏପି ଗାଦିଚ୍ୟୁତ ହୋଇଥିଲା । ଏପରିକି ମୁଖ୍ୟମନ୍ତ୍ରୀ କେଜିରୱାଲା ଶୋଚନୀୟ ଭାବେ ପରାସ୍ତ ହୋଇଥିଲେ । ଏବେ ଅଦାଲତଙ୍କ ରାୟ ସିବିଆଇର ତଦନ୍ତ ଉଚିତ ଆଇନଗତ ପ୍ରକ୍ରୀୟା ଦ୍ୱାରା ହୋଇନାହିଁ ବୋଲି ସ୍ପଷ୍ଟ ସନ୍ଦେଶ ଦେଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଅଦାଲତ ସିବିଆଇକୁ କଟୁ ଭର୍ତ୍ସନା କରିବା ସହ ଏହା ପଛରେ ଷଡଯନ୍ତ୍ର ଥିବା ମନ୍ତବ୍ୟ ଦେଇଛନ୍ତି । ସେହିପରି ସିବିଆଇ ହାତରେ କୌଣସି ପ୍ରମାଣ ନଥିବା, ଅନୁମାନ, ଅନ୍ଦାଜରେ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ବଳିଷ୍ଠ ରଣନୀତି ପ୍ରସ୍ତୁତ କରିଥିଲା । ଯେଉଁଥିପାଇଁ କି ତଦନ୍ତ ଅଧିକାରୀଙ୍କ ବିରୋଧରେ ବିଭାଗୀୟ ତଦନ୍ତ ପାଇଁ ଅଦାଲତ ସିଧାସଳଖ ନିର୍ଦ୍ଦେଶ ଦେଇଛନ୍ତି । ଯାହାକି ସିବିଆଇ ଇତିହାସରେ ପ୍ରଥମ ଘଟଣା ବୋଲି କୁହାଯାଇପାରେ । ଆହୁରି ମଧ୍ୟ ଏହି ମାମଲାରେ ବିନା ପ୍ରମାଣରେ ରାଜନେତା, ସରକାରୀ କର୍ମଚାରୀମାନେ କେନ୍ଦ୍ରୀୟ ଏଜେନ୍ସି କିପରି ଫସାଉଛନ୍ତି, ତାହା ଦେଖିବାକୁ ମିଳିଛି । ଉଲ୍ଲେଖଯୋଗ୍ୟ ଯେ, ସିବିଆଇ ବିରୁଦ୍ଧରେ ବା କାର୍ଯ୍ୟ ଶୈଳୀରେ ଅଦାଲତଙ୍କ କଠୋର ଆଭିମୁଖ୍ୟ ନୂଆ ନୁହେଁ । ୨୦୧୩ରେ ସୁପ୍ରିମକୋର୍ଟ ସିବିଆଇକୁ 'ପଞ୍ଜୁରୀ ଭିତରେ ଶାରୀ' ବୋଲି ବର୍ଣ୍ଣନା କରି ଭର୍ତ୍ସନା କରିଥିଲେ । ଏବେ ସ୍ୱତନ୍ତ୍ର ଅଦାଲତରେ ବିଚାରପତି ତଦନ୍ତକାରୀ ଅଧିକାରୀଙ୍କ ବିରୁଦ୍ଧରେ ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ସହ ପୂର୍ବ ପ୍ରସ୍ତୁତ ଯୋଜନାବଦ୍ଧ ମାମଲା ବୋଲି ଦର୍ଶାଇବା ସିବିଆଇର ନିରପେକ୍ଷତା, କାର୍ଯ୍ୟଶୈଳୀ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି । କହିବା ବାହୁଲ୍ୟ ଅତୀତରେ ୨୦୦୯ରେ ସିବିଆଇ ବହୁ ଚର୍ଚ୍ଚିତ ୨ଜି ସ୍କାମର ତଦନ୍ତ କରି ତତକାଳୀନ ଟେଲିକମ୍ ମନ୍ତ୍ରୀଙ୍କ ସହ ବହୁ ନେତା ଓ ଅଫିସରଙ୍କୁ ଗିରଫ କରି ଜେଲକୁ ପଠାଇଥିଲା । ସ୍ୱତନ୍ତ୍ର ଅଦାଲତ ସେତେବେଳେ ସମସ୍ତଙ୍କୁ ଦୋଷମୁକ୍ତ କରିବା ସହ ଖଲାସ କରିଥିଲେ । ସିବିଆଇର ଅପିଲ ଯୋଗୁଁ ଦିଲ୍ଲୀ ହାଇକୋର୍ଟରେ ମାମଲା ଏବେ ପଡିରହିଛି । ଆହୁରି ମଧ୍ୟ ପ୍ରବର୍ତନ ନିର୍ଦ୍ଦେଶାଳୟ(ଇଡି) ମଦ ଦୁର୍ନୀତି ଆଧାରରେ କେଜିରୱାଲା ଓ ଅନ୍ୟମାନଙ୍କ ବିରୁଦ୍ଧରେ ମନି ଲିଣ୍ଡରିଂ ତଦନ୍ତ କରି ମାମଲା ରୁଜୁ କରିଛି । ଏବେ ଇଡି ମାମଲାରେ ଶୁଣାଣି ଚାଲିଥିବାବେଳେ ଏହାର ଭାଗ୍ୟକୁ କେବଳ ଅପେକ୍ଷା । ଏହା ସତ୍ୟ ଯେ, ଆମ ଦେଶରେ ରାଜନେତା, ଅଫିସରଙ୍କ ବିରୁଦ୍ଧରେ ଦୁର୍ନୀତି ଓ ଆର୍ଥିକ ହେରଫେର ଅଭିଯୋଗରେ ଦୁଇ କେନ୍ଦ୍ରୀୟ ସଂସ୍ଥା ସିବିଆଇ ଓ ଇଡି ମାମଲା ରୁଜୁ କରିଛନ୍ତି । କିନ୍ତୁ ମାମଲାରେ ଦୋଷୀ ସାବ୍ୟସ୍ତ ହାର ଅତି ନଗଣ୍ୟ ତଥା ୩ ପ୍ରତିଶତ ଥିବା କୁହାଯାଏ ଅଥଚ ଆମେରିକାରେ ଦୋଷୀ ସାବ୍ୟସ୍ତ ହାର ୯୩ପ୍ରତିଶତ ଥିବା ଜଣାଯାଏ । ଆମ ଦେଶରେ ପ୍ରତି ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ହାର ୧ ଥିବା ବେଳେ ୫ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହାର ୨ ରହିଛି । ଏହାର କାରଣ ହେଉଛି ଦୁର୍ବଳ ପ୍ରମାଣ ।

# ପ୍ରସ୍ତାବିତ ହିନ୍ଦୁରାଷ୍ଟ୍ର



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦

ଏବେ ହିନ୍ଦୁତ୍ୱବାଦୀ ସଂଗଠନଗୁଡିକ ହିନ୍ଦୁରାଷ୍ଟ୍ର ଗଠନ ସପକ୍ଷରେ ଜୋରଦାର ଦାବୀ ଉପସ୍ଥାପନ କରିବାର ଶୁଣାଯାଉଛି । ଅନେକ ସାଧୁ-ସନ୍ଥ, ବାବା-ମାତା ଏବଂ ଏହି ମତବାଦୀ ସଂଗଠକ ଓ ରାଜନେତା ଏହାକୁ ସମର୍ଥନ କରୁଥିବାର ମଧ୍ୟ ଦେଖାଯାଉଛି । ହେଲେ ଏହି ହିନ୍ଦୁରାଷ୍ଟ୍ରର ରୂପରେଖ କ'ଣ ହେବ, ଏହାର ସ୍ପଷ୍ଟ ଚିତ୍ର ଓ ଏହାକୁ ନେଇ ସହମତି ଏଯାଏଁ ସମ୍ମୁଖକୁ ଆସିନାହିଁ । ଏ ବିଷୟକୁ ନେଇ ଅନେକ ଭାରତୀୟ ଦ୍ୱନ୍ଦ୍ୱ ଭିତରେ ଅଛନ୍ତି । ଭାରତ ଏକ ହିନ୍ଦୁ ବହୁଳ ରାଷ୍ଟ୍ର । ଦେଶର ପାଖାପାଖି ଶତକଡ଼ା ୮୦ ଭାଗ ଲୋକ ହିନ୍ଦୁ । ଏହା ଭିତରେ ଆଦିବାସୀ, ଦଳିତ, ଅନ୍ୟାନ୍ୟ ପଛୁଆବର୍ଗ ଓ ଅଗ୍ରସର ବର୍ଗର ଲୋକମାନେ ରହିଛନ୍ତି । ହିନ୍ଦୁରାଷ୍ଟ୍ରର ରୁପରେଖକୁ ନେଇ ଅନେକ ପ୍ରଶ୍ନ ଚର୍ଚ୍ଚାକୁ ଆସୁଛି । ଏହାର ସମ୍ବିଧାନ କ'ଣ ହେବ ? ସାମାଜିକ ଅବସ୍ଥା କିପରି ହେବ ? ହିନ୍ଦୁରାଷ୍ଟ୍ରରେ ପ୍ରଚଳିତ ସଂରକ୍ଷଣ ବ୍ୟବସ୍ଥା ରହିବ କି ନାହିଁ ? ସାମାଜିକ ସମତା ଉପରେ ଗୁରୁତ୍ୱ ରହିବ କି ନାହିଁ ? ଏହା ବିଜ୍ଞାନର ଅନୁଗାମୀ ହେବ ଅଥବା ଧାର୍ମିକ ପରମ୍ପରା ଦ୍ୱାରା ପରିଚାଳିତ ହେବ ? ଏପରି ଅନେକ ପ୍ରଶ୍ନ ଲୋକଙ୍କ ମନକୁ ଆନ୍ଦୋଳିତ କରୁଛି ।

ହିନ୍ଦୁଧର୍ମର ଧାର୍ମିକ ପଦାଧିକାରୀ ଓ ପ୍ରବକ୍ତାମାନଙ୍କ ମତ ଅନୁସାରେ ଏ ଧର୍ମ ପରିଚାଳିତ ହୁଏ । ଅବଶ୍ୟ ଏମାନେ ଧର୍ମଶାସ୍ତ୍ର ଓ ଧାର୍ମିକ ପରମ୍ପରାର ତର୍ଜମା କରି ବିଧିବିଧାନ କଥା ଉଲ୍ଲେଖ କରନ୍ତି । ଏମାନେ ହେଉଛନ୍ତି ଚାରିପିଠର ଶଙ୍କରାଚାର୍ଯ୍ୟ (ଅନେକ ସ୍ୱୟଂଘୋଷିତ ଶଙ୍କରାଚାର୍ଯ୍ୟ ମଧ୍ୟ ଅଛନ୍ତି), ମଠାଧିଶ, ମନ୍ଦିର ପୂଜକ, ବାବାଜୀ, ମାତାଜୀ, ସାଧୁ, ସନ୍ଥ, ପ୍ରବଚକ, ବିଭିନ୍ନ ପ୍ରକାର ଧାର୍ମିକ ସଂଗଠନ ଓ ସମର୍ଥିତ ରାଜନୈତିକ ଦଳମାନେ ମଧ୍ୟ ରହିଛନ୍ତି । ଏମାନେ ପ୍ରାୟତଃ ସମସ୍ତେ ହିନ୍ଦୁତ୍ୱର କଥା କହନ୍ତି ଓ ଭାରତକୁ ହିନ୍ଦୁରାଷ୍ଟ୍ର ଘୋଷଣା କରିବାର ସପକ୍ଷରେ ମତବ୍ୟକ୍ତ କରନ୍ତି । କିନ୍ତୁ ଏମାନେ ହିନ୍ଦୁ ରାଷ୍ଟ୍ରର ସ୍ପଷ୍ଟ ରୂପରେଖ ଉପସ୍ଥାପନ କରନ୍ତି ନାହିଁ । ହିନ୍ଦୁଧର୍ମ ମତେ ଦେଶ ପରିଚାଳିତ ହେବା କଥା ଏମାନେ କହନ୍ତି, କିନ୍ତୁ ରାଷ୍ଟ୍ର ପରିଚାଳନାର ଅନେକ ଦିଗ ରହିଛି ସେ ସମ୍ବନ୍ଧରେ ସ୍ପଷ୍ଟ ଚିତ୍ର ଉପସ୍ଥାପନ କରନ୍ତି ନାହିଁ । ଦେଖିବାକୁ ଗଲେ ଭାରତବର୍ଷରେ ହିନ୍ଦୁ ସଂସ୍କୃତି ଓ ପରମ୍ପରାର ପ୍ରାଧାନ୍ୟ ରହିଛି । ସାମାଜିକ ଜୀବନରେ ଏହା ସ୍ପଷ୍ଟ ବାରି ହୁଏ । ଏ ଦିଗରେ କୌଣସି ପ୍ରତିବନ୍ଧକ ନାହିଁ । ସ୍କୁଲ-କଲେଜରେ ଗଣେଶ ପୂଜା ଓ ସରସ୍ୱତୀ ପୂଜା ହୁଏ । କେତେକ ସରକାରୀ ଦପ୍ତରରେ ଦୁର୍ଗାପୂଜା, ବିଶ୍ୱକର୍ମା ପୂଜାଆଦି ହୁଏ । ବିଭିନ୍ନ ହିନ୍ଦୁ ପର୍ବପର୍ବାଣୀରେ ଛୁଟି ମଧ୍ୟ ମିଳେ । ହିନ୍ଦୁରାଷ୍ଟ୍ର ଘୋଷିତ ହେଲେ ଆଉ ଅଧିକ କଣ ମିଳିବ, ତାହାର ହିସାବ ଉପସ୍ଥାପିତ ହୁଏ ନାହିଁ ।

ହିନ୍ଦୁଧର୍ମର ମୁଖ୍ୟ ନିୟାମକ ଗ୍ରନ୍ଥ ହେଉଛି 'ମନୁସ୍ମୃତି' । ଅତି ହିନ୍ଦୁ ଓ ହିନ୍ଦୁବାଦୀ ସଂଗଠନଗୁଡିକ ମତରେ ମନୁସ୍ମୃତି ଭାରତବର୍ଷର ସମ୍ବିଧାନ ହେବା ଉଚିତ କିମ୍ବା ଏହାର ଆଧାରରେ ନୂତନ ସମ୍ବିଧାନ ରଚନା କରାଯିବା ଉଚିତ । ଅତୀତରେ ସମ୍ବିଧାନ ପ୍ରଣୟନ ସଭାରେ ମଧ୍ୟ ଏକଥା ଉଠିଥିଲା । କିନ୍ତୁ ସେସମୟର ନେତୃମଣ୍ଡଳୀ ଏ କଥାକୁ ଗୁରୁତ୍ୱ ଦେଇନଥିଲେ । ଫଳରେ ଅତି ହିନ୍ଦୁବାଦୀ ସଂଗଠନଗୁଡିକ ବର୍ତ୍ତମାନର ପ୍ରଚଳିତ ସମ୍ବିଧାନକୁ ବହୁବର୍ଷ ପର୍ଯ୍ୟନ୍ତ ଗ୍ରହଣ କରିନଥିଲେ । ତାଙ୍କ ଭିତରୁ ଅନେକେ ଏବେବି ପ୍ରଚଳିତ ସମ୍ବିଧାନକୁ ସ୍ୱୀକାର କରିବାରେ କୁଣ୍ଠାବୋଧ କରୁଛନ୍ତି । ଧରାଯାଉ ଆଗାମୀ ଦିନରେ ଭାରତକୁ ହିନ୍ଦୁରାଷ୍ଟ୍ର ଘୋଷଣା କରାଗଲା ଓ ମନୁସ୍ମୃତିକୁ ସମ୍ବିଧାନରୂପେ ଗ୍ରହଣ କରାଗଲା, ତେବେ କ'ଣ ଏହାର ନୀତି ନିୟମକୁ କୋଠରତାର ସହିତ ପାଳନ କରାଯିବ । ଏହା ବିନା ହିନ୍ଦୁରାଷ୍ଟ୍ରର ଅର୍ଥ କ'ଣ ରହିବ ? ମନୁସ୍ମୃତିକୁ ସମ୍ବିଧାନରୂପେ ଗ୍ରହଣ କଲେ ଏଥିରେ ବର୍ଣ୍ଣିତ ବର୍ଣ୍ଣବ୍ୟବସ୍ଥା ମୁତାବକ ସମାଜର ବିଭାଜନକୁ ଆହୁରି ମଜଭୁତ କରାଯିବ । ଅର୍ଥାତ୍ ଜାତିବ୍ୟବସ୍ଥା ଆହୁରି ମଜଭୁତ ହେବ । ମନୁସ୍ମୃତିର ବର୍ଣ୍ଣନା ଅନୁଯାୟୀ ପ୍ରତ୍ୟେକ ଜାତିର କର୍ମ ଉପରେ ଗୁରୁତ୍ୱ ଦିଆଯିବ । ଶୁଦ୍ରମାନଙ୍କୁ ସେହି ଅନୁସାରେ ବ୍ୟବହାର ପ୍ରଦର୍ଶନ କରାଯିବ । ମହିଳାଙ୍କ ସ୍ୱାଧୀନତା ଓ ସମାନ ଅଧିକାର ଲୋପପାଇବ । ସମାଜ ମଧ୍ୟଯୁଗୀୟ ଧାର୍ମିକ କଠୋରତା ଆଡକୁ ଅଗ୍ରସର ହେବ ।

ଅନ୍ୟ ପ୍ରଶ୍ନ ହେଉଛି ଯେଉଁ ହିନ୍ଦୁରାଷ୍ଟ୍ର କଥା କୁହାଯାଉଛି ସେଠାରେ ସଂଖ୍ୟାଲଘୁମାନଙ୍କ ସ୍ଥିତି କ'ଣ ହେବ ? ପ୍ରସ୍ତାବିତ ରାଷ୍ଟ୍ରରେ କେବଳ ହିନ୍ଦୁମାନେ ରହିବେ ଓ ଅନ୍ୟ ଧର୍ମାବଲମ୍ବୀମାନଙ୍କୁ ତଡ଼ି ଦିଆଯିବ କି ? ତାଙ୍କଠାରୁ ନାଗରିକତ୍ୱର ଅଧିକାର କାଢି ନିଆଯିବ କି ? ତାଙ୍କୁ ତାଙ୍କର ଧାର୍ମିକ ପରମ୍ପରା ପାଳନ କରିବାକୁ ଦିଆଯିବ ନାହିଁ କି ? ଏ ପ୍ରଶ୍ନ ଆସୁଛି ଯେହେତୁ ହିନ୍ଦୁତ୍ୱବାଦୀ ସଂଗଠନଗୁଡିକର ମୁଖ୍ୟ ଅସନ୍ତୋଷ ରହିଛି ଭାରତର ସଂଖ୍ୟାଲଘୁମାନଙ୍କୁ ନେଇ । ବିଶ୍ୱର ଅନେକ ରାଷ୍ଟ୍ରରେ ହିନ୍ଦୁମାନେ ସଂଖ୍ୟାଲଘୁଭାବେ ବସବାସ କରନ୍ତି ଓ ଅନାୟସରେ ନିଜ ଧର୍ମ-ପରମ୍ପରା ପାଳନ କରନ୍ତି । ଏପରିକି ମୁସଲମାନ କୋଟରପନ୍ଥୀ ରାଷ୍ଟ୍ର ପାକିସ୍ଥାନ ଓ ବାଂଲାଦେଶରେ ହିନ୍ଦୁମାନେ ସଂଖ୍ୟାଲଘୁ, ତଥାପି ସେଠାରେ ଏମାନେ ଧାର୍ମିକ ପରମ୍ପରାର ପାଳନ ଓ ନାଗରିକତ୍ୱର ଅଧିକାର ଉପଭୋଗ କରନ୍ତି । ଭାରତବର୍ଷରେ ମଧ୍ୟ ମୁସଲମାନ, ଖ୍ରୀଷ୍ଟିଆନ ଓ ଅନ୍ୟ ଧର୍ମର ଲୋକ ନାଗରିକତ୍ୱର ଅଧିକାର ପାଇଛନ୍ତି ଏବଂ ନିଜ ଧର୍ମ ଓ ପରମ୍ପରାକୁ ପାଳନ କରିବାର ଅଧିକାର ପାଇଛନ୍ତି । ଭାରତବର୍ଷରେ କେବଳ ହିନ୍ଦୁମାନେ ରହିବେ, ଅନ୍ୟମାନଙ୍କୁ ତଡି ଦିଆଯିବ, ହିନ୍ଦୁରାଷ୍ଟ୍ରର ସମ୍ବିଧାନ ଏପରି କହିଲେ ସାରା ବିଶ୍ୱରେ ଏହାର ଗଭୀର ପ୍ରଭାବ ପଡିବ । ଯେଉଁ ରାଷ୍ଟ୍ରରେ ହିନ୍ଦୁମାନେ ସଂଖ୍ୟାଲଘୁ ସେଠାରୁ ମଧ୍ୟ ହିନ୍ଦୁମାନଙ୍କୁ ତଡିଦେବାର ସମ୍ଭାବନା ଦେଖାଦେବ । ସଂଖ୍ୟାଲଘୁମାନେ ଭାରତବର୍ଷରେ ରହିପାରିବେ, କିନ୍ତୁ ନିଜ ଧାର୍ମିକ ପରମ୍ପରା ପାଳନ କରିପାରିବେ ନାହିଁ, ଏପରି କଲେ ମଧ୍ୟ ସମାନ ପ୍ରତିକ୍ରିୟା ଦେଖାଦେବ । ବିଶ୍ୱର ବିଭିନ୍ନ ଦେଶରେ ହିନ୍ଦୁମାନଙ୍କ ଉପରେ ସମାନ ନିୟମ ଲାଗୁହେବ । ଫଳରେ ଭାରତୀୟ ସମାଜ ବିଶ୍ୱ ସମୁଦାୟଠାରୁ ବିଚ୍ଛିନ୍ନ ହୋଇଯିବ । ଧର୍ମନିରପେକ୍ଷତା ଶବ୍ଦକୁ ହଟାଇ ଭାରତକୁ ହିନ୍ଦୁରାଷ୍ଟ୍ର ଭାବେ ଘୋଷଣା କରି ସଂଖ୍ୟାଲଘୁଙ୍କ ଉପରେ କେଉଁ କଟକଣା ଲଗାଯିବ ତାହା ସ୍ପଷ୍ଟ ହେବା ଉଚିତ୍ ।

ଆମ ସମ୍ବିଧାନରେ ଥିବା ସଂରକ୍ଷଣ ବ୍ୟବସ୍ଥା ଅନ୍ୟ ଏକ ବିତର୍କିତ ବିଷୟ । ଅନୁସୂଚୀତ ଜାତି ଓ ଜନଜାତି ଏବଂ ଅନ୍ୟାନ୍ୟ ପଛୁଆବର୍ଗ ନାମରେ ଯେଉଁ ସଂରକ୍ଷଣ ସୁବିଧା ସମାଜର ଅନଗ୍ରସର ବର୍ଗଙ୍କୁ ଦିଆଯାଉଛି ଏମାନଂକୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ, ତାହା ଉପରେ ମଧ୍ୟ ଅନେକ ହିନ୍ଦୁତ୍ୱବାଦୀ ସଂଗଠନର ବିରୋଧଭାବ ରହିଛି । ତେଣୁ ଯେଉଁ ହିନ୍ଦୁରାଷ୍ଟ୍ରର କଥା କୁହାଯାଉଛି ଯେଉଁଠାରେ ଏ ସମସ୍ତ ସାମ୍ବିଧାନିକ ଗୋଷ୍ଠୀ ଆଉ ରହିବ ନାହିଁ । ଏହା ସହିତ ପ୍ରଚଳିତ ସଂରକ୍ଷଣ ବ୍ୟବସ୍ଥାର ମଧ୍ୟ ସମାପ୍ତ ହେବ । ସଂରକ୍ଷଣ ବ୍ୟବସ୍ଥା ରହିଲେ ତାହା ଆର୍ଥିକ ଆଧାରରେ ହେବ । ଏବେ ପ୍ରଶ୍ନ ଉଠୁଛି ଏହି ଆଧାରରେ ଦଳିତ ଓ ଆଦିବାସୀ ବର୍ଗର ପିଲାମାନେ ଅଗ୍ରସର ବର୍ଗର ପିଲାମାନଙ୍କ ସହିତ ପ୍ରତିଯୋଗିତା କରିପାରିବେ କି ? ସାମାଜିକ ଅନଗ୍ରସରତା ଭାରତବର୍ଷର ମୂଳ ସମସ୍ୟା । ସାମଜିକଭାବେ ଆଗକୁ ଆଣିବା ପାଇଁ ପ୍ରଚଳିତ ସଂରକ୍ଷଣ ବ୍ୟବସ୍ଥା ଉଦ୍ଦିଷ୍ଟ । ଆର୍ଥିକ ଆଧାରରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେଲେ ସମସ୍ତ ସୁବିଧା ସୁଯୋଗ ଗୋଟିଏ ଦୁଇଟି ଅଗ୍ରସର ଜାତି ହାତକୁ ଚାଲିଯିବ । କୌଣସି ସଂରକ୍ଷଣ ବ୍ୟବସ୍ଥା ଲାଗୁ ନହେଲେବି ସମାନ ଅବସ୍ଥା ସୃଷ୍ଟି ହେବ । ହିନ୍ଦୁତ୍ୱର ଅବିଚ୍ଛେଦ୍ୟ ଅଂଶ ହେଉଛି ଜାତିବ୍ୟବସ୍ଥା । ଏହା ବର୍ଣ୍ଣବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଏ । ପ୍ରଚଳିତ ଜାତିବ୍ୟବସ୍ଥା ବର୍ଣ୍ଣବ୍ୟବସ୍ଥାରୁ ଆସିଛି । ତେଣୁ ପ୍ରସ୍ତାବିତ ହିନ୍ଦୁରାଷ୍ଟ୍ରରେ ଜାତିବାଦ ରହିବ । ଫଳରେ ସମାଜରେ ଦଳିତ, ଆଦିବାସୀ, ପଛୁଆବର୍ଗ ମଧ୍ୟ ରହିବେ, ହୁଏତ ନାମ ଅଲଗା ହୋଇପାରେ । କାରଣ ହିନ୍ଦୁତ୍ୱ ଜାତିବିହୀନ ସମାଜ କଥା କହେ ନାହିଁ । ଏହା ଜାତିଗତ ସାମାଜିକ ବିଭାଜନକୁ ସ୍ୱୀକାର କରେ, ଏହାକୁ ଆଦର୍ଶ ଭାବେ ।

ପ୍ରସ୍ତାବିତ ହିନ୍ଦୁରାଷ୍ଟ୍ରରେ ବିଜ୍ଞାନ ଓ ବୈଜ୍ଞାନିକ ମନୋଭାବ ପ୍ରତି କେଉଁ ଦୃଷ୍ଟିକୋଣ ରହିବ ତାହା ଏକ ବଡ଼ ପ୍ରଶ୍ନ । ଏହା ବିଜ୍ଞାନକୁ ଜଳାଞ୍ଜଳି ଦେଇ କେବଳ ଶାସ୍ତ୍ର ଓ ପରମ୍ପରାର ଅନୁଗାମୀ ହେବ କିମ୍ବା ମିଶ୍ରିତ ଦୃଷ୍ଟିଭଙ୍ଗି ରଖିବ ତାହା ସ୍ପଷ୍ଟ ହେବା ଉଚିତ୍ । ହିନ୍ଦୁତ୍ୱର ଶକ୍ତି ହେଉଛି ବେଦ-ବେଦାନ୍ତ, ଶାସ୍ତ୍ର-ପୁରାଣ, ସଂସ୍କୃତି-ପରମ୍ପରା ଓ ପ୍ରଚଳିତ ସମାଜିକ ରୀତି-ନୀତି । ଏଗୁଡ଼ିକ ଉପରେ ଗୁରୁତ୍ୱ ଦେଲେ ଓ ଏଥିରେ ବର୍ଣ୍ଣିତ ସମସ୍ତ କଥାକୁ ସତ୍ୟ ବୋଲି ଗ୍ରହଣ କଲେ କେତେକ କ୍ଷେତ୍ରରେ ବୈଜ୍ଞାନିକ ସିଦ୍ଧାନ୍ତକୁ ଛାଡ଼ିବାକୁ ପଡିବ । ଶାସ୍ତ୍ରମତେ ମନଷ୍ୟର ସୃଷ୍ଟି ବ୍ରହ୍ମାଙ୍କ ଶରୀରର ବିଭିନ୍ନ ଅଙ୍ଗରୁ ହୋଇଛି, ପୃଥିବୀକୁ ବାସୁକୀ ନାଗ ଫଣାରେ ଟେକି ରଖିଛନ୍ତି, ହନୁମାନ ସୂର୍ଯ୍ୟକୁ ଗିଳି ଦେଇଥିଲେ, ରାହୁ-କେତୁ ସୂର୍ଯ୍ୟ ଓ ଚନ୍ଦ୍ରକୁ ଗିଳିବା ଦ୍ୱାରା ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ ଗ୍ରହଣ ହୁଏ, ଅତୀତରେ ପଶୁପକ୍ଷୀ କଥା କହି ପାରୁଥିଲେ ଓ ମନୁଷ୍ୟକୁ ବିବାହ ମଧ୍ୟ କରୁଥିଲେ, ରାବଣର ଦଶଟା ମୁଣ୍ଡ ଥିଲା, ସେ ପୁଷ୍ପକ ବିମାନରେ ଯିବା ଆସିବା କରୁଥିଲା, ଶଲ୍ୟଚିକିତ୍ସା ଜରିଆରେ ମଣିଷ ଦେହ ସହିତ ହାତି ମୁଣ୍ଡକୁ ଯୋଡାଯାଇ ପାରୁଥିଲା, ଅତୀତରେ ବିରାଟକାୟ ରାକ୍ଷସ ଥିଲେ ଯଦିଓ ତାଙ୍କ ଫସିଲ୍ ଏବେ ଉପଲବ୍ଧ ହେଉନାହିଁ, ଜାତକ-ରାଶି, ଭାଗ୍ୟ-ଭାଗବାନ, ପୂଜା-ଆରାଧନା, ଦାନ-ଦକ୍ଷିଣା ପ୍ରଭୃତି ଉପରେ ଗୁରୁତ୍ୱ ଦିଆଯିବ । ଫଳରେ ବିଜ୍ଞାନ ଦୁରେଇବ ଓ ପାଠ୍ୟକ୍ରମରୁ ମଧ୍ୟ ହଟିବ । କାରଣ ଧର୍ମର ଅନେକ କଥା ବିଜ୍ଞାନର ପରିପନ୍ଥୀ, ଯେହେତୁ ସେଗୁଡିକ ପ୍ରମାଣ ବିହୀନ ଓ ବିଶ୍ୱାସ ଆଧାରିତ ।

ବର୍ତ୍ତମାନର ସମ୍ବିଧାନରେ ପ୍ରଦତ୍ତ ମୌଳିକ ଅଧିକାର ରହିବ କି ନାହିଁ ? ସମାନତା, ଭାତୃତ୍ୱଭାବ, ନ୍ୟାୟ ଓ ବ୍ୟକ୍ତି ସ୍ୱାତନ୍ତ୍ରତା ଉପରେ କେଉଁ ଅଭିମୁଖ୍ୟ ରହିବ ତାହା ମଧ୍ୟ ସ୍ପଷ୍ଟ ହେବା ଉଚିତ୍ । ଆଦିବାସୀ, ଦଳିତ ଓ ପଛୁଆବର୍ଗଙ୍କୁ ସମାନ ଅଧିକାର ମିଳିବ ଅଥବା ତାଙ୍କୁ ଦ୍ୱିତୀୟ ଶ୍ରେଣୀର ନାଗରିକଭାବେ ବିବେଚନା କରାଯିବ, ଏହାର ତର୍ଜମା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟ । ପଛୁଆବର୍ଗମାନେ କଥାବାଚକ ହୋଇପାରିବେ ନାହିଁ, ଏପରି କଲେ ତାଙ୍କୁ ମୁଣ୍ଡନ କରି ନାକଘୋଷା କରାଇ ତାଙ୍କ ଉପରେ ସବର୍ଣ୍ଣ ମହିଳାଙ୍କ ମୂତ୍ର ସିଞ୍ଚନ କରି ପବିତ୍ର କରାଯିବ, ଏମାନେ ଚୁରୁକି ରଖିଲେ ତାକୁ ଉପାଡି ଦିଆଯିବ, ମନ୍ଦିରରେ ପ୍ରବେଶ କଲେ ଓ ସରକାରୀ ବାସଭବନ ଛାଡିଲେ ଗଙ୍ଗାଜଳରେ ଧୋଇ ପବିତ୍ର କରାଯିବ, ଦଳିତ ଲୋକ ମନ୍ଦିରରେ ପ୍ରବେଶ କଲେ ତାକୁ ତଡି ଦିଆଯିବ, ଘୋଡା ଚଢିଲେ ଟାଣି ଓହ୍ଲାଇ ମାଡ ଦିଆଯିବ, ଠାକୁରଙ୍କୁ ଛୁଇଁଲେ ମାରି ଦିଅଯିବ, ଆଦିବାସୀ ରାଷ୍ଟ୍ରପତି ହେଲେବି ତାଙ୍କୁ ପ୍ରଥମେ ପବିତ୍ର କରାଯିବ, ତାଙ୍କୁ ମନ୍ଦିରର ଗର୍ଭଗୃହକୁ ପ୍ରବେଶ କରିବାକୁ ଦିଆଯିବ ନାହିଁ । ବର୍ତ୍ତମାନର ସମ୍ବିଧାନରେ ଏ ସବୁର ବାରଣ ସତ୍ତ୍ୱେ ଏସବୁ ଧର୍ମଭିତ୍ତିକ ଘଟଣା ଘଟି ଚାଲିଛି । ଏ ସମସ୍ତ ଘଟଣା ଆହୁରି ପ୍ରସାରିତ ହେବ କି ? ଅନେକଙ୍କ ଆଶଙ୍କା ପ୍ରସ୍ତାବିତ ହିନ୍ଦୁରାଷ୍ଟ୍ରରେ ଏ ସମସ୍ତ ଘଟଣା ନିୟମସଙ୍ଗତ ହୋଇଯିବ । ଜାତିଗତ ଅତ୍ୟାଚାର ଓ ପାତରଅନ୍ତର ନ୍ୟାୟପୂର୍ଣ୍ଣ ସମାଜର ପରିଭାଷା ହୋଇଯିବ । ତର୍କବିତର୍କ ସମାପ୍ତ ହେବ । ଧର୍ମଗୁରୁମାନେ ଯାହା କହିବେ ତାହାହିଁ ଚୁଡାନ୍ତ ହେବ । ବୈଜ୍ଞାନିକ ଅନ୍ୱେଷଣ ସମାପ୍ତ ହେବ । ଶାସ୍ତ୍ର ପୁରାଣରେ ଯାହା ଲେଖାଯାଇଛି ତାକୁହିଁ ସତ୍ୟ ବୋଲି ଗ୍ରହଣ କରିବାକୁ ପଡିବ । ଯେଉଁମାନେ ଏକମତ ହେବେ ନାହିଁ ତାଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ । ପ୍ରସ୍ତାବିତ ହିନ୍ଦୁରାଷ୍ଟ୍ରରେ ଏପରି ଆଶଙ୍କା ଯେ ଅମୂଳକ ଏହାର ସ୍ପଷ୍ଟ ରୂପରେଖ ଉପସ୍ଥାପିତ ହେବା ଅତ୍ୟନ୍ତ ଜରୁରୀ ।


Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ପିଲାଙ୍କ ମହାଭାରତ-୭୩



ନିତ୍ୟାନନ୍ଦ ପଣ୍ଡା

## କିଚକର ମୃତ୍ୟୁ-୪



ସକାଳେ । ଦ୍ରୌପଦୀ ରକ୍ଷୀମାନଙ୍କୁ ଉଠେଇଲେ । କହିଲେ- କାଲି ରାତିରେ କିଚକ ଆସିଥିଲା ମୋର ଇଜ୍ଜତ ନେବାକୁ । ମୁଁ ତାକୁ ପୂର୍ବରୁ ସତର୍କ କରିଦେଇଥିଲି । କିନ୍ତୁ ସେ ବେଖାତିର କଲା । ମୋର ଗନ୍ଧର୍ବ ସ୍ୱାମୀମାନେ ତାକୁ ମାରିଦେଲେ ।

କିଚକର ବିରାଟ ଶରୀର ମାଂସ ପିଣ୍ଡୁଳାଟିଏ ପରି ଭୂଇଁରେ ପଡ଼ିଥିଲା ।

ସେନାପତି କିଚକ ମରିଗଲେ ! ସୈରିନ୍ଧ୍ରୀର ଗନ୍ଧର୍ବ ସ୍ୱାମୀ ମାରିଦେଲେ ! ସେ ନାରୀ ଦେଶ ପାଇଁ ବିପଦ । ଅଶୁଭ । ରାଜା କାହିଁକି ସେପରି ନାରୀକୁ ପ୍ରାସାଦରେ ରଖିଛନ୍ତି ! ଆଗକୁ ଆହୁରି ବିପଦ ସୃଷ୍ଟି କରିପାରେ । ବାହାରକରିଦିଅ ତାକୁ ନଗ୍ରରୁ !

ଏହିପ୍ରକାର ଗୁଞ୍ଜରଣ ପ୍ରଜାମାନଙ୍କ ମଧ୍ୟରେ ।

ସେମାନେ ରାଣୀ ସୁଦେଷ୍ଣାଙ୍କ ପାଖରେ ଅଭିଯୋଗ କଲେ ।

ରାଣୀ ଭାବିଲେ, ଅଭିଯୋଗ ସତ୍ୟ ।

ସେ ଡାକିଲେ ସୈରିନ୍ଧ୍ରୀକୁ ।

"ତୁ ଅବଶ୍ୟ ଜଣେ ଗୁଣବତୀ ଝିଅ । ତଥାପି ତୋ ନାଁରେ ବହୁ ଅଭିଯୋଗ ଆସୁଛି । ତୁ ଏଠାରୁ ବାହାରିଯା !"- କହିଲେ ରାଣୀ । ସତ କହିଲେ, ରାଣୀ ଡରିଯାଇଥିଲେ ସୈରିନ୍ଧ୍ରୀକୁ ।

ସେ ସମୟକୁ ପାଣ୍ଡବମାନଙ୍କ ଅଜ୍ଞାତବାସ ପୂରିବାକୁ ଆଉ ଏକମାସ ରହିଛି । ଏବେ କେମିତି ଓ କୁଆଡ଼େ ଯିବି ? ଭାବିଲେ ଦ୍ରୌପଦୀ ।

କହିଲେ, "ରାଣୀ ମା ! ମୋତେ ଆଉ ମାସେ ସମୟ ଦେବା ହୁଅନ୍ତୁ । ଏହି ସମୟ ମଧ୍ୟରେ ମୋର ଗନ୍ଧର୍ବ ସ୍ୱାମୀମାନେ ଠିକଣାକରି ଆସି ମୋତେ ଏଠୁ ନେଇଯିବେ । ସେମାନଙ୍କୁ ଚିଡେଇଲେ ଅଧିକ କ୍ଷତି ହେବ ।"

ରାଣୀ ସୁଦେଷ୍ଣା କହିଲେ- ହଉ । ସେ ସେରିନ୍ଧ୍ରୀକୁ ଅସନ୍ତୁଷ୍ଟ କରିବାକୁ ଚାହୁଁନଥିଲେ । ସେ ଡରୁଥିଲେ । ଏହି ନାରୀ ପାଇଁ ମୋ ଭାଇ ମଲା !

କିଚକର ମୃତ୍ୟୁ ସମ୍ବାଦ ଦୁର୍ଯ୍ୟୋଧନ ପାଖରେ ପହଞ୍ଚିଲା ।

(କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୭୯୩୩୦୮*



# ଫୁଲ

**ପବିତ୍ର କୁମାର ସାହୁ**

ଫୁଲଟିଏ ମୁଁ ଯେ ଫୁଲଟିଏ
ତୁମ ରାଇଜର ପରୀଟିଏ
ଡାଳେ ଝୁଲି ଝୁଲି ହସିଦିଏ
ସଭିଙ୍କର ଦୁଃଖ ଫେଡ଼ିନିଏ ॥
ବିଲ ବଣ ନଦୀ ପାହାଡ଼ରେ
ଫୁଟି ଖେଳେ ଭାରି ଆନନ୍ଦରେ
କେଡ଼େ ଶରଧାରେ ପ୍ରଭୁ ମୋତେ
ଗଢିଦେଲେ ରୂପ ନିଜ ହାତେ ॥
ଇନ୍ଦ୍ରଧନୁ ଠାରୁ ଘେନି ରଙ୍ଗ
ବୋଳିଦେଲେ ମୋର ସାରା ଅଙ୍ଗ
ଟାଇଁ ଟାଇଁ ଖରା ମାରୁ ଯେତେ
ହସୁଥିବି ସଦା ତୁମ ହିତେ ॥
ଖେଳାଇବି ବାସ ଅଗଣାରେ
ଆସୁ ଯେତେ ଦୁଃଖ ଜୀବନରେ
ହସି ହସି ମଧୁ ବିତରିବି
ତୁମସହ ନିତି ଖେଳୁଥିବି ॥
ତୁମରି ଆଦର ସ୍ନେହ ପ୍ରୀତି
ମୋ ଦେହେ ଭରିଛି ପ୍ରାଣ ଜ୍ୟୋତି
ତୁମପରି ବନ୍ଧୁ ପାଇ ସତେ
ମୋ ଜୀବନ ଧନ୍ୟ ଏ ଜଗତେ ॥
ମୋର ସେବା ଯତ୍ନ କରି ତୁମେ
ଉଡ଼ାଇବ ଯଶ ଧରା ଧାମେ
ଛୋଟ ବୋଲି ମୋତେ ନମଣିବ
ସ୍ନେହ ଆଦରରେ ବଢ଼ାଇବ ॥

*ସଂସ୍କୃତ ଶିକ୍ଷକ, ଅତାସାହି,*
*ଆନନ୍ଦପୁର, କେନ୍ଦୁଝର*
*ମୋ- ୯୭୭୭୫୬୦୯୨୧*

# ଆମ ମୁହେଁ ହସ ଦିଅ

**ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ**



ତୁମେ ବଡ଼ମାନେ ନିଜ ଅହଙ୍କାରେ
ଯୁଦ୍ଧରେ ଯାଉଛ ମାତି
ନିରିମମ ହୋଇ କେତେ ଯେ ଶିଶୁଙ୍କୁ
ମାଟିରେ ଦେଉଛ ପୋତି
ଭଲ କି କରୁଛ କୁହ
କେତେ ଜନନୀର ନୟନକୋଣରୁ
ଝରୁଛି ଅସରା ଲୁହ ।
ତୁମେ ସବୁ ରହି ବଙ୍କର ଭିତରେ
ରକେଟ କରୁଛ ମାଡ଼
ଆମ ପରି କେତେ କୁନିକଳିକାଙ୍କ
ଭାଙ୍ଗି ଦେଉଅଛ ହାଡ଼
ଆମ ନିଦ ଚୋରି କରି
ବାହାବା ନିଅ ଦୁନିଆ ଆଗରେ
ସତେ ଭଲ କାମ କରି !!
ସପନ ଦେଖିବା ଆଗରୁ ଆମେ ତ
ଶୋଇଲୁ ମଶାଣି କୋଳେ
ଆମ ଦୁନିଆକୁ ଦେଖି ପାରିଲୁନି
ଭଲ କରି ଦିନେ ହେଲେ
ଏମିତି ଅନ୍ୟାୟ କଲ
ବାରୁଦଗଦାରେ ପୋଡ଼ିଜଳି ଯାଉ
ହେଉ କେତେ କଲବଲ !!
ଅବସାନ ହେଉ ତୁମର ସେ ଯୁଦ୍ଧ
ଶାନ୍ତି କପୋତ ଉଡୁ
ଭାଙ୍ଗିଯାଉ ସବୁ ଗରବଦମ୍ଭ
ବଡ଼ିମା କେତନ ଛିଡୁ
ଆମ ମୁହେଁ ହସ ଦିଅ,
ପିଲାଙ୍କ ଗୁହାରି ଟିକେ ଘେନାକରି
ବୋମାକୁ ଫେରାଇ ନିଅ ।

*କ୍ୱାର୍ଟର ନମ୍ବର-ଆଇ ଭି ୫୦/୧, ୟୁନିଟ-୩, ଖାରବେଳନଗର, ଭୁବନେଶ୍ୱର-୭୫୧୦୦୧*
*ଭ୍ରାମ୍ୟଭାଷ- ୬୩୭୨୯୧୫୪୧୮*



# ପବିତ୍ର ଚଇତ ମାସ

**ରାମଚନ୍ଦ୍ର ବେହେରା**

ଫଗୁଣ ଯାଇଛି ଚଇତ ଆସିଛି
ଖରା ଲାଗେ ଟାଇଁ ଟାଇଁ
ପର୍ବ ପର୍ବାଣିକୁ ସାଥିରେ ଆଣିଛି
ଭକ୍ତି ପସରାରେ ଥୋଇ ।
ଡାଳେ ଡାଳେ ଝୁଲେ କଷି ଆମ୍ବଚଣା
କୋଇଲି ଗାଉଛି ଗୀତ
ସଂଜ ନଇଁଗଲେ ମଲ୍ଲିଫୁଲ ଫୁଟି
ମହକୁଛି ବାଟ ଘାଟ ।
ପ୍ରତି ମଙ୍ଗଳରେ ପନ୍ଥେଇ ମଙ୍ଗଳା
ପୂଜା ପାଉଛନ୍ତି ପଥେ
ଅଶୋକାଷ୍ଟମୀରେ ପ୍ରଭୁ ଲିଙ୍ଗରାଜ
ଗଡିବେ ରୁକୁଣା ରଥେ ।
ରାମ ନବମୀର ପରବ ପାଳିବେ
ରାଇଜେ ଶ୍ରଦ୍ଧାଳୁ ଜନେ
ରାଗ ହିଂସା ତେଜି ଆଦରିବେ ସର୍ବେ
ସତ୍ୟ ନ୍ୟାୟ ଧର୍ମ ପ୍ରାଣେ ।
ପୂଣ୍ୟ ନବରାତ୍ର ପାଳିବେ ଭକତେ
ଶୁକ୍ଳ ପକ୍ଷେ ନଅଦିନ
ଘଟ ଗାଁ ତାରିଣୀ ଯାତ ଦେଖିଯିବେ
ଲକ୍ଷ ଲକ୍ଷ ଭକ୍ତଜନ ।
ବାସନ୍ତି ଦୁର୍ଗାଙ୍କୁ ପୂଜିବେ ସରବେ
ବିନମ୍ର ପ୍ରଣତି ଢାଳି
ଧର୍ମର ବିଜୟ ହେଉ ଏ ଜଗତେ
ମାତାଙ୍କୁ କରିବେ ଅଳି ।
କୈବର୍ତ୍ତ ମାନଙ୍କ ଘୋଡାନାଚ ଗୀତ
ମୁଖେ ଭରିଦେବ ହସ
ପ୍ରଭୁ ହନୁମାନ ଜୟନ୍ତୀର ଅନ୍ତେ
ଚଇତ ହୋଇବ ଶେଷ ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*



# ଚଇତ୍ର ମାସର କଥା

**ନିରଞ୍ଜନ ସାହୁ**

ଚଇତ୍ର ମାସର କଥା
କଥାଟା ନିହାତି ଯଥା
ଧୀରେ ଧୀରେ ଖରା ଟାଣ ହୋଇଯିବ
ଘୁରାଇ ଦେବ ଯେ ମଥା ।
ଦକ୍ଷିଣା ପବନ ବହେ
ଚୁପିଚୁପି କଥା କହେ
ଚୋରା ଚଇତାଳି ନାମରେ ନାମିତ
ଯେଉଁପରି ମନେରହେ ।
ସହଜେ ବସନ୍ତ କାଳ
ତଥାପି ବହିବ ଝାଳ
ମଳୟ ପବନେ ମାଳତି ବାସିବ
ମହୁଲ ଫୁଲକୁ ଭାଳ ।
କୋଇଲି ଗାଇବ ଗୀତ
ଚଇତର ସିଏ ମିତ
ପଞ୍ଚମ ତାନର ସଙ୍ଗୀତ ଶୁଣିଲେ
ବିଭୋର ହୋଇବ ଚିତ୍ତ ।
ଚଇତରେ ନିମ୍ବ କଢ଼ି
ତୋଳିବା ଗଛରେ ଚଢ଼ି
ନିମ୍ବ ଫୁଲକଢ଼ି ଖାଇବା ନିଶ୍ଚୟ
ରୋଗ ପାରିବନି ବଢ଼ି ।
ହିନ୍ଦୁ ନବବର୍ଷ ହେବ
ଅପାର ଆନନ୍ଦ ଦେବ
ଚଇତ ଶୁକଳ ପ୍ରତିପଦା ତିଥି
ହିନ୍ଦୁଙ୍କୁ କୋଳେଇ ନେବ ।
ଅଶୋକ ଅଷ୍ଟମୀ ପଡ଼େ
ରୁକୁଣା ରଥଟି ଗଡ଼େ
ଶ୍ରୀରାମ ନବମୀ ତାହା ବାସିଦିନ
ରାମ ଭକ୍ତ ମନ ଉଡ଼େ ।
ବାସନ୍ତୀକ ଦୁର୍ଗା ପୂଜା
ବିରାଜିବେ ଦଶଭୁଜା
ନବରାତ୍ରି ପାଳି ମାତୃ ଉପାସକ
ଭକ୍ତି କର ଆଖି ବୁଜା ।

*ନିହଲ ପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ-୭୫୯୦୧୬*
*ମୋ-୯୯୩୮୭୪୧୫୮୩*

# ଯୁଦ୍ଧ...

**ନଗେନ୍ଦ୍ର ନାଥ ପଟ୍ଟନାୟକ**



ଯୁଦ୍ଧ ତ ଯୁଦ୍ଧ
ଏସିଆ ହେଉ କି ୟୁରୋପ
ଇସ୍ରାଏଲ ହେଉ କି ଇରାନ
ଆରବ ଅବା ଜାପାନ
କରୁଥାଏ ପ୍ରତ୍ୟେକ ଗ୍ରହକୁ ହଇରାଣ ।

ଯୁଦ୍ଧ ତ ଯୁଦ୍ଧ
ଭିତରେ ହେଉ କି ବାହାରେ
ସମୁଦ୍ର ହେଉ କି ଆକାଶ
ଧରିତ୍ରୀ ହେଉ କି ପାତାଳ
ଏଥିରେ ସମସ୍ତଙ୍କର ମହାବିନାଶ ।

ଯୁଦ୍ଧ ତ ଯୁଦ୍ଧ
ବୋମା ଦେଖେନି ସ୍କୁଲ ମଦ୍ରାସା
ହତିଆର ଦୃଷ୍ଟିରେ ପଡେନି ଗୀତା, କୋରାନ
ମିଜାଇଲ ଆଖିରେ ପଡେନି କୌଣସି ଧର୍ମ
ଆର୍ତ୍ତ ଚିତ୍କାରର ମଉସୁମ
ମନୁଷ୍ୟ ଜାତିର ପୁଣି ହୁଏ ଲୋକସାନ ।

ଯୁଦ୍ଧ ତ ଯୁଦ୍ଧ
ମିତ୍ର ରାଷ୍ଟ୍ରଙ୍କ ରଣହୁଙ୍କାର କି ଶତ୍ରୁଙ୍କ ମୁକାବିଲା
ଶାନ୍ତି ବର୍ତ୍ତାର ହୁଏ ଆଡମ୍ବର
ନୋବେଲ ପୁରସ୍କାର ଅବା କି ଦରକାର
ହିରୋସୀମା - ନାଗାସାକୀ ଭୁଲି ଯାଇ
ଲାଗୁଛି ମାନବ ଜାତିଟା ହେବ ପୁଣି ଛାରଖାର ।

*ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର*
*ଓସ୍କାର ସିଟି, ଲେନ ନଂ-୯, ପ୍ଲଟ୍ ନଂ-୪୫୬*
*ଲକ୍ଷ୍ମୀ ସାଗର କେନାଲ ରୋଡ, ଭୁବନେଶ୍ୱର*
*ମୋ-୯୪୩୮୩୩୨୧୩୮*



# ଲଢ଼ିବା ଛାଡ଼ି ଦିଅ ଭାଇ

**ମହେନ୍ଦ୍ର କୁମାର ଘଡ଼େଇ**

ଶାନ୍ତି ପ୍ରିୟ ଏଇ ଧରାରେ ମଣିଷ
ଠାକୁରଙ୍କ ବଡ଼ଦାନ
ସୁଖ ସଉଦାକୁ ହାତେ ତୋଳିବାକୁ
ଖଞ୍ଜା ଦିଅଁ ଦେଲା କାମ ।
ସପନକୁ ପୂରା ପାଇଁ ଦୂର ପଥେ
ଚଳାଏ ସେ ହାତ ଧରି
ତହୁଁ ଉଣା କାମେ ତୋଳି ନପାରିବା
ଭଲ ଫଳ ମନ ଭରି ।
ଧରା କଇଲାଣେ ନୂତନ ସନ୍ଧାନେ
ବିନାଶ ନୁହଇଁ ଭଲ
ମାୟା ଛନ୍ଦ କୂଟ କପଟ ଜଳାଇ
ହିଆ କରେ କଳବଳ ।
ଅସାର ଗରବ ମନରେ ଭରଇ
ହଳାହଳ ବିଷ କେତେ
ଗୁଣ ପଉରୁଷ କାମରେ ନ ଲାଗେ
ପାଖେ ଥାଉ ଯା'ର ଯେତେ ।
ପାଣି ଫୋଟକାର ସମାନ ଜୀବନେ
ଅହମିକା ବିଷଥଳି
ମାଟିହାଣ୍ଡି ଖାଇଗଲା ପରି ଲୁଣ
ଦେବ ମଣିଷକୁ ଗିଳି ।
ତା'ପାଇଁ ଲଢ଼ିବା ଛାଡ଼ିଦିଅ ଭାଇ
ବିଜ୍ଞାନ ବିକାଶ କାମେ
ଲଗାଇ ଚଳିଲେ ଇତିହାସ ଲେଖା
ହୋଇବ ତୁମରି ନାମେ ।
ପରିବେଶ ଜୀବଜଗତ ଗଢ଼ିବା
ଯଦି ନାହିଁ ଆମ ହାତେ
ପରମାଣୁ ଶକ୍ତି ନେଇ ଉତପାତ
କରୁ କିଆଁ ଏତେ ଏତେ ?
ମନର ଭରମ ବଢ଼ାଇ ଲଢ଼ାଇ
ବୁଦ୍ଧି ବିଦ୍ୟା କରେ ନାଶ
ସିନିହ ସୋହାଗେ ପୋଛି ଦେଇ ତାକୁ
ମହୀ ହସାଇବା ଆସ ।

*କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା, ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ*
*ମୋ-୯୪୩୭୭୪୦୫୬୬*

# ହସି ହସଉଥା ସକଳ ଜନେ

**କୁଞ୍ଜବିହାରୀ ସାହୁ**



ସକାଳୁ ସକାଳୁ ବୋଉ ହାତ ଧରି
ବଗିଚା ଗୋଟାକ ଗଲି ମୁଁ ବୁଲି,
ଦେଖିଲି ବାରିର ଆମ୍ବ ଗଛ ଡାଳେ
କଷି ଆମ୍ବ କେତେ ଯାଇଛି ଝୁଲି ।
ବୋଉ ହସିଦେଲା କିଇରି କିଇରି
କହିଲା - ବାବୁରେ ଜାଣିଛୁ ତୁ,
ଗଲା ବରଷରେ ଆମ୍ବ ଟାକୁଆଟେ
ପୋତିଦେଇଥିଲି ଏଇଠି ମୁଁ ।
ପାଣି-ସାର ସାଥେ ସୂରଯ କିରଣେ
ଟାକୁଆରୁ ପରା ଗଛଟି ହେଲା,
ଡାଳ-ପତ୍ର ମେଲି ଗଛଟି ବଢ଼ିଲା
ବଗିଚା ଗୋଟାକ ମହକି ଦେଲା ।
ଆମ୍ବ ବଡ଼ ହୋଇ ପାଚିଲେ ଖାଇବୁ
ବଡ଼ ସୁଆଦିଆ ଲାଗିବ ତୋତେ,
ସେତେବେଳେ ଡାକି କହିବୁ- ବୋଉଲୋ
ଦେଏ ତୁ ଶିଖାଇ କଥାଟି ମୋତେ ।
ଖୁସି ହୋଇଗଲି ଗଛକୁ ଆଉଁଶି
କହିଲି - 'ଆଆ ତୁ ହରଷ ମନେ,
ଏ ଖରାଦିନରେ ଦେଏ ତୁ ପବନ
ହସି ହସାଉଥା ସକଳ ଜନେ ।'

*ପାତ୍ରପଡା, ଭୁବନେଶ୍ୱର*
*ମୋ-୭୦୦୮୧ ୪୨୦୪୦*



# ଗଛ ଆମର ମିତ

**ସୁଜିତ କୁମାର ମିଶ୍ର**

ଗଛ ଆମର ମିତ ସବୁରି
ହିତ ସାଧନ କରି,
ଆମ ଜୀବନ ଚଲାପଥେ ସେ
ଆଶା ଭରସା ତରୀ ।

ବରଷା ଝରେ ଗଛଟି ପାଇଁ
ଆକାଶୁ ଝରଝର,
ମାଟି ହୁଅଇ ଶସ୍ୟ ଶ୍ୟାମଳା
ଅଭାବ ହୁଏ ଦୂର ।

ସିଏ ଶୋଷଇ ଅଙ୍ଗାରକାମ୍ଳ
ଅମଳଜାନ ଛାଡି,
ତା ପାଇଁ ଆମ ଜୀବନ ରଥ
ଚାଲଇ ଗଡିଗଡି ।

ତା'ଠାରୁ ଜାତ ନାନା ଦରବ
ସଂସାରେ ମୂଲ୍ୟବାନ,
ଲାଗେ ସକଳ କାମରେ ସିଏ
ନିଇତି ପ୍ରତିଦିନ ।

ଘର ବସନ ଖାଦ୍ୟ ଦିଏ ସେ
ହୃଦୟ ଖୋଲି ତାର,
ସକାଳୁ ସଞ୍ଜ ଆମରି ପାଇଁ
ଗଛ ଦୁଃଖର ଝର ।

ମିଠାଛାଇ ସେ ବିତରି ଦେଇ
ସବୁରି ପ୍ରାଣ ମୋହେ,
ଆମରି ସୁଖ ଶାନ୍ତି ପାଇଁ ତା
ଜୀବନ ଦିନେ ଯାଏ ।

ଗଛ ଗୋଟିଏ ଲଗାଇ ଦେଇ
ଯତନ ନେବା ଆସ,
ସିଏ ହସିଲେ ଆଗାମୀ କାଲି
ହସିବ ଆମ ଦେଶ ।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*



# ଏମିତି ଆମ ହୋଲି

**ସୁରମା ମିଶ୍ର**

ଆସିଛି ଆସିଛି ହୋଲି ଆସିଛି
ମେଳଣ ପଡିଆ ଦୁଲୁକୁ ଅଛି
ଦୋଳ ପରଦିନ ହୁଏ ମେଳଣ
ଏକାଠି ହୁଅନ୍ତି ସବୁ ବିମାନ ।।

ବିମାନେ ଗୋବିନ୍ଦ ଶୋଭା ପାଆନ୍ତି
ଭକ୍ତ ମାନଙ୍କର ମନ ମୋହନ୍ତି
ବାଜଇ ମୃଦଙ୍ଗ ଗିନି ଓ ଢୋଲ
ସଭିଏଁ ଖେଳନ୍ତି ଅବିର ଖେଳ ।।

ପ୍ରଥମେ ପ୍ରଭୁଙ୍କୁ ଅବିର ଦେଇ
ନିଜନିଜ ମଧ୍ୟେ ଖେଳନ୍ତି ଯାଇ
ରଖିଥାନ୍ତି ସବୁ ରଙ୍ଗ ସଜାଇ
ଭଳିଭଳି ରଙ୍ଗ ମନ ମୋହଇ ।।

ପିଲାଠାରୁ ବୁଢ଼ା ସରବେ ମିଶି
ପରସ୍ପର ମଧ୍ୟେ ବାଣ୍ଟନ୍ତି ଖୁସି
ଉଠା ଦୋକାନୀଏ ପସରା ମେଲି
ଈଶାରା ଦିଅନ୍ତି ଆସରେ ଚାଲି ।।

କୁନା କହେ କୁନି ଆସଲୋ ଯିବା
ପସରାରୁ କିଛି କିଣି ଆଣିବା
ବାପା ଦେଇଥିଲେ ଯାତରା ଖର୍ଚ୍ଚ
ସେଥିରେ କିଣିବା ଗୋଟେ ଟରଚ ।।

ଅନ୍ଧାରରେ ଆମ ବୁଢ଼ୀ ମାଆକୁ
ଦିଶୁନି ଲୋ କିଛି ଦେବା ତାହାକୁ
ପଇସା ବଳିଲେ ଚଣା ସାକର
କିଣି ନେବା ଘରକୁ ଲୋ ଆମର ।।

ମାଆ ଠାକୁରଙ୍କୁ ଭୋଗ ଲଗାଇ
ସମସ୍ତଙ୍କୁ ବାଣ୍ଟି ଦେବଲୋ ନେଇ
ଭକ୍ତି ଭରେ ଆମେ ଭୋଗ ଖାଇବା
ଭେଦଭାବ ଭୁଲି ହୋଲି ଖେଳିବା ।।


ଆମ ସଂସ୍କୃତିକୁ ଭୁଲିବା ନାହିଁ
ପାଳନ କରିବା ଉସତ ହୋଇ
ପ୍ରଭୁ ପଦେ ସଦା ରଖିବା ମନ
ତାଙ୍କ ଆଶୀର୍ବାଦେ କାଟିବା ଦିନ ।।

*ବିଏଲ୍-୩୯, ଭିଏସ୍ଏସ୍‌ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

# ଆତାପି ବାତାପିଙ୍କ ଅନ୍ତ ଓ ଋଷି ଅଗସ୍ତ୍ୟଙ୍କ ତପୋବଳର ବିଜୟ



ଅର୍ଚ୍ଚିତା ଦାଶ



ପୁରାତନ କାଳରେ ପବିତ୍ର ମହାକାବ୍ୟ ରାମାୟଣରେ ବର୍ଣ୍ଣିତ ଅନୁସାରେ ଆତାପି ଓ ବାତାପି ନାମକ ଦୁଇ ଦାନବ ଭାଇ ବସବାସ କରୁଥିଲେ । ସେମାନେ ଅତ୍ୟନ୍ତ କ୍ରୁର ଓ ଚତୁର ଥିଲେ । ଜଙ୍ଗଲ ମଧ୍ୟରେ ତପସ୍ୟା କରୁଥିବା ଋଷିମୁନିମାନଙ୍କୁ ଠକି ହତ୍ୟା କରିବାରେ ସେମାନେ ଅପାର ସନ୍ତୋଷ ପାଉଥିଲେ । ସେମାନଙ୍କ ଚତୁର ଚାଲରେ ଅନେକ ନିର୍ଦ୍ଦୋଷ ଋଷି ଜୀବନ ହରାଇଥିଲେ ।

ବାତାପିଙ୍କ ପାଖରେ ଏକ ଅଦ୍ଭୁତ ମାୟାଶକ୍ତି ଥିଲା । ସେ ଇଚ୍ଛାମତେ ଛେଳିର ରୂପ ଧାରଣ କରିପାରୁଥିଲା । ଯେତେବେଳେ କୌଣସି ଋଷି ସେମାନଙ୍କ ଆଶ୍ରମକୁ ଆସୁଥିଲେ, ସେମାନେ ଭକ୍ତି ଓ ସମ୍ମାନର ଅଭିନୟ କରି ସେମାନଙ୍କୁ ଭୋଜନ ପାଇଁ ଆମନ୍ତ୍ରଣ କରୁଥିଲେ । ବାତାପି ଛେଳିର ରୂପ ନେଉଥଲା ଏବଂ ଆତାପି ସେହି ଛେଳିକୁ ବଧ କରି ରାନ୍ଧି ଭୋଜନ ଭାବେ ପରିବେଷଣ କରୁଥିଲେ । ଭୋଜନ ସମାପ୍ତ ହେବା ପରେ ଆତାପି ଉଚ୍ଚ ସ୍ୱରରେ ବାତାପିଙ୍କୁ ଡାକୁଥିଲା । ତାହାପରେ ବାତାପି ନିଜ ଦାନବ ରୂପକୁ ଫେରି ଋଷିଙ୍କ ପେଟ ଫାଟି ବାହାରୁଥିଲା, ଏବଂ ସେହି ଋଷିଙ୍କ ମୃତ୍ୟୁ ହେଉଥିଲା । ଏଭଳି ଭାବରେ ସେମାନେ ଦୀର୍ଘ ସମୟ ଧରି ଅନେକ ଋଷିଙ୍କୁ ହତ୍ୟା କରିଥିଲେ ।

ଏକଦା ମହାଶକ୍ତିଶାଳୀ ଋଷି ଅଗସ୍ତ୍ୟ ସେହି ଅଞ୍ଚଳ ମଧ୍ୟରେ ଯାଉଥିଲେ । ସେ ଅତ୍ୟନ୍ତ ତେଜସ୍ୱୀ ଓ ଆଧ୍ୟାତ୍ମିକ ଶକ୍ତିରେ ପରିପୂର୍ଣ୍ଣ ଥିଲେ । ଦାନବ ଭାଇମାନେ ତାଙ୍କୁ ମଧ୍ୟ ଠକିବାକୁ ଚେଷ୍ଟା କଲେ । ପୂର୍ବବତ୍ ବାତାପି ଛେଳିର ରୂପ ନେଲା ଏବଂ ତାହାକୁ ରାନ୍ଧି ଅଗସ୍ତ୍ୟଙ୍କୁ ପରିବେଷଣ କରାଗଲା । ଅଗସ୍ତ୍ୟ ଶାନ୍ତ ମନରେ ସମସ୍ତ ଭୋଜନ ଗ୍ରହଣ କଲେ ।

ଭୋଜନ ପରେ ଆତାପି ପୂର୍ବବତ୍ ଉଚ୍ଚ ସ୍ୱରରେ ବାତାପିଙ୍କୁ ଡାକିଲା । କିନ୍ତୁ କୌଣସି ଉତ୍ତର ମିଳିଲା ନାହିଁ । ସେ ପୁନଃପୁନଃ ଡାକିଲା, ତଥାପି କିଛି ଘଟିଲା ନାହିଁ । ସେତେବେଳେ ଋଷି ଅଗସ୍ତ୍ୟ ହସି କହିଲେ, "ବାତାପି ଜୀର୍ଣ୍ଣ ଭବ" । ତାଙ୍କ ଅପାର ତପୋବଳରେ ବାତାପି ପୂର୍ଣ୍ଣରୂପେ ଜୀର୍ଣ୍ଣ ହୋଇଯାଇଥିଲା । ସେ ପୁନର୍ଜୀବିତ ହେବାର କୌଣସି ସୁଯୋଗ ପାଇଲା ନାହିଁ ।

ନିଜ ଭାଇର ନାଶ ଦେଖି ଆତାପି କ୍ରୋଧରେ ଅଗସ୍ତ୍ୟଙ୍କ ଉପରେ ଆକ୍ରମଣ କଲା । କିନ୍ତୁ ଅଗସ୍ତ୍ୟଙ୍କ ତପସ୍ୟାର ତେଜ ଓ ଆଧ୍ୟାତ୍ମିକ ଶକ୍ତି ସମ୍ମୁଖରେ ସେ କିଛି କରିପାରିଲା ନାହିଁ । ଋଷିଙ୍କ ଦୈବୀ ଶକ୍ତିରେ ଆତାପି ମଧ୍ୟ ଭସ୍ମୀଭୂତ ହୋଇଗଲା । ଏପରିଭାବେ ଦୁଷ୍ଟ ଦାନବ ଭାଇମାନଙ୍କ ଆତଙ୍କର ଶେଷ ହେଲା ।

ଏହି କଥା ଆମକୁ ଶିଖାଏ ଯେ ଅଧର୍ମ ଓ କପଟ କିଛି ସମୟ ପର୍ଯ୍ୟନ୍ତ ସଫଳ ହେବା ସତ୍ତ୍ୱେ ଶେଷରେ ଧର୍ମ, ଜ୍ଞାନ ଓ ତପୋବଳର ଜୟ ନିଶ୍ଚିତ ହୁଏ ।

*ଜଗନ୍ନାଥ ବିହାର, ନୂଆଗାଁ*

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୨ ମାର୍ଚ୍ଚ ୨୦୨୬ ଗୁରୁବାର





# ମଧ୍ୟପ୍ରାଚ୍ୟରେ ଅଟକିଥିବା ଓଡ଼ିଆମାନଙ୍କ ଫେରିବା ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମଧ୍ୟପ୍ରାଚ୍ୟରେ ସମ୍ପ୍ରତି ଚାଲିଥିବା ଯୁଦ୍ଧ ପରିସ୍ଥିତି ଯୋଗୁଁ ସେଠାରେ ଅନେକ ଓଡ଼ିଆ ଲୋକ ଅଟକି ରହିଥିବା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଉଦବେଗ ପ୍ରକାଶ କରିଛନ୍ତି । ଓଡ଼ିଆ ଲୋକମାନଙ୍କୁ ଫେରାଇ ଆଣିବା ଉପରେ ଗୁରୁତ୍ୱ ଆରୋପ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ଘଟଣା ଉପରେ ଟ୍ରାକ୍ ରଖିବାକୁ ଏବଂ ଓଡ଼ିଆ ଲୋକମାନଙ୍କୁ ଫେରାଇ ଆଣିବା ପାଇଁ ବ୍ୟବସ୍ଥା କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଗତ ମାର୍ଚ୍ଚ ୨ ତାରିଖରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ମଧ୍ୟପ୍ରାଚ୍ୟ ଘଟଣା ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା ଓଡ଼ିଶା ପରିବାର ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ପ୍ରୀତିଶ ପଣ୍ଡାଙ୍କୁ ଏହାର ନୋଡାଲ ଅଫିସର ନିଯୁକ୍ତ କରାଯାଇଛି । ବର୍ତ୍ତମାନ ସୁଦ୍ଧା ଓଡ଼ିଶା ପରିବାରକୁ ମଧ୍ୟପ୍ରାଚ୍ୟ ଅଞ୍ଚଳରୁ ଓଡ଼ିଆ ଲୋକମାନଙ୍କ ପକ୍ଷରୁ ପ୍ରାୟ ୨୦୦ଟେଲିଫୋନ ଆସିଛି । ନିର୍ଦ୍ଦେଶାଳୟ ପକ୍ଷରୁ ବୈଦେଶିକ ମନ୍ତ୍ରାଳୟ ସହ ଯୋଗାଯୋଗ କରାଯାଇ ସେମାନଙ୍କ ଫେରିବା ସମ୍ପର୍କରେ ସହାୟତା କରାଯାଉଛି । ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଏଥିପାଇଁ ସ୍ୱତନ୍ତ୍ର କଣ୍ଟ୍ରୋଲରୁମ୍ କରାଯାଇ ଟୋଲଫ୍ରି ନମ୍ବର ୧୮୦୦-୧୧୮-୭୯୭ ଜାରି କରାଯାଇଛି ।

# ଆହତ ଶେରଗଡ଼ ବ୍ଲକ ଅଧ୍ୟକ୍ଷଙ୍କୁ ହସ୍ପିଟାଲରେ ଭେଟିଲେ ନବୀନ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗତକାଲି ଦୁର୍ବୃତ୍ତଙ୍କ ଆକ୍ରମଣରେ ଗୁରୁତର ଆହତ ହୋଇଥିବା ହିଞ୍ଜିଳି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶେରଗଡ଼ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକଙ୍କୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବୁଧବାର ସନ୍ଧ୍ୟାରେ ହସ୍ପିଟାଲରେ ଭେଟି ଥିଲେ । ଶ୍ରୀ ନାୟକଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଓ ଚିକିତ୍ସା ସମ୍ପର୍କରେ ଶ୍ରୀ ପଟ୍ଟନାୟକ ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ । ଶ୍ରୀ ନାୟକଙ୍କ ପରିବାର ବର୍ଗଙ୍କ ସହିତ ମଧ୍ୟ ଘଟଣା ସମ୍ପର୍କରେ କଥା ହୋଇଥିଲେ ଏବଂ ଶ୍ରୀ ନାୟକଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ । ସୂଚନାଯୋଗ୍ୟ ଯେ ଶେରଗଡ଼ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ମଙ୍ଗଳବାର ଦୁର୍ବୃତ୍ତଙ୍କ ଆକ୍ରମଣରେ ଗୁରୁତର ଆହତ ହେବା ପରେ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ।

## ପତଞ୍ଜଳିର ଅତ୍ୟାଧୁନିକ ଜେବ୍ରାଫିସ୍ ଗବେଷଣା ପ୍ରୟୋଗଶାଳା ଉଦ୍‌ଘାଟିତ

# ନୂତନ ଗବେଷଣା ସୁବିଧା ବିଶ୍ୱ ବୈଜ୍ଞାନିକ ମାନଚିତ୍ରରେ ଭାରତର ସ୍ଥିତିକୁ ଆହୁରି ମଜବୁତ କରିବ : ଆଚାର୍ଯ୍ୟ ବାଲକୃଷ୍ଣ

**ହରିଦ୍ୱାର:**

ଭାରତୀୟ ଜ୍ଞାନ ପରମ୍ପରା ଏବଂ ଆଧୁନିକ ବିଜ୍ଞାନକୁ ସମନ୍ୱିତ କରିବା ପାଇଁ ଲକ୍ଷ୍ୟ ରଖିଥିବା ପତଞ୍ଜଳି ଗବେଷଣା ପ୍ରତିଷ୍ଠାନ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଜ୍ଞାନିକ ମାଇଲଖୁଣ୍ଟ ହାସଲ କରିଛି । ବିଶ୍ୱ ସ୍ତରରେ ଆୟୁର୍ବେଦ ପ୍ରତିଷ୍ଠା କରିଥିବା ପ୍ରସିଦ୍ଧ ବୈଜ୍ଞାନିକଙ୍କ ଧନ୍ୱନ୍ତରୀ ରୂପ, ପ୍ରତିଷ୍ଠାନର ପରାମର୍ଶଦାତା ଆଚାର୍ଯ୍ୟ ବାଲକୃଷ୍ଣଙ୍କ ଦ୍ୱାରା ଅତ୍ୟାଧୁନିକ ଜେବ୍ରାଫିସ୍ ଏବଂ ଡ୍ରୋସୋଫିଲା ଗବେଷଣା ପ୍ରୟୋଗଶାଳା ଆନୁଷ୍ଠାନିକ ଭାବରେ ଉଦଘାଟନ କରାଯାଇଥିଲା । ଏହି ଅବସରରେ ପ୍ରତିଷ୍ଠାନର ବିଭିନ୍ନ ବିଭାଗର ବରିଷ୍ଠ ବୈଜ୍ଞାନିକ, ଗବେଷକ ଏବଂ ପ୍ରତିନିଧିଙ୍କ ଉପସ୍ଥିତି ଏହି ସଫଳତାକୁ ଆହୁରି ସ୍ୱତନ୍ତ୍ର କରିଥିଲା ।





ଏହି ଜେବ୍ରାଫିସ୍ ଏବଂ ଡ୍ରୋସୋଫିଲା ପ୍ରୟୋଗଶାଳା ଆଧୁନିକ ଜୈବ ଚିକିତ୍ସା ଗବେଷଣା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା, ଔଷଧୀୟ ଉଦ୍ଭିଦ ଏବଂ ଆୟୁର୍ବେଦିକ ଔଷଧର ବୈଜ୍ଞାନିକ ମୂଲ୍ୟାଙ୍କନ ପାଇଁ ଏକ ନୂତନ ଦିଗ ପ୍ରଦାନ କରେ । ମଣିଷ ସହିତ ସେମାନଙ୍କର ଜେନେଟିକ୍ ସମାନତା ଯୋଗୁଁ, ଜେବ୍ରାଫିସ୍ ଏବଂ ଡ୍ରୋସୋଫିଲା ଜୈବ ଚିକିତ୍ସା ଗବେଷଣାରେ ଶକ୍ତିଶାଳୀ ମଡେଲ୍ ଜୀବ ଭାବରେ ଉଭା ହୋଇଛି । ଜେବ୍ରାଫିଶର ପ୍ରାରମ୍ଭିକ ବିକାଶ ପର୍ଯ୍ୟାୟରେ ସ୍ୱଚ୍ଛ ଗଠନ ଏବଂ ଦ୍ରୁତ ପ୍ରଜନନ, ଡ୍ରୋସୋଫିଲା ମାଛିର ସଂକ୍ଷିପ୍ତ ଜୀବନଚକ୍ର ସହିତ, ଏହି ଜୀବମାନଙ୍କୁ ରୋଗ କ୍ରିୟା, ବିଷ ବିଜ୍ଞାନ ଏବଂ ଔଷଧ ଆବିଷ୍କାର ଉପରେ ଗବେଷଣା ପାଇଁ ଅତ୍ୟନ୍ତ ଉପଯୋଗୀ କରିଥାଏ ।

ଏହିଅବସରରେ ଆଚାର୍ଯ୍ୟ ବାଲକୃଷ୍ଣ କହିଥିଲେ ଯେ ଭାରତର ପ୍ରାଚୀନ ଆୟୁର୍ବେଦିକ ପରମ୍ପରାରେ ଜ୍ଞାନର ଏକ ବିପୁଳ ଭଣ୍ଡାର ରହିଛି, ଯାହାକୁ ଆଧୁନିକ ବୈଜ୍ଞାନିକ ପଦ୍ଧତି ମାଧ୍ୟମରେ ପ୍ରମାଣିତ କରାଯିବା ଆବଶ୍ୟକ ।

ସେ କହିଥିଲେ ଯେ ପତଞ୍ଜଳି ସନାତନ ଋଷି, ବୈଦିକ ଚେତନା, ଶକ୍ତି ଏବଂ ଭାରତର ସୁବର୍ଣ୍ଣ ଯୁଗର ପରମ୍ପରାକୁ ପୁନରୁଦ୍ଧାର କରିବା ଏବଂ ପ୍ରମାଣ ଏବଂ ଆଧୁନିକ ଗବେଷଣା କୌଶଳ ସହିତ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରିବା ପାଇଁ କାର୍ଯ୍ୟ କରୁଛି । ଜେବ୍ରାଫିଶ ଏବଂ ଡ୍ରୋସୋଫିଲା ଭଳି ଉନ୍ନତ ମଡେଲ ସିଷ୍ଟମ ଆମର ବୈଜ୍ଞାନିକମାନଙ୍କୁ ଏକ ଅଣୁବୀକ୍ଷଣ ସ୍ତରରେ ଔଷଧୀୟ ଉଦ୍ଭିଦ ଏବଂ ଆୟୁର୍ବେଦିକ ଉତ୍ପାଦର ପ୍ରଭାବକୁ ବୁଝିବା ଏବଂ ବୈଜ୍ଞାନିକ ପ୍ରମାଣ ସହିତ ଉପସ୍ଥାପନ କରିବାର ସୁଯୋଗ ପ୍ରଦାନ କରିବ ।

ସେ ଆହୁରି କହିଛନ୍ତି ଯେ ପତଞ୍ଜଳି ଗବେଷଣା ପ୍ରତିଷ୍ଠାନ ଗତ କିଛି ବର୍ଷ ଧରି ଅନେକ ବୈଜ୍ଞାନିକ ଅଧ୍ୟୟନ କରିଛି ଯାହା ପ୍ରମାଣ କରିଛି ଯେ ଆୟୁର୍ବେଦିକ ଔଷଧ କେବଳ ପ୍ରଭାବଶାଳୀ ନୁହେଁ ବରଂ ନିରାପଦ ମଧ୍ୟ । ଏହି ନୂତନ ଅବସରରେ ଉଦ୍ଭାବନ କରି ପ୍ରତିଷ୍ଠାନର ବରିଷ୍ଠ ବୈଜ୍ଞାନିକ ଡକ୍ଟର ଅନୁରାଗ ଭାର୍ଷ୍ଣେ କହିଛନ୍ତି ଯେ ଜେବ୍ରାଫିଶ ଏବଂ ଡ୍ରୋସୋଫିଲା ମଡେଲ ଆଧୁନିକ ଜୈବ ଚିକିତ୍ସା ଗବେଷଣାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ସେମାନଙ୍କର ସ୍ୱଚ୍ଛ ଗଠନ ବୈଜ୍ଞାନିକମାନଙ୍କୁ ଜୀବ ଭିତରେ ଘଟୁଥିବା ଜୈବିକ ପ୍ରକ୍ରିୟାଗୁଡ଼ିକୁ ସିଧାସଳଖ ପର୍ଯ୍ୟବେକ୍ଷଣ ଏବଂ ବୁଝିବାକୁ ଅନୁମତି ଦିଏ ।

ସେ କହିଥିଲେ ଯେ ଏହି ନୂତନ ସୁବିଧା ଔଷଧୀୟ ଉଦ୍ଭିଦରୁ ପ୍ରାପ୍ତ ଯୌଗିକଗୁଡ଼ିକର ଜୈବିକ କାର୍ଯ୍ୟ ଏବଂ ଔଷଧର ପ୍ରଭାବ ବିଷୟରେ ନୂତନ ଅନ୍ତର୍ଦୃଷ୍ଟି ପ୍ରଦାନ କରିବ ।

ଜେବ୍ରାଫିସ୍ ଏବଂ ଡ୍ରୋସୋଫିଲା ପରୀକ୍ଷାଗାର ବିଷୟରେ ବର୍ଣ୍ଣନା କରି ସେ କହିଛନ୍ତି ଯେ ଏହି ସୁବିଧା ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଉପକରଣ ସହିତ ସଜ୍ଜିତ । ନିୟନ୍ତ୍ରିତ ତାପମାତ୍ରା ଏବଂ ଆଲୋକ ସହିତ ସ୍ୱତନ୍ତ୍ର ଆକ୍ୱାରିୟମ୍ ସିଷ୍ଟମ ସ୍ଥାପନ କରାଯାଇଛି, ଯାହା ଜେବ୍ରାଫିସ୍‌ର ସୁସ୍ଥ ବୃଦ୍ଧି ପାଇଁ ଆବଶ୍ୟକୀୟ ପରିବେଶ ପ୍ରଦାନ କରେ । ସେହିପରି ଡ୍ରୋସୋଫିଲା ପାଇଁ କଲଚର ବୋତଲ ବ୍ୟବହାର କରାଯାଇଛି ଏବଂ ସେମାନଙ୍କୁ ନିୟନ୍ତ୍ରିତ ତାପମାତ୍ରାରେ ରଖିବା ପାଇଁ ବିଶେଷ ବ୍ୟବସ୍ଥା କରାଯାଇଛି । ଏହା ସହିତ ଉଚ୍ଚ-ରିଜୋଲ୍ୟୁସନ୍ ମାଇକ୍ରୋସ୍କୋପି ଏବଂ ଇମେଜିଂ ସିଷ୍ଟମ ପ୍ରଦାନ କରାଯାଇଛି, ଯାହା ବୈଜ୍ଞାନିକମାନଙ୍କୁ ଭ୍ରୂଣ ବିକାଶ, କୋଷୀୟ କାର୍ଯ୍ୟକଳାପ ଏବଂ ଜୈବିକ ପ୍ରକ୍ରିୟାଗୁଡ଼ିକର ବିସ୍ତୃତ ଅଧ୍ୟୟନ କରିବାକୁ ଅନୁମତି ଦିଏ ।

ପତଞ୍ଜଳି ଗବେଷଣା ପ୍ରତିଷ୍ଠାନ ପୂର୍ବରୁ ମୂଷା, ଖରଗୋଶ, ହାମଷ୍ଟର, ଗିନି ପିଗ୍, ସି. ଏଲିଗାନ୍ସ ଭଳି ବିଭିନ୍ନ ପ୍ରାଣୀ ମଡେଲ ଉପରେ ବ୍ୟାପକ ଗବେଷଣା କରୁଛି । ଜେବ୍ରାଫିସ୍ ଏବଂ ଡ୍ରୋସୋଫିଲା ଗବେଷଣା ପରୀକ୍ଷାଗାର ଏହି ସମସ୍ତ କ୍ଷେତ୍ରର ବୈଜ୍ଞାନିକମାନଙ୍କୁ ଆୟୁର୍ବେଦିକ ଔଷଧର ପ୍ରଭାବକୁ ବ୍ୟାପକ ଭାବରେ ଅଧ୍ୟୟନ କରିବା ପାଇଁ ଏକ ସାଧାରଣ ପ୍ଲାଟଫର୍ମ ପ୍ରଦାନ କରିବ ।

ପତଞ୍ଜଳି ଦ୍ୱାରା ପ୍ରତିଷ୍ଠିତ ଏହି ନୂତନ ଜେବ୍ରାଫିସ୍ ଏବଂ ଡ୍ରୋସୋଫିଲା ଗବେଷଣା ପ୍ରୟୋଗଶାଳା ସହିତ, ପ୍ରତିଷ୍ଠାନ ଭାରତୀୟ ପାରମ୍ପରିକ ଜ୍ଞାନ ଏବଂ ଆଧୁନିକ ବିଜ୍ଞାନର ସମନ୍ୱୟ ମାଧ୍ୟମରେ ବିଶ୍ୱ ସ୍ତରରେ ଗବେଷଣା ଏବଂ ନବସୃଜନକୁ ନୂତନ ଦିଗଦର୍ଶନ ଦେବାକୁ ପ୍ରତିବଦ୍ଧ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମହିଳା ଓ ଶିଶୁ ବିକାଶ ଏବଂ...

ଅଧିକ ମହିଳାଙ୍କୁ ସହାୟତା ପାଇଁ ସର୍ବାଧିକ ୧୦,୧୪୫.୨୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ମମତା-ପିଏମଏମଭିୱାଇ ପାଇଁ ୫୦୦ କୋଟି ଟଙ୍କାର ବରାଦ ହୋଇଛି । ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ପାଇଁ ୧୧.୮୩ କୋଟି ଟଙ୍କା ରଖାଯାଇଛି । 'ଆମେ ପଢିବା ଆମ ଭାଷାରେ' ଯୋଜନା ପାଇଁ ୧୯.୨୭ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । 'ଓଡ଼ିଶା ପୁଷ୍ଟି ମିଶନ' ନିମିତ୍ତ ୧୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ସକ୍ଷମ ଅଙ୍ଗନୱାଡ଼ି, ପୋଷଣ ୨.୦ ଏବଂ ମିଶନ ବାତ୍ସଲ୍ୟ ପାଇଁ ସର୍ବମୋଟ ୨୬୩୮.୩୬ କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି ।

ରାଜ୍ୟର ମହିଳାମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ ଓ ସଶକ୍ତ କରିବା ପାଇଁ ୨୦୨୬-୨୭ ଆର୍ଥିକ ବର୍ଷ ନିମନ୍ତେ ମିଶନ ଶକ୍ତି ବିଭାଗ ପକ୍ଷରୁ ୨୮୦୪.୨୩ କୋଟି ଟଙ୍କାର ବଜେଟ୍ ବ୍ୟୟବରାଦ କରାଯାଇଛି ।

୨୦୨୬-୨୭ ପାଇଁ ମୋଟ ୨୮୦୪.୨୩ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି, ଯେଉଁଥିରେ ଯୋଜନା ଖର୍ଚ୍ଚ ବାବଦକୁ ୨୮୦୦ କୋଟି ଏବଂ ପ୍ରଶାସନିକ ବ୍ୟୟ ପାଇଁ ୪.୨୩ କୋଟି ଟଙ୍କା ରହିଛି । ରାଜ୍ୟସ୍ତରୀୟ ଯୋଜନା ପାଇଁ ୧୩୦୦ କୋଟି ଏବଂ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ପାଇଁ ୧୫୦୦ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି ।

ଏହି ସାମ୍ବାଦିକ ସମ୍ମିଳନୀରେ ମହିଳା ଓ ଶିଶୁ ବିକାଶ ବିଭାଗର ଶାସନ ସଚିବ ଡ. ମୃଣାଳିନୀ ଦର୍ଶ୍ୱାଲ, ମିଶନ ଶକ୍ତି ଶାସନ ସଚିବ ମାନସୀ ନିମ୍ଭାଲ, ମହିଳା ଓ ଶିଶୁ ବିକାଶ ନିର୍ଦ୍ଦେଶିକା ମୋନୀଷା ବାନାର୍ଜୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ପାତ୍ରପୁର ତହସିଲର ୩ ମୃତକଙ୍କ...

ଙ୍କର ଦୁଃଖଦ ପ୍ରାଣହାନୀ ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଏଥିସହ ପ୍ରତି ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ୍ସରେ ଏହି ସୂଚନା ଦିଆଯାଇଛି ।

## ଯେ କୌଣସି ସମୟରେ...

ଯୋଜନା ହିଁ ନାହିଁ । ଆମେରିକା ଓ ଇସ୍ରାଏଲୀୟ ଅଧିକାରୀଙ୍କ ଅନୁସାରେ, ଇରାନ ବିରୋଧରେ ଅତି କମ୍‌ରେ ଆଉ ଦୁଇ ସପ୍ତାହ ଯାଏ, ସାମରିକ ଆକ୍ରମଣ ଜାରି ରଖିବାର ପ୍ରସ୍ତୁତି କରାଯାଉଛି । ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ ଯେ, ଅଭିଯାନ ବିନା କୌଣସି ସମୟ ସୀମା ଜାରି ରହିବ, ଯେପର୍ଯ୍ୟନ୍ତ ସବୁ ଲକ୍ଷ୍ୟ ହାସଲ ହୋଇ ନଯାଇଛି ଏବଂ ନିର୍ଣ୍ଣାୟକ ବିଜୟ ହାସଲ ନହୋଇଛି ।

ଉଲ୍ଲେଖନୀୟ ଯେ, ୨୮ ଫେବୃଆରୀରୁ ଇରାନ ଓ ଆମେରିକା-ଇସ୍ରାଏଲ ମଧ୍ୟରେ ଯୁଦ୍ଧ ଲାଗି ରହିଛି । ଏଥିରେ ଏବେସୁଦ୍ଧା ଶହ ଶହ ଲୋକଙ୍କ ମୃତ୍ୟୁ ହୋଇସାରିଲାଣି । ନିକଟବର୍ତ୍ତୀ ଦିନ ଗୁଡ଼ିକରେ ଇରାନରେ ଆମେରିକା ଓ ଇସ୍ରାଏଲ ଅନେକ ସାମିରକ ଓ ଶକ୍ତି ଠିକଣା ଉପରେ ଟାର୍ଗେଟ୍ କରିଥିଲା । ପାଲଟା ଆକ୍ରଣରେ ଇରାନରେ ଆମେରିକୀୟ ସାମରିକ ଠିକଣାକୁ ଟାର୍ଗେଟ୍ କରୁଛି ।

## ଶେରଗଡ଼ ବ୍ଲକ ଅଧ୍ୟକ୍ଷଙ୍କୁ...

ବାଚସ୍ପତି ଏଥିପ୍ରତି ଗୁରୁତ୍ୱ ନ ଦେଇ ଅନ୍ୟ କାର୍ଯ୍ୟକ୍ରମକୁ ଯିବାରୁ ବିରୋଧୀ ଦଳ ବିଧାୟକ ମାନେ ଗୃହ ମଝିକୁ ଆସି ପ୍ରତିବାଦ ହଟଗୋଳ କରିଥିଲେ । ଫଳରେ ବାଚସ୍ପତି ଗୃହକୁ ଦଶ ମିନିଟ ପାଇଁ ମୁଲତବୀ କରିବାକୁ ବାଧ୍ୟ ହୋଇଥିଲେ ।

## ଇଚ୍ଛା ମୃତ୍ୟୁକୁ...

ଥିବା କ୍ଲିନିକାଲି ଆଡମିନିଷ୍ଟର୍ଡ ନ୍ୟୁଟ୍ରିସନ୍ ସାହାଯ୍ୟରେ ବଞ୍ଚିଛନ୍ତି । ଆପେକ୍ସ କୋର୍ଟ କହିଛନ୍ତି, ରୋଗୀଙ୍କ ପରିବାର ଏବଂ ପ୍ରାଇମେରୀ ତଥା ସେକେଣ୍ଡାରୀ ମେଡିକାଲ ବୋର୍ଡ ରୋଗୀର ସ୍ୱାସ୍ଥ୍ୟାବସ୍ଥାକୁ ଦେଖି ଏହି ନିଷ୍କର୍ଷରେ ପହଞ୍ଚିଛନ୍ତି ଯେ, ରୋଗୀଙ୍କୁ ଦିଆଯାଇଥିବା କ୍ୟାନ ବନ୍ଦ କରିଦିଆଯିବା ଉଚିତ୍ । କାରଣ ଏହା ରୋଗୀଙ୍କ ସ୍ୱାସ୍ଥ୍ୟ ପାଇଁ ଠିକ ନୁହେଁ । ଖଣ୍ଡପୀଠ କହିଛନ୍ତି, ୨୦୧୩ରେ ହରିଶ ଯେତେବେଳେ ପଞ୍ଜାବ ୟୁନିଭର୍ସିଟିର ଛାତ୍ର ଥିଲେ, ସେତେବେଳେ ତାଙ୍କ ପେଇଂ ଗେଷ୍ଟ ବାସସ୍ଥାନର ୪ର୍ଥ ମହଲାରୁ ଖସି ପଡ଼ିଥିଲେ । ତାଙ୍କ ମସ୍ତିଷ୍କରେ ଗଭୀର ଆଘାତ ଲାଗିଥିଲା । ସେବେ ଠାରୁ ସେ କୋମାରେ ଅଛନ୍ତି ଏବଂ ଲାଇଫ ସପୋର୍ଟ ସିଷ୍ଟମରେ ବଞ୍ଚିଛନ୍ତି । ସର୍ବୋଚ୍ଚ ଅଦାଲତ କହିଛନ୍ତି, ସେ ୧୦୦ ପ୍ରତିଶତ କୋମାରେ ଅଛନ୍ତି ଏବଂ ଡାକ୍ତରୀ ରିପୋର୍ଟ ଅନୁସାରେ ଗତ ୧୩ ବର୍ଷ ମଧ୍ୟରେ ତାଙ୍କ ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ଆସିନାହିଁ ।

ଆପେକ୍ସ କୋର୍ଟର ବିଚାରପତି ହରିଶଙ୍କ ପରିବାର ଲୋକ ଓ ତାଙ୍କ ସାନ ଭାଇଙ୍କୁ ଫୋନ କରି ଡାକିଥିଲେ ଏବଂ ଜାନୁଆରୀ ୧୩ ତାରିଖରେ ସେମାନଙ୍କୁ ଭେଟିଥିଲେ । ସାକ୍ଷାତ ସମୟରେ ପରିବାର ଲୋକେ ଜଜ୍‌ଙ୍କୁ କହିଥିଲେ ଯେ, ହରିଶ ଆଉ ଅଧିକ କଷ୍ଟ ପାଆନ୍ତୁ ବୋଲି ସେମାନେ ଚାହାନ୍ତି ନାହିଁ ।

## ଭୁଶୁଡୁଛି ମାଓଗଡ଼ : ବସ୍ତରରେ...

କରାଯିବ । ବସ୍ତର ଆଇଜି ସୁନ୍ଦରରାଜ ପି କହିଛନ୍ତି, 'ଜଗଦଲପୁରରେ ପୁନଃର୍ବାସ ନୀତି ଅନ୍ତର୍ଗତ ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟିର ୧୦୮ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଏମାନେ ହିଂସା ଛାଡି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି । ଏଥିସହ ଅନେକ ସଂଖ୍ୟାରେ ଡ୍ରମ୍ ମଧ୍ୟ ଜବତ କରାଯାଇଛି । ସେହିପରି ଫୁଲବାଣୀ ରିଜର୍ଭ ପୋଲିସ୍ ପଡ଼ିଆରେ ଆତ୍ମସମର୍ପଣ କରିଛନ୍ତି ୧୦ ମାଓବାଦୀ । ଅସ୍ତ୍ର ତ୍ୟାଗ କରି ମୁଖ୍ୟ ସ୍ରୋତକୁ ଫେରିଛନ୍ତି ୧୦ ମାଓବାଦୀ । ୪ ଜଣ ହାର୍ଡକୋର୍ ମାଓବାଦୀଙ୍କ ସହ ୧୦ ଜଣ ନକ୍ସଲ ବୁଧବାର କନ୍ଧମାଳ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି ।

ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ସବୁଠାରୁ ଚର୍ଚ୍ଚିତ ନାଁ ହେଉଛି ସାନୁ ପୋଟାମ ଓରଫ ନିତୁ, ଯାହାଙ୍କ ମୁଣ୍ଡ ଉପରେ ୫୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା । ସେହିପରି ସାନ୍ତାଏ ସଲାମ ଓରଫ ଅନୁପା (୨୨ ଲକ୍ଷ ଟଙ୍କା ପୁରସ୍କାର) ଏବଂ ଦୁଇ ଜଣ ଏରିଆ କମିଟି ସଭ୍ୟ ମଧ୍ୟ ନିଜର ଭୁଲ୍ ସ୍ୱୀକାର କରି ଗଣତନ୍ତ୍ର ଉପରେ ବିଶ୍ୱାସ ପ୍ରକଟ କରିଛନ୍ତି । ଆତ୍ମସମର୍ପଣ ସମୟରେ ଏମାନେ ବହୁ ପରିମାଣର ମାରଣାସ୍ତ୍ର ଏବଂ ବିସ୍ଫୋରକ ସାମଗ୍ରୀ ପୋଲିସକୁ ହସ୍ତାନ୍ତର କରିଛନ୍ତି ।

# ରାଜ୍ୟରେ ଜୈବିକ ଚାଷ ପ୍ରୋତ୍ସାହନ ପାଇଁ ରାଜ୍ୟ ସରକାର ଦେଉଛନ୍ତି ଗୁରୁତ୍ୱ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଜୈବିକ ଚାଷ ପ୍ରୋତ୍ସାହନ ପାଇଁ ରାଜ୍ୟ ସରକାର ଦେଉଛନ୍ତି ଗୁରୁତ୍ୱ । ବିଧାନସଭା ପ୍ରଶ୍ନକାଳରେ ବିଜେପି ବିଧାୟକ ଦୁର୍ଗା ଚରଣ ତନ୍ତିଙ୍କ ମୌଖିକ ପ୍ରଶ୍ନର ଉତ୍ତର ଦେଇ ସୂଚନା ଦେଲେ ଆଇନ ମନ୍ତ୍ରୀ । ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅନୁପସ୍ଥିତିରେ ଉତ୍ତର ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ୨୦୨୫-୨୬ରେ ରାଜ୍ୟ ସରକାର ବଳଭଦ୍ର ଜୈବିକ ଚାଷ ମିଶନ ଯୋଜନା ଆରମ୍ଭ କରିଛନ୍ତି । ଏହି ଯୋଜନାରେ ୨୦୨୫-୨୬ରୁ ୨୦୨୯-୩୦ ଯାଏଁ ୫ ବର୍ଷ ଭିତରେ ୧୧ଟି ଜିଲ୍ଲାର ୯୦ ହଜାର ୬୭୦ ହେକ୍ଟର ଜମିରେ ଯୋଜନାକୁ କାର୍ଯ୍ୟକାରୀ କରାଯିବ । ଜମିରେ ଗ୍ରାମୀଣ ଖତ, ଜିଆ ଖତ, ସବୁଜ ଖତ, ଆଯୋଲା, ନୀଳ ହରିତ ଶୈବାଳ ବ୍ୟବହାର କରାଯିବ । ଏହାଦ୍ୱାରା ଚାଷୀଙ୍କ ଉତ୍ପାଦନ କ୍ଷେତ୍ରରେ ଖର୍ଚ୍ଚ କମିବ ଏବଂ ଆୟ ବଢ଼ିବ ।




ବଳଭଦ୍ର ଜୈବିକ ଚାଷ ମିଶନ ଅନ୍ତର୍ଗତ ଦୁଇଟି ଯୋଜନା କାର୍ଯ୍ୟକ୍ରମରେ ହେଉଛି । ପ୍ରଥମଟି ହେଉଛି ଅମୃତ ଅନ୍ନ ଯୋଜନା । ଯେଉଁଥିରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କୋଠ ଭୋଗ ଏବଂ ମହାପ୍ରସାଦ ପାଇଁ ରସାୟନ ମୁକ୍ତ ଜୈବିକ ସୁଗନ୍ଧିତ ଚାଉଳ ଏବଂ ଡାଲି ଯୋଗାଇ ଦିଆଯାଉଛି । ଏଥିପାଇଁ ମୋଟ ୨୨୦ ହେକ୍ଟର ଜମିରେ ଗୋବିନ୍ଦଭୋଗ ଝିଲ୍ଲି ଧାନ ଏବଂ ୫୦ ହେକ୍ଟର ଜମିରେ ଦେଶୀ ମୁଗ ଚାଷ ହେଉଛି । ଦ୍ୱିତୀୟ ଯୋଜନା ଅଧିନରେ ୮ଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି । ଯେଉଁଥିରେ ୨୬ ହଜାର ୮୭୨ ଜଣ ହିତାଧିକାରୀଙ୍କୁ ନେଇ ୧୬ ହଜାର ୬୦୦ ହେକ୍ଟର ଜମିରେ ଜୈବିକ ଚାଷ ଆରମ୍ଭ ହୋଇଛି । ଜୈବିକ ଚାଷ ପାଇଁ ୧୧ଟି ଜିଲ୍ଲାର ୧୬ ହଜାର ୮୭୦ ହେକ୍ଟର ଜମିକୁ ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା ମାଧ୍ୟମରେ ସାର୍ଟିଫାଏ କରାଯାଇଛି ।

ଏହାସହ କେନ୍ଦ୍ର ସରକାରଙ୍କ ପରମ୍ପରାଗତ କୃଷି ବିକାଶ ଯୋଜନା ଏବଂ ନ୍ୟାସନାଲ ମିଶନ ଅନ୍ ନେଚୁରାଲ୍ ଫାର୍ମିଂ ଯୋଜନା ମଧ୍ୟ କାର୍ଯ୍ୟକାରୀ ହେଉଛି । ବଳଭଦ୍ର ଜୈବିକ ଚାଷ ମିଶନରେ ୧୬ ହଜାର ୮୭୦ ହେକ୍ଟର, ପିକେଭିୱାଇରେ ୬ ହଜାର ୫୦୦ ହେକ୍ଟର, ଏମଏନଏମଏଫରେ ୨୪ ହଜାର ୧୫୦ ହେକ୍ଟର, ଏପରି ଭାବେ ମୋଟ ୪୭ ହଜାର ୫୨୦ ହେକ୍ଟର ଜମିରେ ଅର୍ଗାନିକ ଫାର୍ମିଂ ହେଉଛି । ଚଳିତ ବର୍ଷ ୨୭ ହଜାର ୭୨୧ ଚାଷୀ ଚାଷ କରୁଛନ୍ତି । ଏଥିପାଇଁ ସରକାରଙ୍କ ତରଫରୁ ୩୮.୫୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଯେଉଁଥିରୁ ଜାନୁଆରୀ ମାସ ସୁଦ୍ଧା ୧୩.୨୩ କୋଟି ଟଙ୍କା ବିନିଯୋଗ କରାଗଲାଣି । ଆଗାମୀ ୫ ବର୍ଷ ଭିତରେ ୯୧.୩୪ କୋଟି ଟଙ୍କା ଖର୍ଚ୍ଚ କରିବେ ସରକାର । ଜୈବିକ ଚାଷ ପାଇଁ ଜମିକୁ ପ୍ରସ୍ତୁତ କରିବାକୁ ୩ ବର୍ଷ ସମୟ ଲାଗେ । ସେଥିପାଇଁ ଚାଷୀଙ୍କୁ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି ରାଜ୍ୟ ସରକାର । ପ୍ରଥମ ବର୍ଷ ପାଇଁ ହେକ୍ଟର ପିଛା ୧୨ ହଜାର ୫୦୦ ଟଙ୍କା, ଦ୍ୱିତୀୟ ବର୍ଷ ୧୦ ହଜାର ଟଙ୍କା, ତୃତୀୟ ବର୍ଷ ୭ ହଜାର ୫୦୦ ଟଙ୍କା ଦିଆଯାଉଛି ।

# କଣ୍ଟାପଡା ତହସିଲଦାରଙ୍କ ଏକକାଳୀନ ୭ଟି ସ୍ଥାନରେ ଭିଜିଲାନ୍ସର ଚଢ଼ଉ



**କଟକ, ନ୍ୟୁଜ ବ୍ୟୁରୋ**

ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ କଟକ କଣ୍ଟାପଡା ତହସିଲଦାର ଓଏଏସ ଅଫିସର ପ୍ରସନ୍ନ କୁମାର ସାମନ୍ତରାୟଙ୍କ ଘରେ ଭିଜିଲାନ୍ସ ଚଢ଼ଉ କରିଛି । ୭ଟି ସ୍ଥାନରେ ଏକକାଳୀନ ଚଢ଼ଉ କରିଛି ଭିଜିଲାନ୍ସ । କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଚଢଉ କରାଯାଉଛି । ଓଡ଼ିଶା ଭିଜିଲାନ୍ସ ଦ୍ୱାରା ୨ ଜଣ ଅତିରିକ୍ତ ପୋଲିସ ଅଧୀକ୍ଷକ (ଅତିରିକ୍ତ ଏସପି), ୮ ଜଣ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ (ଡ଼ିଏସପି), ୧୧ ଜଣ ଇନ୍ସପେକ୍ଟର, ୫ ଜଣ ସହାୟକ ଉପ-ନିରୀକ୍ଷକ (ଏଏସଆଇ) ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ କଟକ, ଭୁବନେଶ୍ୱର (ଖୋର୍ଦ୍ଧା), ପୁରୀ ଏବଂ କେନ୍ଦ୍ରାପଡ଼ା ଜିଲ୍ଲାର ୭ଟି ସ୍ଥାନରେ ଏକକାଳୀନ ଯାଞ୍ଚ ଚାଲିଛି । ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱର କେଶୁରାରେ ପ୍ରସନ୍ନଙ୍କ ଦୁଇଟି କୋଠା ଠାବ ହୋଇଛି । ଏହାମଧ୍ୟରେ ଗୋଟିଏ ୩ ମହଲା ବିଶିଷ୍ଟ କୋଠା ଏବଂ ଅନ୍ୟ ତିନି ମହଲା କୋଠାର ନିର୍ମାଣ ଚାଲୁ ରହିଛି । ସେହିପରି ଭୁବନେଶ୍ୱର ସହରରେ ୭ଟି ବହୁମୂଲ୍ୟର ପ୍ଲଟ ମଧ୍ୟ ଠାବ ହୋଇଛି । କୋଠା ଓ ପ୍ଲଟଗୁଡ଼ିକର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ ଉଇଙ୍ଗ୍ ହିସାବ କରୁଛି । ସେହିପରି ପ୍ରସନ୍ନଙ୍କ ଘରୁ ନଗଦ ୨ ଲକ୍ଷ ୧୫ ହଜାର ୮୯୦ ଟଙ୍କା ଜବତ ହୋଇଛି । ଏଥିସହ ଗୋଟିଏ ଚାରି ଚକିଆ ଯାନ (ମାରୁତି ବ୍ରିଜା) ଓ ୩ଟି ଦୁଇ ଚକିଆ ଯାନ ଠାବ ହୋଇଛି । ତେବେ ପ୍ରସନ୍ନଙ୍କ ବ୍ୟାଙ୍କ ଓ ପୋଷ୍ଟାଲ ଜମା ଏବଂ ଅନ୍ୟାନ୍ୟ ନିବେଶ ସଂକ୍ରାନ୍ତରେ ଭିଜିଲାନ୍ସ ଟିମ୍ ଜାଣିବାକୁ ପ୍ରୟାସ ଜାରି ରଖିଛି । ଭିଜିଲାନ୍ସ ପକ୍ଷରୁ ପ୍ରସନ୍ନଙ୍କ ଚାକିରି ସମ୍ବନ୍ଧରେ ଦିଆଯାଇଥିବା ସୂଚନା ଅନୁଯାୟୀ, ସେ ୨୦୦୦ ମସିହା ଜାନୁଆରୀ ୨୧ରେ 'ଲୋକାଲ ଫଣ୍ଡ ଅଡିଟର' ଭାବେ ସରକାରୀ ଚାକିରି ଆରମ୍ଭ କରିଥିଲେ । ସେତେବେଳେ ତାଙ୍କ ଦରମା ମାତ୍ର ୫ ହଜାର ୧୩୦ ଟଙ୍କା ଥିଲା । ଓଏଏସ ଅଧିକାରୀ ପ୍ରସନ୍ନ ସାମନ୍ତରାୟଙ୍କ ବିରୁଦ୍ଧରେ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗ ଆସିଥିଲା । ଏନେଇ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଭିଜିଲାନ୍ସ ଅଧିକାରୀମାନେ କହିଛନ୍ତି ଯେ, ତଲାସୀ ପ୍ରକ୍ରିୟା ଏବେ ବି ଜାରି ରହିଛି ଏବଂ ସମ୍ପତ୍ତି, ଡକ୍ୟୁମେଣ୍ଟ ଏବଂ ଅନ୍ୟାନ୍ୟ ପ୍ରମାଣ ପତ୍ର ଯାଞ୍ଚ କରାଯାଉଛି । ଯାଞ୍ଚ ପ୍ରକ୍ରିୟା ଶେଷ ହେବା ପରେ ଅଧିକ ବିବରଣୀ ପ୍ରକାଶ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି ।

# ପୂର୍ବତଟ ରେଳପଥ ଦେଇ ୨ଟି ନୂତନ ଅମୃତ ଭାରତ ଏକ୍ସପ୍ରେସ ଟ୍ରେନ ଚଳାଚଳ କରିବ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଦୂରଗାମୀ ରେଳ ସଂଯୋଗୀକରଣ ବୃଦ୍ଧି କରିବା ଏବଂ ଯାତ୍ରୀମାନଙ୍କୁ ଉନ୍ନତ ଯାତ୍ରା ସୁବିଧା ପ୍ରଦାନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଭାରତୀୟ ରେଳବାଇ ପୂର୍ବ ତଟ ରେଳପଥ ର କ୍ଷେତ୍ରାଧିକାର ଦେଇ ଯିବାକୁଥିବା ଦୁଇଟି ନୂତନ ଅମୃତ ଭାରତ ଏକ୍ସପ୍ରେସ ଟ୍ରେନ ପ୍ରଚଳନ କରିଛି । ଏହି ଟ୍ରେନଗୁଡ଼ିକ ଯାତ୍ରୀମାନଙ୍କୁ ସୁଲଭ ଏବଂ ଆରାମଦାୟକ ଯାତ୍ରା ପ୍ରଦାନ କରିବା ସହିତ ଉତ୍ତର-ପୂର୍ବ ଭାରତ, ପୂର୍ବ ଭାରତ ଏବଂ ଦକ୍ଷିଣ ଭାରତର ଗୁରୁତ୍ୱପୂର୍ଣ୍ଣ ଅଂଚଳଗୁଡ଼ିକୁ ସଂଯୋଗ କରିବ । କାମାକ୍ଷା – ଚର୍ଲାପାଲ୍ଲି ସାପ୍ତାହିକ ଅମୃତ ଭାରତ ଏକ୍ସପ୍ରେସ, ଭାରତର ଉତର-ପୂର୍ବ ଏବଂ ଦକ୍ଷିଣ ଭାଗ ମଧ୍ୟରେ ସିଧାସଳଖ ରେଳ ସଂଯୋଗ ପ୍ରଦାନ କରିବ । ଯାତ୍ରା ସମୟରେ, ଏହି ଟ୍ରେନ୍ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶର ଅନେକ ଜିଲ୍ଲା ଯଥା ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ଖୋର୍ଦ୍ଧା, ଗଞ୍ଜାମ, ଶ୍ରୀକାକୁଲମ୍ ଏବଂ ବିଶାଖାପାଟଣାମ୍ ଦେଇ ଚଳାଚଳ କରିବ, ଯାହା ଉତ୍ତର-ପୂର୍ବ ଏବଂ ଦକ୍ଷିଣ ଭାରତକୁ ଉନ୍ନତ ସଂଯୋଗ ପ୍ରଦାନ କରି ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ଆଖପାଖ ଅଞ୍ଚଳର ଯାତ୍ରୀମାନଙ୍କୁ ଉପକୃତ କରିବ । ଏହି ଟ୍ରେନଟି ପ୍ରତି ରବିବାର କାମାକ୍ଷାରୁ ଏବଂ ପ୍ରତି ବୁଧବାର ଚର୍ଲାପାଲ୍ଲିରୁ ପ୍ରସ୍ଥାନ କରିବ ।

ପୋତନୁର–ଧାନବାଦ ଅମୃତ ଭାରତ ସାପ୍ତାହିକ ଏକ୍ସପ୍ରେସ୍ ତାମିଲନାଡୁର ପୋତନୁରକୁ ପୂର୍ବ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ସହର ଧନବାଦ ସହିତ ସଂଯୋଗ କରିବ । ଟ୍ରେନଟି ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶର ଅନେକ ଜିଲ୍ଲା ଯଥା ବିଶାଖାପାଟଣାମ୍, ବିଜୟନଗରମ୍, ପାର୍ବତୀପୁରମ୍ ମାନ୍ୟମ୍, ରାୟଗଡ଼ା, କଳାହାଣ୍ଡି, ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲ୍ଲା ଦେଇ ଚଳାଚଳ କରିବ, ଯାହା ଦକ୍ଷିଣ ଭାରତ ଏବଂ ପୂର୍ବ ଭାରତର କୋଇଲା ବେଲ୍ଟ ଅଂଚଳ ମଧ୍ୟରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପାଇଁ ଉନ୍ନତ ରେଳ ସଂଯୋଗ ପ୍ରଦାନ କରିବ । ଏହି ଟ୍ରେନ୍ ପ୍ରତି ଶନିବାର ପୋତନୁରରୁ ଏବଂ ପ୍ରତି ସୋମବାର ଧାନବାଦରୁ ଛାଡ଼ିବ । ଅମୃତ ଭାରତ ଏକ୍ସପ୍ରେସ ହେଉଛି ଏକ ଆଧୁନିକ ଏଲଏଚବି ରେକ୍ ଟ୍ରେନ ଯାହା ଉନ୍ନତ ପୁସ୍-ପୁଲ୍ ପ୍ରଯୁକ୍ତିବିଦ୍ୟାରେ ସଜ୍ଜିତ, ଉନ୍ନତ ଗତି, ସୁଗମ କାର୍ଯ୍ୟ ଏବଂ ବର୍ଦ୍ଧିତ ଯାତ୍ରୀ ଆରାମ ପ୍ରଦାନ କରେ । ଏହି ଟ୍ରେନରେ ଏରଗୋନୋମିକାଲି ଡିଜାଇନ୍ ହୋଇଥିବା ବର୍ଥ, ମଡ୍ୟୁଲାର୍ ଶୌଚାଳୟ, ଏଲଇଡି ଆଲୋକୀକରଣ, ସିସିଟିଭି ନିରୀକ୍ଷଣ ଏବଂ ମୋବାଇଲ୍ ଚାର୍ଜିଂ ଭଳି ସୁବିଧା ସମେତ ଆଧୁନିକ ଯାତ୍ରୀ ସୁବିଧା ପ୍ରଦାନ କରାଯାଇଛି ।

## ଓଡ଼ିଆ ଭାଷାର ବ୍ୟବହାର ବୃଦ୍ଧି କରିବାକୁ ନବୀନ ପଟ୍ଟନାୟକଙ୍କ ଆହ୍ୱାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସରେ ଓଡ଼ିଆ ଭାଷାର ବ୍ୟବହାର ବୃଦ୍ଧି କରିବାକୁ ନବୀନ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ଭାଷା ଆମ ଓଡ଼ିଆ, ସବୁଠୁ ବଢ଼ିଆ । ଓଡ଼ିଆ ଭାଷାର ମାଧୁର୍ଯ୍ୟ ଏହାକୁ ସବୁ ଭାଷାଠୁ ଅଲଗା କରିଛି । ୨୦୧୪ ମସିହା ଆଜିର ଦିନରେ ପ୍ରତିଟି ଓଡ଼ିଆଙ୍କ ଉଦ୍ୟମରେ ଆମ ଭାଷା ଓଡ଼ିଆ ଶାସ୍ତ୍ରୀୟ ମାନ୍ୟତା ପାଇଥିଲା । ଏହା ପଛରେ ଅତୁଳନୀୟ ଥିବା ମହାପୁରୁଷଙ୍କ ପ୍ରତି ମୋର ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଉଛି । ଓଡ଼ିଆ ଭାଷାର ବ୍ୟବହାର ବୃଦ୍ଧି କରି ଏହାର ଆଦର ବଢ଼ାଇବା ଦିଗରେ ଆସନ୍ତୁ ସମସ୍ତେ ଆଗକୁ ବଢ଼ିବା ।

# ଓଡ଼ିଆ ଭାଷା ଆମ ଜାତିର ଜୀବନରେଖା : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସରେ ଶୁଭକାମନ ଜଣାଇ ଏହା ଆମ ଜାତିର ଜୀବନ ରେଖା ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସର ଶୁଭକାମନା । ଓଡ଼ିଆ ଭାଷା ଆମ ଜାତିର ଜୀବନରେଖା । ଏହି ପବିତ୍ର ଅବସରରେ ଆସନ୍ତୁ ଶପଥ ନେବା – ଆମେ ଓଡ଼ିଆରେ କହିବା, ଓଡ଼ିଆରେ ଲେଖିବା ଏବଂ ଆମ ଭାଷାର ଗୌରବକୁ ଅକ୍ଷୁର୍ଣ୍ଣ ରଖିବା । ଜୟ ଜଗନ୍ନାଥ, ବନ୍ଦେ ଉତ୍କଳ ଜନନୀ ।ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସରେ ଶୁଭକାମନ ଜଣାଇ ଏହା ଆମ ଜାତିର ଜୀବନ ରେଖା ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ।

ଭୁବନେଶ୍ୱର, ୧୨ମାର୍ଚ୍ଚ, ଗୁରୁବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# 'ହେବିଅସ୍ କର୍ପସ' ମାମଲାକୁ ପ୍ରମାଣ ଯୋଗାଡ଼ କରିବାକୁ ଖୋଜି ବାହାର କରିବା ପାଇଁ ବ୍ୟବହାର କରାଯାଇ ପାରିବ ନାହିଁ : ହାଇକୋର୍ଟ



**କଟକ, ୧୧/୦୩**
**ନ୍ୟୁଜ ବ୍ୟୁରୋ**

ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ। କାହା ବିରୋଧରେ ପ୍ରମାଣ ଯୋଗାଡ଼ କରିବା ବା ହାସଲ କରିବା ପାଇଁ 'ହେବିଅସ୍ କର୍ପସ୍'କୁ ଏକ ମାଧ୍ୟମ ଭାବେ ବ୍ୟବହାର କରାଯାଇ ପାରିବ ନାହିଁ। ଜଣେ ବିବାହିତା ଝିଅ କେଉଁଠି ରହୁଛନ୍ତି ତାହା ଜାଣିବା ଲାଗି ରୁଜୁ ମାମଲାକୁ ଖାରଜ କରିବା ଅବସରରେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହା କହିଛନ୍ତି । ସୂଚନାନୁଯାୟୀ, ମନୋରମା ଦାସ ନାମକ ଜଣେ ମହିଳା ତାଙ୍କ ଝିଅ କେଉଁଠି ଏବଂ କିପରି ଅବସ୍ଥାରେ ରହୁଛି ତାହା ଜାଣିବା ଲାଗି ହାଇକୋର୍ଟରେ ଏହି 'ହେବିଅସ୍ କର୍ପସ୍' ମାମଲା ରୁଜୁ କରିଥିଲେ । ଏଥିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ, ଆବେଦନକାରିଣୀଙ୍କ ଝିଅ ବିବାହ କରିବା ପରେ ତାଙ୍କ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା । ଏନେଇ ବିବାହ ବିଚ୍ଛେଦ ମାମଲା ନିମ୍ନ ଅଦାଲତରେ ରୁଜୁ ହୋଇଛି । ଆବେଦନକାରିଣୀଙ୍କ ଝିଅ ନିଜ ଇଚ୍ଛାରେ ତାଙ୍କ ଶାଶୂଘର ଛାଡ଼ି ଦୂରରେ ରହୁଛନ୍ତି । ଆହୁରି ମଧ୍ୟ ଆବେଦନକାରିଣୀଙ୍କ ଝିଅ ୨୦୨୪ରେ ଥାନାରେ ଉପସ୍ଥିତ ହୋଇ ନିଜ ଆଡୁ ଜଣାଇଥିଲେ ଯେ, ସେ ଶାଶୂଘରେ କିମ୍ବା ତାଙ୍କ ବାପଘରେ ରହିବା ପାଇଁ ଚାହୁଁନାହାନ୍ତି । ତାଙ୍କ ନିଜ ଇଚ୍ଛାରେ ସେ ଅନ୍ୟ ଏକ ଘରେ ରହୁଛନ୍ତି । ଆବେଦନକାରିଣୀଙ୍କ ପକ୍ଷରୁ ଜବାବରେ ଦର୍ଶାଯାଇଥିଲା ଯେ, ଯେହେତୁ ସେ ଜଣେ ମା' ତେଣୁ ତାଙ୍କ ଝିଅ ବିଷୟରେ ସେ ଜାଣିବା ପାଇଁ ଚାହାନ୍ତି । ହାଇକୋର୍ଟ ଏହି ପରିପ୍ରେକ୍ଷୀରେ କହିଛନ୍ତି ଯେ, ହେବିଅସ୍ କର୍ପସ ମାମଲାକୁ କୌଣସି ପ୍ରମାଣ ଯୋଗାଡ଼ କରିବା ବା କାହାରିକୁ ଖୋଜି ବାହାର କରିବା ପାଇଁ ବ୍ୟବହାର କରାଯାଇ ପାରିବ ନାହିଁ । ଯେହେତୁ ଝିଅକୁ କେହି ଜବରଦସ୍ତି ଅଟକାଇ ନାହିଁ କିମ୍ବା ବେଆଇନ ଭାବେ ନିଜ ପାଖରେ ରଖିନାହିଁ ଏବଂ ଝିଅ ନିଜ ଇଚ୍ଛାରେ ଏକୁଟିଆ ରହିବାକୁ ଚାହୁଁଛନ୍ତି ସେ କ୍ଷେତ୍ରରେ ଅଦାଲତ ତାଙ୍କୁ ତାଙ୍କ ବାପ ଘର ଅବା ଶାଶୂଘର ସହ ଯୋଗାଯୋଗ କରିବା ଲାଗି ବାଧ୍ୟ କରିପାରିବେ ନାହିଁ ବୋଲି ହାଇକୋର୍ଟ ମତ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ହାଇକୋର୍ଟ ଆବେଦନକାରିଣୀଙ୍କ ପିଟିସନ୍‌କୁ ଖାରଜ କରି ଦେଇଛନ୍ତି ।

# ନୂଆ କରି ଆସିଲା ରିଙ୍ଗଟେଲ ଲେମୁର, ଦେଖିବାକୁ ଲାଗିବ ଭିଡ଼

**ବାରଙ୍ଗ ୧୧।୩**
**ନ୍ୟୁଜ ବ୍ୟୁରୋ**

ନନ୍ଦନକାନନ ପାଇଁ ଖୁସି ଖବର। ଯାଇଥିଲେ ପୁରୁଣା, ଆସିଲେ ନୂଆ । ୧୫ ବଦଳରେ ଆସିଲେ ୧୧ । ଦେଖିବାକୁ ଲାଗିବ ପର୍ଯ୍ୟଟଙ୍କ ଭିଡ଼ । ସଂଗରୋଧରେ ରହିବା ପରେ ଛଡ଼ାଯିବ ଖୁଆଡ଼ରେ । କର୍ତ୍ତୃପକ୍ଷଙ୍କ ଖୁସି କହିଲେ ନସରେ । ପର୍ଯ୍ୟଟକଙ୍କ ମଧ୍ୟରେ ରହିଛି ବେଶ୍ ଉତ୍କଣ୍ଠା । ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଶୋଭା ବଢ଼ାଇବ ରିଙ୍ଗଟେଲ ଲେମୁର । ନୂଆ କରି ରିଙ୍ଗଟେଲ ଲେମୁରକୁ ଦେଖିବାକୁ ପାଇବେ ପର୍ଯ୍ୟଟକ ।

ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ଜନ୍ତୁ ଅଦଳ ବଦଳ ପ୍ରକ୍ରିୟାରେ ୫ ପ୍ରଜାତିର ୧୧ ଜୀବଜନ୍ତୁ ଆସିଛନ୍ତି । ଏଥିରେ ଗୋଟିଏ ଅଣ୍ଡିରା ଓ ଗୋଟିଏ ମାଈ ବଳିଆ କୁକୁର, ଗୋଟିଏ ଅଣ୍ଡିରା ଓ ଗୋଟିଏ ମାଈ ରିଙ୍ଗଟେଲ ଲେମୁର, ଗୋଟିଏ ଅଣ୍ଡିରା କୁକାଟୁଆ, ଗୋଟିଏ ଅଣ୍ଡିରା ଓ ଗୋଟିଏ ମାଈ ନୀଳଗାଈ ଓ ଦୁଇଟି ଅଣ୍ଡିରା ଓ ଦୁଇଟି ମାଈ ବନେଟ ମାଙ୍କଡ଼ ଆସିଛନ୍ତି । ବୁଧବାର ଭୋରରୁ ଏହି ଜୀବଜନ୍ତୁ ମାନେ ଆସି ନନ୍ଦନକାନନରେ ପହଞ୍ଚିଥିବା ଦେଖିବାକୁ ମିଳିଛି । ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା କରାଯିବା ପରେ ପ୍ରାଣୀ ଉଦ୍ୟାନର ସଂଗରୋଧ ଗୃହରେ ରଖାଯାଇଛି । ୧୫ରୁ ୩୦ ଦିନ ରହିବା ପରେ ସେମାନଙ୍କୁ ଖୁଆଡରେ ଛଡ଼ାଯିବ ।

ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ବିଶାଖାପାଟଣା ଇନ୍ଦିରାଗାନ୍ଧୀ ଚିଡ଼ିଆଖାନା ମଧ୍ୟରେ ଜୀବଜନ୍ତୁ ଅଦଳବଦଳ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଜନ୍ତୁ ଅଦଳବଦଳ କରିବା ଦ୍ୱାରା ନନ୍ଦନକାନନରେ ଥିବା ଜୀବଜନ୍ତୁଙ୍କ ରକ୍ତ ସମ୍ପର୍କ ବଦଳିବା ସହିତ ମୃତ୍ୟୁହାର କମିପାରିବ । ଏଥିପାଇଁ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ ଅନୁମତି ପ୍ରଦାନ କରିଥିଲେ। ଅଦଳ ବଦଳ ପ୍ରକ୍ରିୟା ଯୋଗୁଁ ପର୍ଯ୍ୟଟକ ନୂଆ ଜନ୍ତୁ ଭାବରେ ରିଙ୍ଗଟେଲ ଲେମୁର ଦେଖିପାରିବେ । ଉଲ୍ଲେଖଯୋଗ୍ୟ ଯେ, ଗତ ୭ ତାରିଖରେ ନନ୍ଦନକାନନରୁ ୫ ପ୍ରଜାତିର ୧୫ ଜୀବଜନ୍ତୁ ବିଶାଖାପାଟଣା ଇନ୍ଦିରାଗାନ୍ଧୀ ଚିଡ଼ିଆଖାନା ଯାଇଥିଲେ । ସେଥିରେ ଗୋଟିଏ ଅଣ୍ଡିରା ଓ ଦୁଇଟି ମାଈ ବାରାସିଙ୍ଗା, ଗୋଟିଏ ଅଣ୍ଡିରା ଓ ଦୁଇଟି ମାଈ ଚଉସିଙ୍ଗା, ଦୁଇଟି ଅଣ୍ଡିରା ଓ ଦୁଇଟି ମାଈ ଗୁରାଣ୍ଡି, ଗୋଟିଏ ଅଣ୍ଡିରା ଓ ଦୁଇଟି ମାଈ ଘଡିଆଳ କୁମ୍ଭୀର, ଗୋଟିଏ ଅଣ୍ଡିରା ଓ ଗୋଟିଏ ମାଈ ଆସାମୀ ମାଙ୍କଡ଼ ଯାଇଥିଲେ ।

# ସୋସିଆଲ ମିଡିଆରେ ନ୍ୟାୟପାଳିକାକୁ ଦୁର୍ନୀତିଗ୍ରସ୍ତ କହୁଥିବା ଲୋକଙ୍କୁ ଛଡ଼ାଯିବ ନାହିଁ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୧/୦୩**



ଏନ୍‌ସିଇଆରଟି ପାଠ୍ୟପୁସ୍ତକରେ ନ୍ୟାୟପାଳିକାରେ ଦୁର୍ନୀତି ଅଧ୍ୟାୟକୁ ନେଇ ସୃଷ୍ଟି ହୋଇଥିବା ବିବାଦର ଶୁଣାଣି ସମୟରେ ସୁପ୍ରିମକୋର୍ଟ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଶୁଣାଣି ସମୟରେ କହିଛନ୍ତି ଯେ, ତଥାକଥିତ ସାମାଜିକ ଗଣମାଧ୍ୟମରେ କିଛି ବ୍ୟକ୍ତି ଦାୟିତ୍ୱହୀନ ଭାବରେ କାର୍ଯ୍ୟ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ନ୍ୟାୟପାଳିକା ବିରୋଧରେ ଅପମାନଜନକ ମନ୍ତବ୍ୟ ଦେଇଥିବା ଲୋକଙ୍କୁ କୋର୍ଟ ଛାଡ଼ିବ ନାହିଁ।

ସେଭଳି ଗୁଣ୍ଡା ବ୍ୟକ୍ତିଙ୍କୁ କଠୋର ଦଣ୍ଡ ଦିଆଯିବ। ସିଜେଆଇ ସୂର୍ଯ୍ୟକାନ୍ତ ଭାରତ ସରକାରଙ୍କୁ ଏପରି କାର୍ଯ୍ୟ ପାଇଁ ଦାୟୀ ପ୍ଲାଟଫର୍ମ ଏବଂ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ଦ୍ୱାରା ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ଆଇନ ତା କାର୍ଯ୍ୟ କରିବା ଉଚିତ ବୋଲି ସେ କହିଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି ଯେ ଯେଉଁମାନେ ସମାଲୋଚନାମୂଳକ ମନ୍ତବ୍ୟ ଦେଉଛନ୍ତି ସେମାନଙ୍କୁ ନ୍ୟାୟାଳୟକୁ ଅଣାଯିବ। ସେମାନେ ଦେଶ ବାହାରେ ଥିଲେ ମଧ୍ୟ ଅଣାଯିବ। ସେମାନଙ୍କୁ ଛଡ଼ାଯିବ ନାହିଁ।ନ୍ୟାୟପାଳିକାର ମର୍ଯ୍ୟାଦା ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସୋସିଆଲ ମିଡିଆରେ ଦିଆଯାଇଥିବା ଏପରି ମନ୍ତବ୍ୟକୁ ଗମ୍ଭୀରତାର ସହ ନିଆଯିବ।

ନ୍ୟାୟପାଳିକାରେ ଦୁର୍ନୀତି ସମ୍ପର୍କିତ ଏନ୍‌ସିଇଆରଟି ପାଠ୍ୟପୁସ୍ତକର ଅଧ୍ୟାୟର ଶୁଣାଣି ସମୟରେ, ସୁପ୍ରିମକୋର୍ଟ ଏନ୍‌ସିଇଆରଟି ନିର୍ଦ୍ଦେଶକଙ୍କ ମତ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। କମିଟିରେ ଜଣେ ଖ୍ୟାତିସମ୍ପନ୍ନ ଆଇନବିତ୍ ନଥିବା ନେଇ କୋର୍ଟ ନିରାଶା ଭାବ ପ୍ରକାଶ କରିଛନ୍ତି। ଯଦି ଅଧ୍ୟାୟଟି ପୁନଃ ଲେଖାଯାଏ ତେବେ ଡୋମେନ୍ ବିଶେଷଜ୍ଞଙ୍କ ଏକ କମିଟି ଏହାକୁ ଅନୁମୋଦନ ନ କରିବା ପର୍ଯ୍ୟନ୍ତ ପ୍ରକାଶିତ କରାଯିବ ନାହିଁ।

# ପଶ୍ଚିମବଙ୍ଗରେ ଫୁଟିବ ପଦ୍ମ, ଜିତିବ ବିଜେପି: ମୁଖ୍ୟମନ୍ତ୍ରୀ

**କୋଲକାତା, ୧୧/୦୩**



ବିଧାନସଭା ନିର୍ବାଚନ ନେଇ ସରଗରମ ପଶ୍ଚିମବଙ୍ଗ ରାଜନୀତି । ବର୍ତ୍ତମାନ ସୁଦ୍ଧା ନିର୍ବାଚନ ତାରିଖ ଘୋଷଣା ହୋଇନଥିଲେ ମଧ୍ୟ ମଇଦାନରେ ଦେଖିବାକୁ ମିଳିଲାଣି ରାଜନୈତିକ ଉଷ୍ମତା । ଟିଏମସିଠୁ ନେଇ ବିଜେପି ପ୍ରତ୍ୟେକ ଜିଲ୍ଲାରେ ସଂଗଠନ ସଜାଡିବା ଆରମ୍ଭ କରିବା ସହ ପ୍ରଚାର ଆରମ୍ଭ କରିଦେଲେଣି । ଇଷ୍ଟ ମେଦିନାପୁର ପରିବର୍ତ୍ତନ ଯାତ୍ରାରେ ସାମିଲ ହୋଇ ବିଜେପି ଜିତିବା ନେଇ ଦୃଢୋକ୍ତି ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

'ପରିବର୍ତ୍ତନ ଜରୁରୀ, ଆମେ ଚାହୁଁ ବିଜେପି ସରକାର' ଏପରି ସ୍ଲୋଗାନ ଦେଇ ବିଜେପି ପକ୍ଷରୁ ପଶ୍ଚିମବଙ୍ଗରେ କିଛି ଦିନ ଧରି ଜାରି ରହିଛି ପରିବର୍ତ୍ତନ ଯାତ୍ରା ଥିଲା ଏହାର ଶେଷଦିନ । ତେବେ ଇଷ୍ଟ ମେଦିନାପୁର ଜିଲ୍ଲା ହରିଦାସପୁରର ତାମଲୁକରେ ଆୟୋଜିତ ହୋଇଥିଲା ଏହି ଯାତ୍ରାରେ ଅତିଥି ଭାବେ ଯୋଗ ଦେଇଥିଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏଥିସହ ବିଜେପି ନେତା ଜେପିଏସ ରାଠୋରେ, କାନ୍ଥିର ପୂର୍ବତନ ସାଂସଦ ଶିଶିର ଅଧିକାରୀ, ତାମଲୁକର ପୂର୍ବତନ ସାଂସଦ ଦିପେନ୍ଦୁ ଅଧିକାରୀଙ୍କ ସମେତ ଅନେକ ନେତା ସାମିଲ ହୋଇଥିଲେ । ପରିବର୍ତ୍ତନ ଶୋଭଯାତ୍ରାରେ ଯୋଗ ଦେଇ ତୃଣମୂଳ କଂଗ୍ରେସକୁ ଜୋରଦାର ଟାର୍ଗେଟ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସଭାକୁ ସମ୍ବୋଧନ କରି କହିଛନ୍ତି, 'ସରକାର ଟଙ୍କା ଚୋରି ପାଇଁ ସିଣ୍ଡିକେଟ୍ ଚଳାଉଛନ୍ତି । ଚାକିରି ନାହିଁ, ଯୁବବର୍ଗଙ୍କ ପାଇଁ କାମ ନାହିଁ । କେନ୍ଦ୍ର ସରକାରଙ୍କ ସମସ୍ତ ପ୍ରକଳ୍ପ ଅର୍ଥ ବ୍ୟର୍ଥ ଯାଉଛି । ଏଥର ନିର୍ବାଚନରେ ବିଜେପି ବିଜୟ ଲାଭ କରିବ ।

ସେହିପରି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନାଁ ନନେଇ ଟାର୍ଗେଟ କରିଛନ୍ତି ମୁଖ୍ୟମନ୍ତ୍ରୀ । ସେ ଆହୁରି କହିଛନ୍ତି, 'ଗତ ନିର୍ବାଚନରେ ସେ ନନ୍ଦିଗ୍ରାମରେ ପରାଜିତ ହୋଇଥିଲେ । ଏଥର ମଧ୍ୟ ହେବେ । ଚଳିତ ନିର୍ବାଚନରେ ବିଜେପିର ସମସ୍ତ ପ୍ରାର୍ଥୀ ଜିତିବେ ।'

ଏହି ଅବସରରେ ଶିଶିର ଅଧିକାରୀ କହିଛନ୍ତି, 'ଆମେ ତାଙ୍କୁ ନନ୍ଦିଗ୍ରାମରୁ ହରାଇଥିଲି । ମେଦିନାପୁରରେ ସେ କେତେ ଶକ୍ତି ପ୍ରଦର୍ଶନ କରିବେ ତାହା ଆମେ ଦେଖିବୁ । ପୂର୍ବରୁ ତାଙ୍କୁ ନନ୍ଦିଗ୍ରାମରୁ ହରାଇଥିଲୁ। ସେ (ମମତା) ଇଷ୍ଟ ମେଦିନାପୁର ବିଷୟରେ ଅଜ୍ଞ, ନନ୍ଦିଗ୍ରାମକୁ ସେ ଜାଣନ୍ତିନି, ଏପରିକି କାନ୍ଥିକୁ ମଧ୍ୟ ଜାଣନ୍ତିନି । ମେଦିନାପୁରରେ ତାଙ୍କୁ ହରାଇବୁ ।'

ସେପଟେ ଶିଶିରଙ୍କ ଟାର୍ଗେଟ ପରେ କାଉଣ୍ଟର କରିଛନ୍ତି ଟିଏମସି ନେତା ସୁପ୍ରକାଶ ଗିରି । ସେ କହିଛନ୍ତି, 'ଶିଶିରବାବୁଙ୍କୁ ବୟସ ହେଲାଣି । ସେ ରାଜନୀତିରେ ଦୀର୍ଘ ବର୍ଷ ହେଲାଣି ଅଛନ୍ତି । କିନ୍ତୁ ବୟସାଧିକ କାରଣରୁ ତାଙ୍କର କିଛି ମନେ ରହୁନି । ସେଥିପାଇଁ ସେ ଭୁଲ୍ କଥା କହୁଛନ୍ତି ।'

# ଦିଲ୍ଲୀ ଏମ୍ସରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସଫଳ ଅସ୍ତ୍ରୋପଚାର



**ଭୁବନେଶ୍ୱର ୧୧।୦୩**
**ନ୍ୟୁଜ ବ୍ୟୁରୋ**

ରାଜସ୍ୱ ମନ୍ତ୍ରୀଙ୍କ ସଫଳ ଅସ୍ତ୍ରୋପଚାର । ନୂଆଦିଲ୍ଲୀ ସ୍ଥିତ ଏମ୍ସରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ହୋଇଛି ସଫଳ ଅସ୍ତ୍ରୋପଚାର । ବିଶିଷ୍ଟ ହୃଦରୋଗ ବିଶେଷଜ୍ଞ ଡାକ୍ତର ଏକେ ବିଶୋଇ ରାଜସ୍ୱ ମନ୍ତ୍ରୀଙ୍କ ଅସ୍ତ୍ରୋପଚାର କରିଥିଲେ । ମାର୍ଚ୍ଚ ୩ ତାରିଖ ଦିନ ହଠାତ୍ ମନ୍ତ୍ରୀ ସୁରେଶ ପୂଜାରୀ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ଏହାପରେ ତୁରନ୍ତ ରାଜସ୍ୱ ମନ୍ତ୍ରୀଙ୍କୁ ଭୁବନେଶ୍ୱର ସ୍ଥିତ ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କର ଚିକିତ୍ସା ଜାରି ରହିଥିଲା। ହେଲେ ଉନ୍ନତ ଚିକିତ୍ସା ଲାଗି ମାର୍ଚ୍ଚ ୫ ତାରିଖରେ ସୁରେଶ ପୂଜାରୀଙ୍କୁ ନୂଆଦିଲ୍ଲୀ ସ୍ଥିତ ଏମ୍ସକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଚିକିତ୍ସା ମଧ୍ୟ ଆରମ୍ଭ ହୋଇଥିଲା । କରୋନାରୀ ଆର୍ଟେରୀ ଡିଜିଜ୍ ଓ ଟ୍ରିପଲ ଭେସେଲ୍ ଡିଜିଜ୍ରେ ଆକ୍ରାନ୍ତ ହୋଇଥିଲେ । ଶେଷରେ ଦିଲ୍ଲୀ ଏମ୍ସରେ ମନ୍ତ୍ରୀ ସୁରେଶ ପୂଜାରୀଙ୍କର ଅସ୍ତ୍ରୋପଚାର ହୋଇଥିଲା। ଅସ୍ତ୍ରୋପଚାର ସଫଳ ହୋଇଥିବା ମଧ୍ୟ ମେଡିକାଲ ପକ୍ଷରୁ ସୂଚନା ଦିଆଯାଇଛି। ବିଶିଷ୍ଟ ଡାକ୍ତର ହୃଦରୋଗ ବିଶେଷଜ୍ଞ ଡାକ୍ତର ଏକେ ବିଶୋଇ ରାଜସ୍ୱ ମନ୍ତ୍ରୀଙ୍କ ଅସ୍ତ୍ରୋପଚାର କରିଥିଲେ । ତେବେ ତାଙ୍କୁ ବିଶ୍ରାମ ପାଇଁ ମେଡିକାଲ ପକ୍ଷରୁ କୁହାଯାଇଛି।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**
ତାରିଖ :-୧୧/୦୩/୨୦୨୬
୬,୮୪,୨୧୮/- ଟଙ୍କା
ସୁନା:-୦୩ ଗ୍ରାମ୍ ୦୦୦ ମିଲିଗ୍ରାମ୍
ରୂପା:-୮୯ ଗ୍ରାମ୍ ୮୦୦ ମିଲିଗ୍ରାମ୍

# ପ୍ରତି ଜିଲ୍ଲାରେ ହେବ ପୁସ୍ତକ ମହୋତ୍ସବ, ବରପୁତ୍ରଙ୍କ ନାଁରେ ନାମିତ ହେବ ପାଭିଲିୟନ

**ଭୁବନେଶ୍ୱର, ୧୧/୦୩**
**ନ୍ୟୁଜ ବ୍ୟୁରୋ**



ପ୍ରତି ଜିଲ୍ଲାରେ ହେବ ଜିଲ୍ଲା ସ୍ତରୀୟ ପୁସ୍ତକ ମହୋତ୍ସବ । ଏଥିପାଇଁ ପ୍ରତି ଜିଲ୍ଲାକୁ ମିଳିବ ସ୍ୱତନ୍ତ୍ର ଆର୍ଥିକ ଅନୁଦାନ। ପୂର୍ବ ନିଷ୍ପତ୍ତି କ୍ରମେ ଚଳିତ ଆର୍ଥିକ ବର୍ଷରୁ ଏହା କାର୍ଯ୍ୟକାରୀ କରିବାକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିଷ୍ପତ୍ତି ନେଇଛି । ଚଳିତ ବର୍ଷ ବିଧାନସଭା ଷ୍ଟାଣ୍ଡିଂ କମିଟି ବି ଜିଲ୍ଲା ସ୍ତରୀୟ ପୁସ୍ତକ ମହୋତ୍ସବ ଆୟୋଜନ ନେଇ ବିଭାଗକୁ ପରାମର୍ଶ ଦେଇଛି।

ସୂଚନାଯୋଗ୍ୟ, ଗତ ୭ ବର୍ଷ ହେବ ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ପୁସ୍ତକ ମହୋତ୍ସବ ଆୟୋଜକ ଅନୁଷ୍ଠାନଙ୍କୁ ନେଇ ସଂସ୍କୃତି ବିଭାଗ ୟୁନିଟ୍-୩ ଇଡକୋ ପ୍ରଦର୍ଶନୀ ପଡ଼ିଆଠାରେ ୧୦ଦିନ ଧରି ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବ ଆୟୋଜନ କରିଆସୁଥିଲା। ଗତ ବର୍ଷଠାରୁ ସଂସ୍କୃତି ବିଭାଗ ଏକାକୀ ପୁସ୍ତକ ମହୋତ୍ସବ ଆୟୋଜନ କରୁଛି। ପୁସ୍ତକ ମହୋତ୍ସବ ପାଇଁ ବାର୍ଷିକ ୩ କୋଟି ଟଙ୍କା ମିଳୁଥିବା ବେଳେ ଚଳିତ ବର୍ଷ ବଜେଟ୍‌ରେ ୨୪ କୋଟି ଟଙ୍କା ବ୍ୟୟବରାଦ ସହ ପ୍ରତି ଜିଲ୍ଲାରେ ପୁସ୍ତକ ମହୋତ୍ସବ କରିବାକୁ ବିଭାଗ ସବୁଜ ସଙ୍କେତ ଦେଇଛି । ଜିଲ୍ଲାୱାରୀ ପୁସ୍ତକ ମହୋତ୍ସବ ପାଇଁ ପ୍ରାୟ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ । ଏଥିପାଇଁ ପୂର୍ବରୁ ସରକାରଙ୍କୁ ସଂସ୍କୃତି ବିଭାଗ ପ୍ରସ୍ତାବ ଦେଇଥିଲା।

ବଜେଟ୍‌ରେ ପୁସ୍ତକ ମହୋତ୍ସବ ପାଇଁ ବ୍ୟୟବରାଦ ବୃଦ୍ଧି ପାଇଥିବା ବେଳେ ପ୍ରତି ଜିଲ୍ଲାରେ ପୁସ୍ତକ ମହୋତ୍ସବ ପାଇଁ ପଥ ପରିଷ୍କାର ହୋଇଛି । ଜିଲ୍ଲା ସ୍ତରୀୟ ପୁସ୍ତକ ମହୋତ୍ସବ ଲାଗି ଏସ୍‌ଓପି ପ୍ରସ୍ତୁତ ହେବ। ଏହି ଅନୁସାରେ ପ୍ରତି ଜିଲ୍ଲାର ଜିଲ୍ଲାପାଳମାନଙ୍କ ଅଧ୍ୟକ୍ଷତାରେ ଗୋଟିଏ କମିଟି ହେବ। ପୁସ୍ତକ ମହୋତ୍ସବ ଆୟୋଜନ ପାଇଁ ଯଥେଷ୍ଟ ପୂର୍ବରୁ ଦିନ ଧାର୍ଯ୍ୟ ହେବ । ଅଧିକରୁ ଅଧିକ ଅଂଶଗ୍ରହଣ ଲାଗି ରାଜ୍ୟ ଭିତରୁ ଏବଂ ରାଜ୍ୟ ବାହାରୁ ପ୍ରକାଶକ ମାନଙ୍କୁ ନିମନ୍ତ୍ରଣ କରାଯିବ। ପ୍ରତି ପୁସ୍ତକ ମହୋତ୍ସବ ମଞ୍ଚକୁ ସେହି ଜିଲ୍ଲାର ଜଣେ ବରପୁତ୍ରଙ୍କ ନାଁରେ ନାମିତ କରାଯିବ। ଏପରିକି ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବରପୁତ୍ରଙ୍କ ପାଭିଲିୟନ୍ ନିର୍ମାଣ କରାଯାଇ ତାଙ୍କର ମୂଲ୍ୟବୋଧ ଓ ସିଦ୍ଧାନ୍ତର ପ୍ରଚାର, ପ୍ରସାର କରାଯିବ । ଓଡ଼ିଆ ଭାଷା, ଓ ସାହିତ୍ୟର ପ୍ରଚାର, ପ୍ରସାର ପାଇଁ ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ସାହିତ୍ୟ ଆଲୋଚନାଚକ୍ରରେ ସାମିଲ କରାଯିବ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ସମ୍ବନ୍ଧୀୟ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ । ମହୋତ୍ସବରେ ଷ୍ଟଲ୍ ଗୁଡ଼ିକ ଅଧିକ ସୁନ୍ଦର ଓ ଆକର୍ଷଣୀୟ କରାଯିବା ସହ ପ୍ରକାଶମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ପାଇଁ ଭଲ ପ୍ରକାଶନୀ ସଂସ୍ଥା ଓ ପ୍ରକାଶକମାନଙ୍କୁ ସମ୍ମାନିତ କରାଯିବ। ଏହି କାର୍ଯ୍ୟକୁ ସୂଚାରୁ ରୂପେ ସମ୍ପାଦନା ପାଇଁ ବିଭାଗ ପକ୍ଷରୁ ଜିଲ୍ଲା ସଂସ୍କୃତି ଉନ୍ନୟନ ଅଧିକାରୀ (ଡିସିଓ)ମାନେ ଜିଲ୍ଲା ସ୍ତରରେ ସମସ୍ତ ସହଯୋଗ କରିବେ ବୋଲି ନିଷ୍ପତ୍ତି ହୋଇଛି ।

# ସାମ୍ବାଦିକମାନଙ୍କୁ ରେଳ ଭଡା ରିହାତି ଓ ଟୋଲପ୍ଲାଜା ଟିକସ ଛାଡ ପାଇଁ ଏଆଇଏନଇଏଫର ଦାବି

**ବାଲେଶ୍ୱର ୧୧/୩ (ନ୍ୟୁଜ)**

ସାମ୍ବାଦିକମାନଙ୍କୁ ରେଳ ଭଡାରେ ମିଳୁଥିବା ପଚାଶ ପ୍ରତିଶତ ରିହାତିକୁ କେନ୍ଦ୍ର ସରକାର କୋଭିଡ କଟକଣା ଆଳରେ ଗତ ମାର୍ଚ୍ଚ ୨୦୨୦ରୁ ସଂପୂର୍ଣ୍ଣ ବନ୍ଦ କରି ଦେଇଛନ୍ତି । ଗଣମାଧ୍ୟମ ପ୍ରତିନିଧିମାନଙ୍କର ଦୂରଦୂରାନ୍ତରକୁ ଯାତାୟତ ପାଇଁ ଏହି ରିହାତି ଯଥେଷ୍ଟ ସହାୟକ ହେଉଥିଲା। କୋଭିଡ କଟକଣା ପ୍ରତ୍ୟାହାର ହୋଇଥିଲେ ମଧ୍ୟ କେନ୍ଦ୍ର ସରକାର ଏହି ରିହାତିର ପୁନଃପ୍ରଚଳନ କରୁ ନଥିବାରୁ ଅଖିଳ ଭାରତ ସମ୍ବାଦପତ୍ର କର୍ମଚାରୀ ସଂଘ (ଏଆଇଏନଇଏଫ)ପକ୍ଷରୁ ବରିଷ୍ଠ ଉପ ସଭାପତି ଚାଲାଦି ପୂର୍ଣ୍ଣଚନ୍ଦ୍ର ରାଓ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି। ଅବିଳମ୍ବେ ସାମ୍ବାଦିକମାନଙ୍କୁ ରେଳ ରିହାତିର ପୁନଃ ପ୍ରଚଳନ ସହିତ ଟୋଲପ୍ଲାଜା ଗୁଡିକରେ ସାମ୍ବାଦିକମାନଙ୍କର ଚାରିଚକିଆ ଯାନକୁ ଟୋଲ ଟିକସ ମୁକ୍ତ କରିବାକୁ ଏଆଇଏନଇଏଫ ଦାବି କରିଛି। ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ (ଓୟୁଡବ୍ଲ୍ୟୁଜେ)ର ସାଧାରଣ ସଂପାଦକ ସଂଘର ରାଜ୍ୟ ସାଧାରଣ ସଂପାଦକ ଜୟାଶୀଷ ରାୟ, ସଂପାଦକ ରବି ରାଉତ ଏକ ପ୍ରସ ବିବୃତିରେ ସାମ୍ବାଦିକ ମାନଙ୍କର ଏହି ନ୍ୟାର୍ଯ୍ୟ ଦାବିକୁ ପୂର୍ଣ୍ଣ ସମର୍ଥନ କରିବା ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ସଡକ ପରିବହନ ଓ ଜାତୀୟ ରାଜମାର୍ଗ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ଅନୁରୋଧ କରିଛନ୍ତି।





**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ଗ୍ୟାସ୍ ନଥିବାରୁ ସତ୍ୟନଗର ଶ୍ମଶାନରେ ହେଇପାରୁନି ଶବ ସତ୍କାର

## କାଠ ବ୍ୟବହାର ପାଇଁ ମେୟରଙ୍କ ପରାମର୍ଶ

**ଭୁବନେଶ୍ୱର, ୧୧/୦୩**
**ନ୍ୟୁଜ ବ୍ୟୁରୋ**



ଶବ ଦାହ ପାଇଁ ଗ୍ୟାସ୍ ନାହିଁ, କାଠରେ ଜାଳ । ଭୁବନେଶ୍ୱର ସତ୍ୟନଗର ମଶାଣିରେ ଶବଦାହ ପାଇଁ ଗ୍ୟାସ୍ ର ଅଭାବ ଦେଖାଯାଇଥିବା ବେଳେ ସମସ୍ୟାର ସମାଧାନ ନହେବା ଯାଏ କାଠରେ ଶବ ଦାହ ହେବ ବୋଲି କହିଛନ୍ତି, ଭୁବନେଶ୍ୱର ମେୟର ସୁଲୋଚନା ଦାସ । '୫ ଦିନ ହେବ ଗ୍ୟାସ୍ ନଥିବାରୁ ସତ୍ୟନଗର ଶ୍ମଶାନରେ ଶବ ଦାହ ବନ୍ଦ ରହିଥିଲା । ଏନେଇ ଖବର ପାଇବା ପରେ ମେୟର କହିଛନ୍ତି, ଗତକାଲି ଏ ସମ୍ବନ୍ଧରେ ମୁଁ ଅବଗତ ହେଲି, ଗ୍ୟାସ୍ ଅଭାବର ଆଜି ଆଉ କାଲି ଭିତରେ ସମାଧାନ ହୋଇଯିବ । ସେ ପର୍ଯ୍ୟନ୍ତ କାଠ ଜାଳେଣି ପର୍ଯ୍ୟାପ୍ତ ରହିଛି । ଅସୁବିଧା କିଛି ହେବାର ନାହିଁ । ଗ୍ୟାସ୍ ର ସମସ୍ୟା ଶେଷ ନହେବା ଯାଏ ସତ୍ୟନଗର ଶ୍ମଶାନରେ କାଠରେ ଶବଦାହ କରାଯିବ,' ବୋଲି ମେୟର କହିଛନ୍ତି।

ତେବେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଗ୍ୟାସ୍ ପେଟଲିୟମ ଆଦି ଯୋଗାଣରେ ଅସ୍ଥିରତା ଦେଖାଦେଇଛି। ବିଶେଷ କରି ଯୁଦ୍ଧ ପରେ ଗ୍ୟାସ ଯୋଗାଣରେ ଅସ୍ଥିରତା ଦେଖାଯାଇଥିବାରୁ ବିଭିନ୍ନ ସ୍ଥାନ ଯେପରିକି, ଶବ ଦାହ, ବ୍ୟବସାୟିକ ଖାଦ୍ୟ ଦୋକାନରେ ଜଟିଳ ସ୍ଥିତି ଦେଖିବାକୁ ମିଳିଛି । ଏଭଳି ସ୍ଥିତିରେ ସତ୍ୟନଗର ଶ୍ମଶାନରେ ଗ୍ୟାସ୍ ଚାଳିତ ଚୁଲା ଗ୍ୟାସ୍ ଅଭାବରୁ ଅଚଳ ହୋଇ ପଡ଼ିଥିବା ବେଳେ ଏଠାରେ ଶବ ଦାହ ଏକ ଚିନ୍ତାର କାରଣ ସାଜିଛି । ସବୁଠାରୁ ବଡ଼ କଥା ହେଉଛି, ଭୁବନେଶ୍ୱରରେ ସମୁଦାୟ ୪ଟି ଗ୍ୟାସ୍ ଚୁଲା ରହିଛି । ଭୁବନେଶ୍ୱରରେ ସତ୍ୟନଗର ସହ ଆଉ ୩ଟି ସ୍ଥାନ ଧର୍ମ ବିହାର, ଆଇଗିଣିଆ, ଜଳିମୁଣ୍ଡା ଶ୍ମଶାନରେ ଶବଦାହ ପାଇଁ ଗ୍ୟାସ୍ ଚୁଲା ରହିଥିବା ବେଳେ ୩ଟିରେ ଗେଲ୍ ର ଗ୍ୟାସ୍ ପାଇପ ସଂଯୋଗ ଯୋଗୁଁ ସେଠାରେ କୌଣସି ଅସୁବିଧା ହେଉନାହିଁ । ହେଲେ ସିଲିଣ୍ଡର ଯୋଗେ ସତ୍ୟ ନଗରରେ ଶବଦାହ ହେଉଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଲା । ଯାହାର ସମାଧାନ ଖୁବ୍ ଶୀଘ୍ର ହେବ ବୋଲି ମେୟର କହିଛନ୍ତି ।

ସେପଟେ ଖାଲି ଶବଦାହ ସ୍ଥାନରେ ନୁହେଁ, ଏଣିକି ଖାଦ୍ୟ ପ୍ରସ୍ତୁତ ପାଇଁ ବି କୋଇଲା ଚୁଲା ଭରସା । ବାୟୁ ପ୍ରଦୂଷଣ ପାଇଁ ରୋକ୍ ଲାଗିଥିବା କାଠ ଓ କୋଇଲା ଚୁଲା ଉପରୁ ଉଠିବ କଟକଣା। ବାୟୁ ପ୍ରଦୂଷଣ ରୋକିବାକୁ ଲାଗୁ କଟକଣା ହଟାଇବ ଈଗଡ଼ । ଗ୍ୟାସ୍ ସଙ୍କଟ ମଧ୍ୟରେ କାଠ ଓ କୋଇଲା ଚୁଲା ବ୍ୟବହାର ଉପରୁ ଆଲୋଚନା ପରେ କଟକଣା ହଟାଇବ ବିଏମସି ବୋଲି କହିଛନ୍ତି, ଭୁବନେଶ୍ୱର ମେୟର । ଗ୍ୟାସ୍ ଯୋଗଣ ସହ ନୂଆ ନିୟମରେ ପରିବର୍ତନ ନହେବା ଯାଏ ଦୋକାନୀ କାଠ ଓ କୋଇଲା ଚୁଲି ଯଳିପାରିବେ।

ସେହିପରି ଗ୍ୟାସ ଅଭାବ ପାଇଁ ଭୁବନେଶ୍ୱର ସତ୍ୟନଗର ଶ୍ମଶାନରେ ଶବଦାହ ବନ୍ଦ ହେବା ଓ ଗ୍ୟାସ ଶବଦାହ ଗୃହରେ ୫ ଦିନ ହେଲା କମର୍ସିଆଲ ଗ୍ୟାସ ନଥିବାରୁ ଗ୍ୟାସରେ ଶବ ଦାହ ବନ୍ଦ ରହିଥିବା ପ୍ରସଙ୍ଗରେ ମେୟର ଆହୁରି କହିଛନ୍ତି ଯେ, ସପ୍ତାହକୁ ୧୪ଟି ଗ୍ୟାସ ଚୁଲା ଦରକାର ପଡ଼େ । ସବୁବେଳେ ଗ୍ୟାସ୍ ମହଜୁଦ ଥାଏ, ୫ ତାରିଖରୁ ବିଏମସିକୁ ଗ୍ୟାସ୍ ଦେଉଥିବା ଏଜେନ୍ସି ସପ୍ଲାଏ ଦେଉନାହାନ୍ତି । ସରକାରଙ୍କ ଦୃଷ୍ଟିଗୋଚର କରିବା ପରେ ଆଜି ହିଁ ଏହାର ସମାଧାନ କରିଦେବେ ବୋଲି ମେୟର କହିଛନ୍ତି। ଗେଲ୍ କୁ ମଧ୍ୟ ଚିଠି ଲେଖା ସରିଲାଣି। ଖୁବଶୀଘ୍ର କନେକ୍ସନ ହେବ । ଆଜିଠୁ ଗ୍ୟାସ୍ ସପ୍ଲାଏ କରାଯିବ । ପୂର୍ବ ଭଳି ସ୍ୱାଭାବିକ ଭାବେ ସତ୍ୟନଗର ଶ୍ମଶାନରେ ଗ୍ୟାସ୍ ଚୁଲାରେ ଶବଦାହ କରାଯିବ ବୋଲି ମେୟର କହିଛନ୍ତି । ସେହିପରି ରାଜଧାନୀରୁ ହଟିବ କୋଇଲା, କାଠ ଜାଳେଣି କଟକଣା ବୋଲି ସେ କହିଛନ୍ତି।

ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ କମର୍ସିଆଲ ଗ୍ୟାସ୍ ଆବଶ୍ୟକ ଠାରୁ କମ୍ ରହିଛି । ଫଳରେ ଛୋଟ ଓ ମଧ୍ୟବିତ୍ତ ହୋଟେଲ ରେଷ୍ଟୁରାଣ୍ଟ ଓ ଚା' ଦୋକାନୀଙ୍କ ଉପରେ ଅଧିକ ପ୍ରଭାବ ପଡ଼ିବ । ବାୟୁ ପ୍ରଦୂଷଣ ପାଇଁ ଭୁବନେଶ୍ୱରରେ କୋଇଲା ଜଳିବାକୁ ମନା କରାଯାଇଥିଲା। ଧୂଆଁ ହେଉଛି, ବାୟୁ ପ୍ରଦୂଷଣ ବଢୁଛି । ଯିଏ କୋଇଲା ଜାଳୁଥିଲା ଫାଇନ କରୁଥିଲା ବିଏମସି। କମର୍ସିଆଲ ଗ୍ୟାସ୍ ଆବଶ୍ୟକ ଅନୁସାରେ ମିଳୁନଥିବାରୁ ଦୋକାନୀମାନେ ଦାବି କରୁଛନ୍ତି କୋଇଲା ଓ କାଠ ଜାଳେଣି ଅନୁମତି ଦେବା ପାଇଁ । ତେଣୁ କିଛି ଦିନ ପାଇଁ ତାଙ୍କୁ କୋଇଲା ଜାଳିବାକୁ ଅନୁମତି ଦିଆଯିବ । ଗ୍ୟାସ୍ ସଙ୍କଟ ଦୂର ହେବା ପର୍ଯ୍ୟନ୍ତ କାଠ ଜାଳେଣି, କୋଇଲା ଆଦିକୁ ଜାଳେଣି ରୂପେ ବ୍ୟବହାର କରିପାରିବେ ବୋଲି ମେୟର କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଅସମ୍ମାନ କରି ନିଲମ୍ବିତ ହେଲେ ଫାୟାରମ୍ୟାନ

**ପାଟଣା ୧୧/୦୩**

ସାର୍ ନିଆଁ ଲାଗିଗଲା । ତୁରନ୍ତ ଆସ। ପାଟଣା ଅଗ୍ନିଶମ କାର୍ଯ୍ୟାଳୟକୁ ଆସିଲା ଫୋନ୍ କଲ୍ । ଫୋନ ପାଇ ଅଗ୍ନିଶମ ବାହିନୀ ଦମକଳ ଗାଡି ନେଇ ନିଆଁ ଲିଭାଇବାକୁ ଯାଇଥିଲେ କାର୍ଯ୍ୟରତ ଫାୟାରମ୍ୟାନ ରାକେଶ ପଣ୍ଡା । ତେବେ ରାକେଶ ରାସ୍ତାରେ ଏକ ଗାଡ ଥିବାରୁ ଗାଡ଼ି ନେବାକୁ ଅମଙ୍ଗ ହୋଇଥିଲେ । କହିଥିଲେ ସେ ସ୍ଥାନକୁ ଯାଇ ପାରିବ ନାହିଁ ଗାଡି । ଗତ ମାର୍ଚ୍ଚ ୩ ତାରିଖରେ ସଦର ନିର୍ବାଚନ ମଣ୍ଡଳୀ କୁମୂଳାବାହାଳୀ ଗ୍ରାମର ଏକ ଶାଳ ଗଛରେ ନିଆଁ ଲାଗିଥିଲା । ପାଟଣା କାଠବାରି ଗ୍ରାମର ଦିନେଶ ମହାନ୍ତ ନିଆଁ ଲିଭା ଗାଡ଼ିକୁ ଗଛ ନିକଟକୁ ଆଣିବାକୁ କହିଥିଲେ। ଶେଷରେ ବାଧ୍ୟ ହୋଇ ପାଇପ ଲଗାଇ ନିଆଁକୁ ଲିଭାଇବାକୁ ଚେଷ୍ଟା କରାଯାଇଥିଲା । ଏହାପରେ ଦିନେଶ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଫୋନ ଲଗାଇ ରାକେଶଙ୍କୁ ଦେଇଥିଲେ। ରାକେଶ ମୁଖ୍ୟମନ୍ତ୍ରୀ ଫୋନରେ ଥିବା କଥାକୁ ବିଶ୍ୱାସ ନ କରି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ମାନିନଥିଲେ। ଏହା ପରେ ତାଙ୍କୁ ନିଲମ୍ବନ କାରାଯାଇଥିବା ପାଟଣା ଅଗ୍ନିଶମ କେନ୍ଦ୍ର ଅଧିକାରୀ ଗୌରହରୀ ହେମ୍ବ୍ରମ କହିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକୁ ଅସମ୍ମାନ କରି ନିଲମ୍ବିତ ହୋଇଛନ୍ତି ।